
# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 21/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 59 | ମୂଲ୍ୟ ₹୭/-

ନେତାଜୀ ଜୟନ୍ତୀ ପୂର୍ବରୁ ମଙ୍ଗଳବାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। **(ଫଟୋ: ରାଜକିଶୋର ମହାନ୍ତି)**

## କେନ୍ଦ୍ରୀୟ ଅଫିସରଙ୍କ ବିରୋଧରେ

# ତଦନ୍ତ କରିବ ରାଜ୍ୟ ପୋଲିସ

## ସିବିଆଇଠାରୁ ଅନୁମତି ନେବା ଆବଶ୍ୟକ ନାହିଁ: ସୁପ୍ରିମକୋର୍ଟ

**କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କୌଣସି କର୍ମଚାରୀ ଦୁର୍ନୀତି କଲେ କିମ୍ବା ଲାଞ୍ଚ ନେଲେ ରାଜ୍ୟ ପୋଲିସ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ କରିପାରିବ। ରାଜ୍ୟ ପୋଲିସ ଅଫିସରମାନେ କେନ୍ଦ୍ରୀୟ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ତଦନ୍ତ ସହ ଚାର୍ଜଶିଟ୍ ଦାଖଲ କରିପାରିବେ। ଏଥିପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଠାରୁ କୌଣସି ପୂର୍ବ ଅନୁମତି ନେବା ଆବଶ୍ୟକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣୁଥିବାବେଳେ ରାଜ୍ୟ ଏଜେନ୍ସିକୁ ସୁପ୍ରିମକୋର୍ଟ ଏପରି କ୍ଷମତା ପ୍ରଦାନ କରିଛନ୍ତି। ଏହା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ଉପରେ ରାଗ ଶୁଝାଇବା ପାଇଁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି।**

ନୂଆଦିଲ୍ଲୀ,୨୦।୧(ପି.ଟି.)

ଲାଞ୍ଚ ଗ୍ରହଣ ଏବଂ ଦୁର୍ନୀତି ମାମଲାରେ ସମ୍ପୃକ୍ତ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ରାଜ୍ୟ ପୋଲିସ କର୍ତ୍ତୃପକ୍ଷ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ମାମଲା ଦାଏର କରିବା ଲାଗି ରାଜ୍ୟ ପୋଲିସକୁ ସିବିଆଇଠାରୁ ପ୍ରାକ୍ ଅନୁମତି ଆଣିବା ଆବଶ୍ୟକ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ, ଅପରାଧର ତଦନ୍ତ ରାଜ୍ୟ ତଦନ୍ତକାରୀ ☞ପୃଷ୍ଠା-୪

## ବିଭାଗ ଉପରେ ଗଡୁଛି ୪୨,୩୫୨ କୋଟିର 'ୟୁସି'

ଭୁବନେଶ୍ୱର,୨୦।୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ବରିଷ୍ଠ ଅଧିକାରୀମାନେ ସରକାରୀ ଅର୍ଥ ଖର୍ଚ୍ଚ କରିବାବେଳେ ଶୃଙ୍ଖଳା ଭିତରେ ରହୁନାହାନ୍ତି। ବିଧାନସଭାକୁ ବିଭାଗ ପକ୍ଷରୁ ବଜେଟ ଅଟକଳ ପାଇଁ ଯେଉଁ ପ୍ରସ୍ତାବ ଦିଆଯାଉଛି ପରବର୍ତ୍ତୀ ସମୟରେ ତାକୁ ଅଧିକାରୀମାନେ ଏଣେତେଣେ ଖର୍ଚ୍ଚ କରୁଛନ୍ତି, ଯେଉଁଥିପାଇଁ ଖର୍ଚ୍ଚର ହିସାବ ଠିକଣା ସମୟରେ ମିଳିପାରୁ ନାହିଁ। ଅଧିକାରୀମାନେ ଏଭଳି ଭାବେ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯେ ତା'ର ଟେର୍ ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି) ପାଇପାରୁନାହାନ୍ତି। ଏନେଇ ସିଏଜିଙ୍କ ପକ୍ଷରୁ ବିଧାନସଭାକୁ ଅବଗତ କରାଇବା ସହିତ ଅର୍ଥ ବିଭାଗକୁ ଥରକୁ ଥର ପତ୍ର ଲେଖି ବିଭାଗୱାରି ବିନିଯୋଗ ଖର୍ଚ୍ଚ ପ୍ରମାଣପତ୍ର ଲୋଡୁଛନ୍ତି, ମାତ୍ର ତାହା ଅଦ୍ୟାବଧି ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଉପରେ ୨୦୨୫ ନଭେମ୍ବର ସୁଦ୍ଧା ୪୨ ହଜାର ୩୫୨ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର(ୟୁସି) ବିଭିନ୍ନ ବିଭାଗ ଉପରେ ଗଡୁଛି ବୋଲି ସିଏଜିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନଏଡ଼ା ଦୁର୍ଘଟଣା

**ଏପ୍ରିଲ ୧୬ରୁ ଘର ଗଣନା**

ପୃଷ୍ଠା-୩







## ଦିଲ୍ଲୀରେ ଆଜି



ଆସନ୍ତା ୨୬ ତାରିଖରେ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ମଙ୍ଗଳବାର ସେନା ଯବାନମାନେ ରିହର୍ସାଲ କରୁଛନ୍ତି। (ଫଟୋ- ଚମନ ଗୌତମ)

# ତାମିଲନାଡୁ ବିଧାନସଭାରୁ ରାଜ୍ୟପାଳଙ୍କ କକ୍ଷତ୍ୟାଗ

ଚେନ୍ନାଇ,୨୦।୧

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉଦ୍‌ବୋଧନ ନ ଦେଇ ଚାଲିଯାଇଛନ୍ତି। ବିନା ଭାଷଣରେ କକ୍ଷତ୍ୟାଗ କରିବା ରାଜ୍ୟପାଳ ରବିଙ୍କ ପାଇଁ ଏହା ଚତୁର୍ଥ ଘଟଣା। ରାଜ୍ୟ ପ୍ରସ୍ତୁତ ଭାଷଣରେ ଧ୍ୟାନ ରଖିବା ପାଇଁ ବାଚସ୍ପତି ଏମ୍. ଅପ୍ପାଭୁ ରାଜ୍ୟପାଳଙ୍କୁ ନିବେଦନ କରିବା ପରେ ଏହାକୁ ନେଇ ଯୁକ୍ତି ହୋଇଥିଲା। ରାଜ୍ୟପାଳଙ୍କ କାର୍ଯ୍ୟ ଗୃହ ଏବଂ ରାଜ୍ୟବାସୀଙ୍କ ପାଇଁ ଅପମାନ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ସରକାରଙ୍କ ନୀତି ସମ୍ପର୍କିତ ବକ୍ତବ୍ୟ ଭିତ୍ତିହୀନ ଦାବି ଓ ବିଭ୍ରାନ୍ତିକର ଦର୍ଶାଇ ନ ପଢ଼ିବା ପାଇଁ ରାଜ୍ୟପାଳ ଯୁକ୍ତି କରିଥାନ୍ତି। ଅନ୍ୟପକ୍ଷରେ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ମୌଳିକ ସାମ୍ବିଧାନିକ କର୍ତ୍ତବ୍ୟ ହୋଇଥିବାବେଳେ ତାହାର ଉଲ୍ଲଂଘନ ହୋଇଥିବା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି।

ଏହି ଘଟଣା ପରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଅନିବାର୍ଯ୍ୟ ବୋଲି ରହିଥିବା ବ୍ୟବସ୍ଥାର ଉଚ୍ଛେଦ ପାଇଁ ସମ୍ବିଧାନ ସଂଶୋଧନ ପାଇଁ ତାଙ୍କ ଦଳ ଉଦ୍ୟମ କରିବ ବୋଲି ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ କହିଛନ୍ତି। ରବି କକ୍ଷତ୍ୟାଗ କରିବା ପରେ ବାଚସ୍ପତି ଅପ୍ପାଭୁ ରାଜ୍ୟ ପ୍ରସ୍ତୁତ ରାଜ୍ୟପାଳଙ୍କ ଅଭିଭାଷଣର ତାମିଲ ସଂସ୍କରଣ ପାଠ କରିଥିଲେ। ଏହିସମୟରେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ରାଜ୍ୟରେ ଆଇନଶୃଙ୍ଖଳା ବିଫଳ ହୋଇଥିବା ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ।

### ସମ୍ବିଧାନ ସଂଶୋଧନ ପାଇଁ ଷ୍ଟାଲିନ୍‌ଙ୍କ ଉଦ୍ୟମ



ଆର୍.ଏନ୍. ରବି

# ଆପରାଧିକ ଅବହେଳା ପାଇଁ ବିଲ୍ଡର ଗିରଫ

### ନଏଡା ଇଞ୍ଜିନିୟର ମୃତ୍ୟୁ ଘଟଣା

ନଏଡ଼ା,୨୦।୧(ପି.ଟି.)

ନଏଡ଼ାର ସେକ୍ଟର-୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ପାଣିଭର୍ତ୍ତି ଖାତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ପୋଲିସ ମଙ୍ଗଳବାର ଜଣେ ରିଅଲ ଇଷ୍ଟେଟ୍ ଡେଭେଲପରଙ୍କୁ ଗିରଫ କରିଛି। ଉକ୍ତ ବିଲ୍ଡରଙ୍କ ଅବହେଳା ପାଇଁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା। ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସର ଅଫିସର ଅଭୟ କୁମାରଙ୍କୁ ଉକ୍ତ ମାମଲାରେ ଅନ୍ୟତମ ଅଭିଯୁକ୍ତ କରାଯାଇ ଗିରଫ କରାଯାଇଥିବା ଗ୍ରେଟର ନଏଡ଼ା ଅତିରିକ୍ତ ପୋଲିସ କମିଶନର ହେମନ୍ତ ଉପାଧ୍ୟାୟ କହିଛନ୍ତି।

ଇଞ୍ଜିନିୟର ଯୁବରାଜ ମେହେଟ୍ଟା ଶୁକ୍ରବାର ବିଳମ୍ବିତ ରାତିରେ କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ଯୋଗୁ ତାଙ୍କ କାର୍ ଏକ ଡ୍ରେନ୍ ପାଚେରି ଭାଙ୍ଗି ଜଳଭର୍ତ୍ତି ଗଭୀର ଖାତ ମଧ୍ୟକୁ ଖସିପଡ଼ିଥିଲା। ଡ୍ରେନ୍ ନିକଟରେ ଏକ ନିର୍ମାଣାଧୀନ ବ୍ୟବସାୟିକ କମ୍ପ୍ଲେକ୍ସର ବେସ୍‌ମେଣ୍ଟ ପାଇଁ ଗର୍ତ୍ତ ଖୋଳାଯାଇଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ଅବହେଳା ପାଇଁ ଯୁବରାଜଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ରାଜକୁମାରଙ୍କ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ରିଅଲ ଇଷ୍ଟେଟ୍ ଡେଭେଲପର ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସ ଏବଂ ଲୋଟସ୍ ଗ୍ରୀନ୍ସ ବିରୋଧରେ ଏତଲା ଦାଏର କରିଥିଲା। ୱିଜ୍‌ଟାଉନ୍ ପ୍ଲାନର୍ସର ଅଧିକାରୀଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୋଲିସ କିଛି କହିନାହିଁ। ସୂଚନାଯୋଗ୍ୟ, ପ୍ରଶାସନିକ ଅବହେଳା ପାଇଁ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ସୋମବାର ତାଙ୍କ ପଦବୀରୁ ବହିଷ୍କାର କରାଯାଇଥିଲା।

# ଫ୍ରାନ୍ସ ଉପରେ ୨୦୦% ଟାରିଫ୍ ଲଗାଇବାକୁ ଟ୍ରମ୍ପ୍‌ଙ୍କ ଧମକ



ଡୋନାଲ୍ଡ ଟ୍ରମ୍ପ୍



ଏମାନୁଏଲ୍ ମାକରଁ

ୱାଶିଂଟନ,୨୦।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜା ପୁନଃ ନିର୍ମାଣ ପାଇଁ ଏକ ଶାନ୍ତି ବୋର୍ଡ ଗଠନ କରିବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ବିଭିନ୍ନ ଦେଶକୁ ଆମନ୍ତ୍ରଣ କରିଛନ୍ତି। ତେବେ ତାଙ୍କ ଆମନ୍ତ୍ରଣ ଗ୍ରହଣ କରିବାକୁ ଫ୍ରାନ୍ସ ଇଚ୍ଛୁକ ନ ଥିବାରୁ ଏହାର ମଦ ଏବଂ ସାମ୍ପେନ୍ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ଏଥିସହିତ ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲରେ ଗ୍ରୀନ୍‌ଲାଣ୍ଡ ସମ୍ପର୍କିତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତାକୁ ପୋଷ୍ଟ କରିଛନ୍ତି। ଡେନ୍‌ମାର୍କର ଅଂଶବିଶେଷ ଆର୍କ୍ଟିକ୍ ଅଞ୍ଚଳ ଉପରେ ଟ୍ରମ୍ପ କାହିଁକି ଏତେ ଆସକ୍ତ, ତାହାର ଯଥାର୍ଥତା ସମ୍ପର୍କରେ ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିବାବେଳେ ପ୍ୟାରିସ୍ ଏହାର ତାଚ୍ଛଲ୍ୟ କରିଥିଲା। ସେଥିପାଇଁ ଟ୍ରମ୍ପ ଫ୍ରାନ୍ସ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାର ଧମକ ଦେଇଛନ୍ତି। ପରେ ଟ୍ରମ୍ପ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ପୋଷ୍ଟ କରିଛନ୍ତି, ଯେଉଁଠି ଫ୍ରାନ୍ସ ରାଷ୍ଟ୍ରପତି ତାଙ୍କୁ କହୁଛନ୍ତି, ଇରାନ ଓ ସିରିଆ ପ୍ରସଙ୍ଗରେ ଉଭୟ ରାଜି। ତେବେ ଗ୍ରୀନ୍‌ଲାଣ୍ଡ ଉପରେ ଟ୍ରମ୍ପ କ'ଣ କରୁଛନ୍ତି, ସେ ତାହା ବୁଝିପାରୁ ନ ଥିବା କହିଥିଲେ।

## ଗ୍ରୀନ୍‌ଲାଣ୍ଡ, କାନାଡା, ଭେନେଜୁଏଲା ଆମେରିକୀୟ ଅଞ୍ଚଳ

ୱାଶିଂଟନ,୨୦।୧

### ମାନଚିତ୍ରର ପରିବର୍ତ୍ତିତ ଫଟୋ ଶେୟାର କଲେ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ନିଜ ଦେଶ ମାନଚିତ୍ରର ଏକ ପରିବର୍ତ୍ତିତ ଫଟୋ ଟ୍ରୁଥ୍ ସୋସିଆଲରେ ଶେୟାର କରିଛନ୍ତି, ଯେଉଁଥିରେ ଗ୍ରୀନ୍‌ଲାଣ୍ଡ, କାନାଡା ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଭାବେ ଦର୍ଶାଯାଇଛି। ଟ୍ରମ୍ପ ନିଜସ୍ୱ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ୟୁରୋପୀୟ ନେତାମାନଙ୍କୁ ଉକ୍ତ ମ୍ୟାପ୍ ଦେଖାଉଥିବା ଫଟୋରୁ ଦେଖିବାକୁ ମିଳିଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ ୟୁକ୍ରେନ୍ ଯୁଦ୍ଧ ସ୍ଥିତିକୁ ନେଇ ୟୁରୋପୀୟ ନେତାମାନଙ୍କ ସହ ଆଲୋଚନା କରିବା ସମୟର ଫଟୋଗ୍ରାଫ୍‌ର ଏହା ବିକଳ୍ପ ଭର୍ସନ ଭଳି ଲାଗୁଛି। ଅଗଷ୍ଟରେ ଟ୍ରମ୍ପ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମେର୍ଜ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ନାଟୋ ମହାସଚିବ ମାର୍କ ରୁଟ୍ଟେ, ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଷ୍ଟବ୍ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କ ସହ ବୈଠକ କରିଥିଲେ। ଉକ୍ତ ମିଟିଂ ପ୍ରକୋଷ୍ଠରେ ୟୁକ୍ରେନ୍ ମ୍ୟାପ୍‌ର ମୌଳିକ ଫଟୋ ଦେଖିବାକୁ ମିଳିଥିଲା। ଉକ୍ତ ମାନଚିତ୍ର ସ୍ଥାନରେ ଉତ୍ତର ଆମେରିକା ମାନଚିତ୍ର ରଖାଯାଇଛି, ଯେଉଁଠି କାନାଡା, ଗ୍ରୀନ୍‌ଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଦର୍ଶାଯାଇଛି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ ନିଜର ଏକ କୃତ୍ରିମ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଗ୍ରୀନ୍‌ଲାଣ୍ଡରେ ଆମେରିକା ପତାକା ଲଗାଉଥିବାବେଳେ ପାଖରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଉପସ୍ଥିତ ଥିବା ଦେଖାଯାଇଛି।

# ପଡ଼ୋଶୀଙ୍କ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରନାହିଁ

### ପୋଲାଣ୍ଡକୁ ଜୟଶଙ୍କରଙ୍କ କଡ଼ା ବାର୍ତ୍ତା

ନୂଆଦିଲ୍ଲୀ,୨୦।୧(ପି.ଟି.)

ପୋଲାଣ୍ଡ ଆତଙ୍କବାଦ ପ୍ରତି ଶୂନ ସହନଶୀଳତା ପ୍ରଦର୍ଶନ କରିବା ସହ ଭାରତର ପଡ଼ୋଶୀ ଦେଶରେ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରିବା ବନ୍ଦ କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ପୋଲାଣ୍ଡ ପ୍ରତିପକ୍ଷ ରାଡୋସ୍ଲ ସିକୋର୍ସ୍କିଙ୍କୁ ସୋମବାର କଡ଼ା ବାର୍ତ୍ତା ଦେଇଛନ୍ତି। ଅକ୍ଟୋବରରେ ପୋଲାଣ୍ଡ-ପାକିସ୍ତାନ ମିଳିତ ବାର୍ତ୍ତାରେ କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇଥିବାରୁ ଜୟଶଙ୍କର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଭାରତକୁ ଅନ୍ୟାୟପୂର୍ଣ୍ଣ ଓ ଅନୁଚିତ ଚୟନାତ୍ମକ ଟର୍ଗେଟକୁ ନେଇ ଜୟଶଙ୍କର କ୍ଷୋଭ ପ୍ରକାଶ କରିଛନ୍ତି। ରୁଷିଆ ସହ ଭାରତର ତୈଳ କାରବାର ସମ୍ପର୍କ ଉପରେ ନୂଆଦିଲ୍ଲୀକୁ ପାଶ୍ଚାତ୍ୟ ଦେଶଗୁଡ଼ିକର ସମାଲୋଚନା ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏହା କହିଛନ୍ତି।

# ଲିଭ୍ ଇନ୍ ରିଲେଶନଶିପ୍‌ରେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ମିଳିବା ଆବଶ୍ୟକ: ହାଇକୋର୍ଟ

ଚେନ୍ନାଇ,୨୦।୧


ଲିଭ୍-ଇନ୍ ରିଲେଶନଶିପ୍‌ରେ ଥିବା ମହିଳାଙ୍କୁ ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ ଅନୁଯାୟୀ ସ୍ତ୍ରୀର ମାନ୍ୟତା ପ୍ରଦାନ ସହ ସୁରକ୍ଷା ଦିଆଯିବା ଆବଶ୍ୟକ। ଫଳରେ ଯଦି ଭବିଷ୍ୟତରେ ଅଶାନ୍ତି ଦେଖାଦିଏ, ତେବେ ମହିଳା ଜଣଙ୍କୁ ସ୍ତ୍ରୀର ଅଧିକାର ମିଳିପାରିବ ବୋଲି ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ କହିଛନ୍ତି। ଜଣେ ବ୍ୟକ୍ତିଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିବା ଅବସରରେ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଉକ୍ତ ବ୍ୟକ୍ତି ଜଣେ ମହିଳାଙ୍କ ସହ ରିଲେଶନଶିପ୍‌ରେ ରହିବା ସହ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନେକ ଥର ଯୌନ ସମ୍ପର୍କ ରଖିଥିଲେ। ପରେ ସେ ବିବାହ କରିବାକୁ ମନା କରିଦେଇଥିଲେ। ଆଧୁନିକତାର ଫାଶ ଓ ସଂସ୍କୃତିରେ ପଡ଼ିଥିବା ମହିଳାମାନଙ୍କୁ ଅଦାଲତ ସୁରକ୍ଷା ଦେବାକୁ ହେବ ବୋଲି ବିଚାରପତି ଏସ୍. ଶ୍ରୀମାଥି କହିଛନ୍ତି। ପୁରାତନ ଭାରତରେ ୮ ପ୍ରକାରର ବିବାହ ପ୍ରଥା ଚାଲୁଥିଲା। ସେଥିରୁ ଗୋଟିଏ ହେଉଛି ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ। ଲିଭ୍ ଇନ୍ ରିଲେଶନଶିପ୍‌କୁ ଗାନ୍ଧର୍ବ ବିବାହର ସ୍ୱୀକୃତି ଦିଆଯାଇପାରେ ବୋଲି ବିଚାରପତି କହିଛନ୍ତି। ଏପରିକି ଛାଡ଼ପତ୍ର ପରେ ମଧ୍ୟ ମହିଳାଙ୍କୁ ଆଇନଗତ ସୁରକ୍ଷା ଦିଆଯାଉଛି। ସମ୍ପ୍ରତି ମହିଳାମାନଙ୍କର ଏକ ଦୁର୍ବଳ ବର୍ଗ ଲିଭ୍-ଇନ୍ ରିଲେଶନଶିପ୍ ଧାରଣାର ଶିକାର ହେଉଛନ୍ତି, ଯେଉଁମାନଙ୍କୁ ସୁରକ୍ଷା ମିଳୁନାହିଁ। ବାସ୍ତବରେ ଏଭଳି ସମ୍ପର୍କ ଭାରତୀୟ ସମାଜକୁ ଏକ ସାଂସ୍କୃତିକ ଧକ୍କା ବୋଲି ଖଣ୍ଡପୀଠ କହିଛନ୍ତି।

# ଭାଜପାରେ 'ନବୀନ' ଯୁଗ

ନୂଆଦିଲ୍ଲୀ,୨୦।୧(ପି.ଟି.)

ଭାଜପା ନେତା ନୀତିନ୍ ନବୀନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରାଯାଇଛି। ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବା ସହ ଦଳରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଭାଜପା ସାଂଗଠନିକ ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ଥିବା କେ. ଲକ୍ଷ୍ମଣ ଫଳାଫଳ ଘୋଷଣା କରିବା ସହ ୪୫ ବର୍ଷୀୟ ନବୀନଙ୍କୁ ନିର୍ବାଚିତ ହୋଇଥିବାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାରେ ନବୀନ ସର୍ବକନିଷ୍ଠ ନେତା। ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ନେତୃତ୍ୱ ହସ୍ତାନ୍ତର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନୀତିନ୍ ଗଡ଼କରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଦଳୀୟ ବ୍ୟାପାରରେ ନବୀନ ତାଙ୍କ ବସ୍ ହେବେ ବୋଲି ମୋଦି କହିଛନ୍ତି। ୪୫ ବର୍ଷୀୟ ନବୀନଙ୍କୁ ସେ ଯୁବ ଉତ୍ସାହ ଏବଂ ବିସ୍ତୃତ ସାଂଗଠନିକ ଅଭିଜ୍ଞତା ଥିବା ଜଣେ ସହସ୍ରାବ୍ଦୀ ପିଢ଼ି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୧୯୮୦ରେ ପ୍ରତିଷ୍ଠିତ ଭାଜପାରେ ନବୀନ ଦ୍ୱାଦଶ ଅଧ୍ୟକ୍ଷ ହୋଇଛନ୍ତି। ତାଙ୍କର ଜନ୍ମ ମଧ୍ୟ ୧୯୮୦ରେ ହୋଇଥିଲା। ଗତ ଡିସେମ୍ବର ୧୪ରେ ତାଙ୍କୁ ଭାଜପାର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯିବା ପରେ ସେ ବିହାର ସରକାରରେ ରହିଥିବା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଭାଜପାର ନେତୃତ୍ୱ କଠିନ ପରିଶ୍ରମ ଓ ସମର୍ପଣ ଭାବରୁ ସୃଷ୍ଟି ହୋଇଥାଏ, ବଂଶବାଦୀ ବିଶେଷ ଅଧିକାରରୁ ନୁହେଁ ବୋଲି ଲକ୍ଷ୍ମଣ କହିଛନ୍ତି।



ନବନିର୍ବାଚିତ ଭାଜପା ଅଧ୍ୟକ୍ଷ ନୀତିନ୍ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଉଛନ୍ତି।

# ଗଣବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ

### ନ୍ୟାୟ ଦାବିରେ କୁକି ମହିଳାଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୨୦।୧

ମଣିପୁରରେ ୨୦୨୩ ଜାତିଆଣ ହିଂସା ସମୟରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ମହିଳା ଗଭୀର ମାନସିକ ଆଘାତ ଯୋଗୁ ୨ ବର୍ଷ ଅସୁସ୍ଥ ରହିବା ପରେ ପ୍ରାଣ ହରାଇଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ରାଜ୍ୟର ଅନେକ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚୁରାଚାନ୍ଦପୁର ଏବଂ ଦିଲ୍ଲୀରେ ଥିବା କୁକି ସଂଗଠନ କହିଛି, ମହିଳାଙ୍କୁ ଇମ୍ଫାଲରୁ ଅପହରଣ କରିନିଆଯାଇ ଗଣବଳାତ୍କାର କରାଯାଇଥିଲା। ସେ ଅପରାଧୀଙ୍କ କବଳରୁ ଖସିଆସିଥିଲେ ମଧ୍ୟ ମାନସିକ ଆଘାତରୁ ସମ୍ପୂର୍ଣ୍ଣ ଭଲ ହୋଇପାରି ନ ଥିଲେ। ଗୁଆହାଟୀଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଇତିମାନଙ୍କ ସହ ରହିବା ସମ୍ଭବପର ହେଉ ନ ଥିବାରୁ କୁକିମାନଙ୍କ ପାଇଁ ସେମାନେ ସ୍ୱତନ୍ତ୍ର ପ୍ରଶାସନ ଦାବି କରିଛନ୍ତି।

# ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ

### ବୁଲା କୁକୁର ରାୟକୁ ସମାଲୋଚନା ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୦।୧(ପି.ଟି.)

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର କ୍ଷୁବ୍ଧ ହୋଇଛନ୍ତି। ମାନେକା ଅଦାଲତ ଅବମାନନା କରିଥିବା ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦିପ୍ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ କିଛି ଚିନ୍ତା ନ କରି ଯେକୌଣସି ମନ୍ତବ୍ୟ ଦେଇଦେଉଛନ୍ତି। ତେବେ ଉଦାରତା କାରଣରୁ ଖଣ୍ଡପୀଠ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରୁ ନ ଥିବା କହିଛନ୍ତି। ବୁଲା କୁକୁର ସମସ୍ୟା ଦୂର କରିବା ଦିଗରେ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭାବେ ମାନେକା କ'ଣ ଆର୍ଥିକ ବ୍ୟବସ୍ଥା କରିଛନ୍ତି ବୋଲି ଜଷ୍ଟିସ୍ ମେହେଟ୍ଟା ତାଙ୍କ ଓକିଲ ରାଜୁ ରାମଚନ୍ଦ୍ରନଙ୍କୁ ପ୍ରଶ୍ନ କରିଥିଲେ। ବଜେଟ ମଞ୍ଜୁରୀ ଏକ ନୀତିଗତ ବ୍ୟବସ୍ଥା ବୋଲି ରାମଚନ୍ଦ୍ରନ କହିଥିଲେ। ଆତଙ୍କବାଦୀ ଅଜମଲ କସବ ମଧ୍ୟ ଅଦାଲତ ଅବମାନନା କରି ନ ଥିଲେ, କିନ୍ତୁ ଆପଣଙ୍କ ମହକିଲ କରିଛନ୍ତି ବୋଲି ରାମଚନ୍ଦ୍ରନଙ୍କୁ ଜଷ୍ଟିସ୍ ନାଥ କହିଥିଲେ।

ସୂଚନାଯୋଗ୍ୟ, କୁକୁର କାମୁଡ଼ିଲେ ସମ୍ପୃକ୍ତ ରାଜ୍ୟକୁ ବିପୁଳ କ୍ଷତିପୂରଣ ଦେବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ରାୟ ଦେବା ସହ ଯେଉଁମାନେ କୁକୁରଙ୍କୁ ବାହାରେ ଖାଦ୍ୟ ଦେଉଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଯିବ ବୋଲି କହିଥିଲେ। ଗତ ୫ ବର୍ଷ ହେଲା ବୁଲା କୁକୁରଙ୍କ ପାଇଁ ଥିବା ନିୟମର ଅନୁପାଳନ ହେଉ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିଥିଲେ।




ମାନେକା ଗାନ୍ଧୀ

# ଗୋବିନ୍ଦାଙ୍କୁ କ୍ଷମା ନାହିଁ

ମୁମ୍ବାଇ

ଆଜିକାଲି ଅଭିନୟ କମ୍, ବ୍ୟକ୍ତିଗତ ଜୀବନକୁ ନେଇ ବେଶି ଚର୍ଚ୍ଚାରେ ରହୁଛନ୍ତି ବଲିଉଡର ବରିଷ୍ଠ ଅଭିନେତା ଗୋବିନ୍ଦା। ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ପାଇଁ ଯୁବ କଳାକାରମାନଙ୍କ ଲାଗି ସେ ପ୍ରେରଣାର ଉତ୍ସ। ହେଲେ ସେ ଏବେ ବିବାଦରେ ଛନ୍ଦି ହୋଇ ପଡୁଥିବା ଦେଖାଯାଉଛି। ସ୍ତ୍ରୀଙ୍କ ସହ ଛାଡ଼ପତ୍ର ଖବର ଭିତରେ ସେ ପ୍ରେମରେ ପଡିଥିବା ଚର୍ଚ୍ଚା ଅନେକଙ୍କୁ ଚକିତ କରିଛି। ଗୋବିନ୍ଦାଙ୍କୁ କଦାପି କ୍ଷମା କରିପାରିବେ ନାହିଁ ବୋଲି ସ୍ତ୍ରୀ ସୁନୀତା କହିଛନ୍ତି। ଏକ ପଡ୍‌କାଷ୍ଟରେ ସେ କହିଛନ୍ତି, ଏବେ ବି ସମୟ ଅଛି, ଗୋବିନ୍ଦା ସୁଧୁରିଯାଆନ୍ତୁ। ସେମିତି ଝିଅ ଅନେକଙ୍କ ଜୀବନରେ ଆସନ୍ତି। ଏବେ ଗୋବିନ୍ଦାଙ୍କୁ ତେଷଠି ବର୍ଷ। ଝିଅ ଟିନାଙ୍କୁ ବିବାହ କରିବା ଓ ପୁଅ ଯଶଙ୍କ କ୍ୟାରିୟର ଦେଖିବାକୁ ହେବ। ହେଲେ ଗୋବିନ୍ଦା ନିଜକୁ ବାପା ବୋଲି ଭୁଲି ଯାଇଥିବା ସୁନୀତା କହିବା ସହ ତାଙ୍କୁ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି। ଏହି ସାକ୍ଷାତ୍‌କାର ଏବେ ଭାଇରାଲ ହେଉଛି। ଆଗାମୀ ଦିନରେ ଉଭୟଙ୍କ ସମ୍ପର୍କ କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଛି।







# ନବୀନ ନିବାସରେ ବୈଠକ

**ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିଛିଦିନ ହେଲା ବହୁମାତ୍ରାରେ ଚଳଚଞ୍ଚଳ ହୋଇ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। କେତେବେଳେ ବିଧାୟକମାନଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି ତ ଆଉ କେତେବେଳେ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡାକି କଥା ହେଉଛନ୍ତି। ନବୀନ ନିବାସ ଭିତରୁ ବାରମ୍ବାର ଡକରା ମିଳିବା ପରେ ହାତଗଣତି କେତେଜଣ ନେତା ବର୍ତ୍ତମାନ କୁତୁକୁତୁ ହୋଇପଡ଼ିଛନ୍ତି। ଯେତେବେଳେ ସେମାନେ ନବୀନ ନିବାସରେ ପଶୁଥିବାର ଭିଡିଓ ଏବଂ ଫଟୋ ଗଣମାଧ୍ୟମରେ ଦେଖୁଛନ୍ତି ଖୁସିରେ ଫାଟି ପଡୁଛନ୍ତି ବୋଲି ରାଜନୈତିକ ମହଲରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ରାଜ୍ୟ ରାଜନୀତିରେ ଏବଂ ନିଜ ନିର୍ବାଚନମଣ୍ଡଳୀ ବା ଜିଲାରେ ଏକାଧିକ ଥର ନିର୍ବାଚନ ଲଢି ବିଜୟୀ ହେଉଥିବା ଅନେକ ଚେହେରା ବର୍ତ୍ତମାନ ଦଳରେ ଅଲୋଡ଼ା ହୋଇପଡିଛନ୍ତି। ରାଜ୍ୟରେ ଏଭଳି ଉଦାହରଣ ଦେଖିଲେ ଅନେକଙ୍କ କଥା ଉଲ୍ଲେଖ କରାଯାଇପାରିବ।

ସୂଚନାଯୋଗ୍ୟ, ନବୀନ ବିଜେଡିର କେତେଜଣ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲିକ ଏବଂ ଦେବୀ ମିଶ୍ରଙ୍କ ସହିତ ନବୀନ ମଙ୍ଗଳବାର ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ମୁତାବକ, ନିକଟରେ ଦଳରୁ ୨ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିବା ପରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବିରୋଧରେ କାହିଁକି କେହି ପ୍ରତିକ୍ରିୟା ଦେଉନାହାନ୍ତି ବୋଲି କୁଆଡ଼େ ନବୀନ ପଚାରିଥିଲେ। ତେବେ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୀୟ କହିଛନ୍ତି, ବାଲେଶ୍ୱର ଜିଲା ସେକ୍ ମକାନ୍ଦର ମହମ୍ମଦଙ୍କୁ ବାଡ଼େଇ ମାରିଦିଆଯାଇଥିବା ଘଟଣାକୁ ନେଇ ନବୀନ ଉଦ୍‌ବେଗ ପ୍ରକାଶକଲେ। ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ହତ୍ୟା କରାଯାଉଛି। ଏ ସମ୍ପର୍କରେ ନବୀନ ଜାଣିବାକୁ ଚାହିଁଥିଲେ ବୋଲି ସଞ୍ଜୀୟ କହିଛନ୍ତି। ରାଜନୈତିକ ମହଲରେ ହେଉଥିବା ଆଲୋଚନା ମୁତାବକ, ସଞ୍ଜୀୟ ରାଜନୈତିକ ଦୃଷ୍ଟିକୋଣରୁ ନବୀନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଗଣମାଧ୍ୟମରେ କହିବାକୁ ନ ଚାହିଁବା ସ୍ୱାଭାବିକ। ବିଗତ ଦିନରେ ନବୀନ ମୁମ୍ବାଇରେ ଚିକିତ୍ସାଧୀନ ଥିବାବେଳେ ରାଜ୍ୟର ବହୁ ନେତା ତାଙ୍କୁ ଭେଟିବା ଲାଗି ସେଠାକୁ ଗସ୍ତ କରିଥିଲେ। ହେଲେ ଶେଷରେ ଭିଡିଓ କଲ୍ ଜରିଆରେ ସେମାନେ ସେଠାରେ ନବୀନଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ସେଠାରୁ ଫେରି ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୀୟ ଏବଂ ଦଳର ରାଜ୍ୟ ସଭା ସଦସ୍ୟ ନବୀନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିବା କଥା କହିଥିଲେ। ହେଲେ ମୁମ୍ବାଇ ଗସ୍ତ କରିଥିବା ବହୁ ନେତା ସତ କଥା କହିବା ପରେ ଗଣମାଧ୍ୟମକୁ ସଞ୍ଜୀୟ ଓ ମାନସ ଦେଇଥିବା ତଥ୍ୟକୁ ନେଇ ଚର୍ଚ୍ଚା ହେଉଥିଲା।

ଲକ୍ଷ୍ୟ କରାଯାଉଛି, ଦଳର ବହୁ ବରିଷ୍ଠ ନେତା ଯେପରି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଅରୁଣ କୁମାର ସାହୁ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ଅନେକ ନେତା ବର୍ତ୍ତମାନ ବହୁ କାର୍ଯ୍ୟରେ ଲୋଡ଼ା ପଡୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯଦି ଆମେ ପ୍ରସନ୍ନ ଆଚାର୍ଯ୍ୟଙ୍କ କଥା ଆଲୋଚନା କରିବା ସେ ୩ ଥର ଲୋକ ସଭା, ଥରେ ରାଜ୍ୟ ସଭା ଏବଂ ୪ଥର ବିଧାନସଭାକୁ ନିର୍ବାଚିତ ହେଇଛନ୍ତି। ସେହିପରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮ଥର ବିଧାନସଭାକୁ ନିର୍ବାଚିତ ହୋଇଆସୁଛନ୍ତି। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ବିଧାୟକ ଅରୁଣ କୁମାର ସାହୁ ୨୦୦୪ରୁ ଲଗାତର ଏଯାଏଁ ବିଧାନସଭାକୁ ଜିତି ଆସୁଛନ୍ତି। ଦେଖାଯାଉଛି ୮ଥର, ୫ଥର ଲେଖା ଜିତିଥିବା ନେତାଙ୍କୁ ଦଳ ଲୋଡୁନାହିଁ ବରଂ ଯିଏ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀ ସହି ରହୁଛନ୍ତି ସେମାନଙ୍କୁ ବାରମ୍ବାର ଡକରା ମିଳୁଛି। ୨୦୨୪ ସାଧାରଣ ନିର୍ବାଚନ ପରେ ବିଜେଡି ଓଡ଼ିଶାରେ ବିରୋଧୀ ଦଳକୁ ଆସିଯାଇଛି। ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସମୟରେ ବିଜେଡି ବରିଷ୍ଠ ନେତା ରଣେନ୍ଦ୍ର ଏବଂ ଅରୁଣ ଶାସକ ଦଳକୁ ଶାଣିତ ଢଙ୍ଗରେ ଟାର୍ଗେଟ କରୁଛନ୍ତି। ସରକାରଙ୍କ ବିଭିନ୍ନ ଆଭିମୁଖ୍ୟକୁ ନେଇ ସେମାନେ ଶାସକ ଦଳକୁ ଅନେକ ସମୟରେ କାଠଗଡ଼ାରେ ଠିଆ କରୁଛନ୍ତି। ଦଳରେ ଥିବା ଅନ୍ୟ ଯୁବ ବିଧାୟକମାନେ ମଧ୍ୟ ଏହି ୨ ନେତାଙ୍କଠାରୁ ଅନେକ କିଛି ଜାଣିବାକୁ ଚାହୁଁଥିବା ଲକ୍ଷ୍ୟ କରାଯାଉଛି। ହେଲେ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଏମାନଙ୍କୁ ଲୋଡ଼ା ନ ଯିବା ନେଇ ଚର୍ଚ୍ଚା ହେଉଛି। ସେହିପରି ପଶ୍ଚିମ ଓଡ଼ିଶାର ବହୁ ନେତା ବର୍ତ୍ତମାନ ବିଜେଡି ସହ ଆଉ ନାହାନ୍ତି କହିଲେ ଏକ ପ୍ରକାର ଠିକ୍ ହେବ। ନୂଆପଡ଼ା ଜିଲାରେ ଉପନିର୍ବାଚନ ସମୟରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ନେତା ସେଠାରେ ନ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କେବଳ ସେ ନୁହନ୍ତି, ଆହୁରି ଅନେକ ପଶ୍ଚିମ ଓଡ଼ିଶା ନେତା ଏବେ ଦଳୀୟ ବ୍ୟାପାରଠାରୁ ଦୂରେଇଗଲା ଭଳି ମନେହେଲାଣି। ସେହିପରି ବରିଷ୍ଠ ନେତା ଶଶିଭୂଷଣ ବେହେରା, ବଦ୍ରିନାରାୟଣ ପାତ୍ରଙ୍କ ଭଳି ବହୁ ନେତା ବର୍ତ୍ତମାନ ଦଳୀୟ ବ୍ୟାପାରରେ ଲୋଡ଼ା ପଡୁନାହାନ୍ତି।


## ଏମାନେ ଏବେ ଅଲୋଡ଼ା

# ଡଲାର=୯୧.୬ ଟଙ୍କା



**ମୁମ୍ବାଇ,୨୦।୧**

ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଟ୍ରେଡିଂ ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମଙ୍ଗଳବାର ୯୧.୦୬କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଛି। ଆମେରିକୀୟ କରେନ୍ସିର ବିନିମୟ ମୂଲ୍ୟ ଆଗରେ ଭାରତୀୟ ମୁଦ୍ରାର ଏହା ହେଉଛି ସର୍ବକାଳୀନ ଦୁର୍ବଳତା। ମେଟାଲ ଆମଦାନୀକାରୀଙ୍କଠାରେ ଡଲାର ଚାହିଦା ବୃଦ୍ଧି ଏବଂ ବିଦେଶୀ ନିବେଶକ ଭାରତୀୟ ବଜାରରୁ ମୁହଁ ଫେରାଇନେବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ଫଳରେ ଭାରତ ଭଳି ବିକାଶଶୀଳ ଦେଶର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି।

# ସେନ୍‌ସେକ୍ସ ଖସିଲା ୧,୧୦୦

## ବଜାର ହରାଇଲା ୧୦ ଲକ୍ଷ କୋଟି

**ମୁମ୍ବାଇ,୨୦।୧**

ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଧମକ ଭାରତୀୟ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ପୂର୍ବରୁ ଚାପଗ୍ରସ୍ତ ଥିବା ଶେୟାର ମାର୍କେଟ ମଙ୍ଗଳବାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର କ୍ୟାପିଟାଲାଇଜେଶନ୍ ହରାଇଛି। ଇକ୍ୱିଟି ବେଞ୍ଚମାର୍କ ସେନ୍‌ସେକ୍ସ ୧.୩୮% ଅର୍ଥାତ୍ ୧,୦୬୫ ପଏଣ୍ଟ ନିମ୍ନଗାମୀ ହୋଇ ୮୨,୧୮୦ରେ ରହିଛି। ସେହିପରି ନିଫ୍ଟି୫୦ ୧.୨୮% ଅର୍ଥାତ୍ ୩୫୩ ପଏଣ୍ଟ ତଳକୁ ଖସି ୨୫,୨୩୨ରେ ରହିଛି। ୨୦୨୫ ଅକ୍ଟୋବର ୧୫ ପରେ ପୁଞ୍ଜି ବଜାର କେବେ ଏତେ ଦୁର୍ବଳ ହୋଇ ନ ଥିଲା। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ସେଲିଂ ପ୍ରେସର, କ୍ୱାର୍ଟର୍ଲି ଆୟରେ ଦୁର୍ବଳତାକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସେହିପରି ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ଯୋଗୁ ଗ୍ଲୋବାଲ ମାର୍କେଟରେ ସେଲିଂ ପ୍ରେସର ବୃଦ୍ଧିର ପ୍ରଭାବ ମଧ୍ୟ ଭାରତୀୟ ବଜାର ଉପରେ ପଡ଼ିଛି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଉପରେ ରାୟ ଦେବାକୁ ଯାଉଥିବାରୁ ଏହା ପୂର୍ବରୁ ଘରୋଇ ବଜାରରେ ନିବେଶକମାନେ ସତର୍କତା ସହ କାରବାର କରୁଥିବା ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟ୍ସର ରିସର୍ଚ୍ଚ ହେଡ୍ କହିଛନ୍ତି।




# ଏପ୍ରିଲ ୧୬ରୁ ଘର ଗଣନା

**ଭୁବନେଶ୍ୱର,୨୦।୧**
**(ରବିନାରାୟଣ ଜେନା)**

ଦୀର୍ଘ ୧୫ ବର୍ଷ ପରେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ପ୍ରାଥମିକ ପର୍ଯ୍ୟାୟରେ ଘର ଗଣନା କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଏପ୍ରିଲ ୧୬ରୁ ଗୃହ ଗଣନା କରାଯିବ। ଏହି କାର୍ଯ୍ୟ ୩୦ ଦିନ ଅର୍ଥାତ୍ ଏପ୍ରିଲ ୧୬ରୁ ମେ' ୧୫ ମଧ୍ୟରେ ଶେଷହେବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓ ରଞ୍ଜନ କୁମାର ସିଂହ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତିରେ ଏସିଏସ୍ ଦର୍ଶାଇଛନ୍ତି, ଜନଗଣନା ନିୟମାବଳୀ-୧୯୯୦ର ନିୟମ ୮ର ଉପନିୟମ(୩) ଅନୁଯାୟୀ ଏହି ପ୍ରକ୍ରିୟା ରାଜ୍ୟରେ କରାଯିବ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବାକୁ ରହିଛି। ଜାତୀୟ ଜନଗଣନା-୨୦୨୭ର ଘର ତାଲିକା(ହାଉସ୍ ଲିଷ୍ଟିଂ) କାର୍ଯ୍ୟ ଓଡ଼ିଶାରେ ୩୦ ଦିନ ମଧ୍ୟରେ ଶେଷହେବ। ଏହି ସମୟରେ ସ୍ୱୟଂ-ଗଣନା(ସେଲ୍ଫ ଏନୁମରେଶନ) ପାଇଁ ବିକଳ୍ପ ରହିବ, ଯାହା ଘରେ ଘରେ ଘର ତାଲିକା କାର୍ଯ୍ୟ ଆରମ୍ଭ ପୂର୍ବରୁ ୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ମଧ୍ୟରେ ସରିବ।

ସୂଚନାଯୋଗ୍ୟ, ଚଳିତ ମାସ ୭ରେ ଲୋକସେବା ଭବନରେ ଏନେଇ ଏସିଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଜାତୀୟ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯେପରି ନିର୍ଭୁଲ ଭାବେ କରାଯିବ ସେଥିପାଇଁ ସଂପୃକ୍ତ ବିଭାଗକୁ ସହଯୋଗ କରିବାକୁ ଏସିଏସ୍ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟରେ ସାମିଲ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବାବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଏବଂ ଜିଲାସ୍ତରରେ ଜିଲାପାଳମାନେ ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଗଣନା ଅଧିକାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ତାଲିମ ପ୍ରଦାନ କରାଯିବ। ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏ ଅଧିକାରୀ ନିୟୋଜିତ ରହିବେ। ୬ ଅଧିକାରୀଙ୍କ ନିମନ୍ତେ ଜଣେ ଜଣେ ସୁପରଭାଇଜର ରହିବେ। ଏହି କାର୍ଯ୍ୟରେ ପ୍ରାୟ ୧ ଲକ୍ଷ ଅଧିକାରୀ ନିୟୋଜିତ ହେବେ ବୋଲି ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।

# ତେଲଙ୍ଗାନାରେ ଓଡ଼ିଆ ଶ୍ରମିକ ମୃତ

**ଲାଠୋର, ୨୦।୧(ଭୁବନେଶ୍ୱର ବାରିକ)**

ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଭାଲୁକୁନା ଗ୍ରାମର ଦଶରଥ ହଂସ(୪୫)। ସେଠାରୁ ତାଙ୍କ ମୃତଦେହ ଘରକୁ ଆସୁଥିବା ପରିବାର ସଦସ୍ୟ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ନଭେମ୍ବରରେ ଦଶରଥ, ସ୍ତ୍ରୀ ଅଞ୍ଜନା ହଂସ(୩୮), ୧୪ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ତେଲଙ୍ଗାନା ଯାଇଥିଲେ। ସେଠାରେ ଦଶରଥ ଓ ଅଞ୍ଜନା ଏକ ଇଟାଭାଟିରେ କାମ କରୁଥିଲେ। ସୋମବାର ରାତିରେ ଦଶରଥ ଅସୁସ୍ଥ ଅନୁଭବ କରୁଥିବା ନେଇ ଅଞ୍ଜନାଙ୍କୁ କହିଥିଲେ। କିଛି ସମୟ ପରେ ବାହାରକୁ ଶୌଚହେବା ପାଇଁ ଯାଇ ଘର ଭିତରକୁ ଆସି ହଠାତ୍ ଟଳି ପଡ଼ିଥିଲେ। ଚିକିତ୍ସାଲାଗି ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# କନିଷ୍ଠ କିରାଣିଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲେଶ୍ୱର, ୨୦।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ କନିଷ୍ଠ କିରାଣିଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ସଦର ଥାନା ଆଲୁପୁର ଗ୍ରାମର ସମରଜିତ ପ୍ରଧାନ (୩୧)। ପାରିବାରିକ କଳହକୁ କେନ୍ଦ୍ର କରି ସୋମବାର ରାତିରେ ସେ ଘରେ ବେକରେ ଗାମୁଛା ଲଗାଇଦେଇଥିଲେ। ସକାଳେ ପରିବାର ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୬) ରୁଜୁ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇଛି।

# ହୀରାକୁଦରେ ୫ ନୂଆ ପ୍ରଜାତିର ପକ୍ଷୀ



ହୀରାକୁଦ ଜଳଭଣ୍ଡାରରେ ଠାବ ହୋଇଥିବା ବିଦେଶାଗତ ପକ୍ଷୀ ।

## ବିଦେଶରୁ ଆସିଛନ୍ତି ୪,୨୧,୭୬୩ ପକ୍ଷୀ

**ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରେ ଚଳିତବର୍ଷ-୨୦୨୬ ଶୀତକାଳୀନ ପକ୍ଷୀଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ଚଳିତବର୍ଷ ଗତବର୍ଷ ଅପେକ୍ଷା ପ୍ରାୟ ୫୦ହଜାରରୁ ଅଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲା ସହିତ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ ଅଞ୍ଚଳରେ ଗତ ୧୮ ତାରିଖରେ ହୋଇଥିବା ପକ୍ଷୀ ଗଣନା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୨୮ପ୍ରଜାତିର ମୋଟ୍ ୪ଲକ୍ଷ ୨୧ହଜାର ୭୬୩ ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି ବୋଲି ସୂଚନା ଦେଇଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ। ତାଙ୍କ ସୂଚନା ଅନୁସାରେ ଚଳିତବର୍ଷ ୫ ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି। ସେଥିମଧ୍ୟରେ ରଡିକ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍ ଓ ସେଣ୍ଡର୍ଲିଂ। ଏହି ନୂତନ ପ୍ରଜାତିର ସମସ୍ତ ପକ୍ଷୀ ସାଇବେରିଆ ଓ ଉତ୍ତର ଆମେରିକା ଅଞ୍ଚଳର ବୋଲି ସେ କହିଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଲାଉଁସରା ଅଞ୍ଚଳରେ ସର୍ବାଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ସର୍ବାଧିକ ୭୧ହଜାର ପଫ୍ଟେଡ୍ ଡକ୍, ଦ୍ୱିତୀୟ ସର୍ବାଧିକ ପ୍ରାୟ ୬୦ ହଜାର ଲେସର୍ ହ୍ୱିସିଲିଂ ଓ ତୃତୀୟ ସର୍ବାଧିକ ୫୦ ହଜାର ସଂଖ୍ୟକ କମନ୍ କୁଟ୍ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଛି ବୋଲି ଡିଏଫ୍‌ଓ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ, ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ୍ ଆଦି ଅଞ୍ଚଳରେ ୨୦୨୬ ଜାନୁୟାରୀ ୧୮ ତାରିଖ ସକାଳ ୫ଟାରୁ ସନ୍ଧ୍ୟା ୬ଟାରେ ସମ୍ପୂର୍ଣ୍ଣ ଆର୍ଦ୍ରଭୂମି ପକ୍ଷୀ ଗଣନା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପକ୍ଷୀ ବିଶେଷଜ୍ଞ, ବନକର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଏକ ୯୨ଜଣିଆ ପ୍ରତିନିଧି ୩୨ଟି ଦଳରେ ଭାଗ ହୋଇ ୨୧ଟି ସେକ୍ଟରରେ ବିଭକ୍ତ ସମଗ୍ର ଜଳଭଣ୍ଡାରରେ ପକ୍ଷୀ ଗଣନା କରିଥିଲେ। ୨୦୨୫ ମସିହାରେ ଏଠାରେ ପ୍ରାୟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଥିଲା।

# ଆଖି ଚିକିତ୍ସା ପାଇଁ କାନ ଡ୍ରପ୍

**ଧୁଷୁରୀ, ୨୦।୧**
**(ଦୀପ୍ତିରଞ୍ଜନ ନାୟକ)**

ରୋଗୀଙ୍କ ଚିକିତ୍ସାରେ ଅବହେଳା। ଆଖି ଚିକିତ୍ସା ପାଇଁ କାନ ଡ୍ରପ୍ ଲେଖିଦେଲେ ଡାକ୍ତର। ଭଦ୍ରକ ଜିଲା ଧୁଷୁରୀ ଏରିଆ ହସ୍ପିଟାଲର ଜଣେ ଡାକ୍ତରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଧାମନଗର ବ୍ଲକ ଅଧୀନ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଶ୍ରବଣ ମହାଲିକ। ସେ ଏନେଇ ମଙ୍ଗଳବାର ଧୁଷୁରୀ ଥାନାରେ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ତାଙ୍କ ଆଖି ଚିକିତ୍ସା ପାଇଁ ସେ ସୋମବାର ଧୁଷୁରୀ ଏରିଆ ହସ୍ପିଟାଲକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଜଣେ ଡାକ୍ତର ତାଙ୍କ ଆଖି ପରୀକ୍ଷା କରି ଆଇଡ୍ରପ୍ କିଣି ପକାଇବାକୁ ପ୍ରେସକ୍ରିପ୍‌ସନ ଲେଖିଥିଲେ। ତଦନୁଯାୟୀ ସେ ସେହି ଡ୍ରପ୍ କିଣି ଡାକ୍ତରଙ୍କୁ ଦେଖାଇ ଆଖିରେ ପକାଇଥିଲେ। ମାତ୍ର ତାହା ଅଧିକ ଯନ୍ତ୍ରଣା ଦେବାରୁ ସେ ପୁଣି ମଙ୍ଗଳବାର ଏହି ହସ୍ପିଟାଲକୁ ଆସି ଚିକିତ୍ସା କରିଥିବା ଡାକ୍ତରଙ୍କୁ ଦେଖା କରିବା ସହ ଆଖିର ଯନ୍ତ୍ରଣା ଅଧିକ ହେବା କଥା କହିଥିଲେ। ଡାକ୍ତର ଭୁଲ୍‌ରେ କାନ ଡ୍ରପ୍ ଦେଇଥିବା ସ୍ୱୀକାର କରିଛନ୍ତି। ଏଣୁ ତାଙ୍କ ଆଖି ଚିକିତ୍ସା ପାଇଁ ସେହି ଡାକ୍ତର ସମସ୍ତ ଅର୍ଥ ବହନ କରିବାକୁ ଶ୍ରବଣ ଦାବି କରିଛନ୍ତି। ଶ୍ରବଣଙ୍କ ଏତଲା କପିକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିକଟକୁ ପଠାଇଥିବା ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।




ଶ୍ରବଣ ମହାଲିକ ଏତଲା ଧରି ଧୁଷୁରୀ ଥାନା ଆଗରେ ଛିଡ଼ା ହୋଇଛନ୍ତି।

## ଡାକ୍ତରଙ୍କ ବିରୋଧରେ ଅଭିଯୋଗ

# ଯାତ୍ରାପାର୍ଟିରେ ଚୁକ୍ତି ଖିଲାପ ନେଇ ବିବାଦ | ମଞ୍ଚ ଚଢ଼ିବାକୁ ପୀୟୂଷଙ୍କୁ ଅନୁମତି

**ଭୁବନେଶ୍ୱର,୨୦।୧(ସତ୍ୟଜିତ ରାଉତ)**

ଚର୍ଚ୍ଚିତ ଯାତ୍ରା ଅଭିନେତା ହରିଶଙ୍କର ଓରଫ ପୀୟୂଷ ତ୍ରିପାଠୀଙ୍କୁ ଯାତ୍ରା ମଞ୍ଚ ଚଢ଼ିବା ଉପରେ ଥିବା କଟକଣାକୁ ମଙ୍ଗଳବାର ଅଦାଲତ ପ୍ରତ୍ୟାହାର କରିଛନ୍ତି। ପୀୟୂଷଙ୍କ ବିରୋଧରେ ଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ସେ ଏବେ ମଞ୍ଚରେ ଅଭିନୟ କରିପାରିବେ ବୋଲି ଭୁବନେଶ୍ୱର ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)ଙ୍କ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ବୋଲି ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ତେବେ ଏହି ମାମଲା କୋର୍ଟରେ ଚାଲୁ ରହିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସୂର୍ଯ୍ୟ ମନ୍ଦିର ପାର୍ଟିରେ ୨୦୨୬ ଜୁନ ପର୍ଯ୍ୟନ୍ତ ଅଭିନୟ ପାଇଁ ପୀୟୂଷଙ୍କ ଚୁକ୍ତି ଥିଲା। ହେଲେ ସେ ୨୦୨୫ ଯାତ୍ରାଋତୁରେ ସିଂହବାହିନୀ ପାର୍ଟିରେ ଯୋଗ ଦେବେ ବୋଲି ଟଙ୍କା ଆଣିଥିଲେ। ଫଳରେ ସୂର୍ଯ୍ୟମନ୍ଦିର ଓ ସିଂହବାହିନୀ ପାର୍ଟି ମଧ୍ୟରେ ବିବାଦ ଉପୁଜିଥିଲା। ବିବାଦ ହେବାରୁ ଯାତ୍ରା ମାଲିକ ସଂଘ ପୀୟୂଷଙ୍କୁ ବର୍ଷେ ବିଶ୍ରାମ ଦେଇଥିଲେ। ଗତ ଏପ୍ରିଲ ୧୧ରେ ହୋଇଥିବା ଯାତ୍ରା ମାଲିକ ସଂଘ ବୈଠକର ନିଷ୍ପତ୍ତି ଅନୁଯାୟୀ ପୀୟୂଷ ସୂର୍ଯ୍ୟମନ୍ଦିର ମାଲିକଙ୍କୁ ୬୦ ଲକ୍ଷ ଏବଂ ସିଂହବାହିନୀ ମାଲିକଙ୍କୁ ୫୫ଲକ୍ଷ ଟଙ୍କା ଫେରାଇ ଦେଇଥିଲେ। ଏପରି କି ବର୍ଷେ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ କହିଥିଲେ। ହେଲେ ସେ ଚଳିତବର୍ଷ ଜାନୁଆରୀ ୫ ତାରିଖରେ ସିଂହବାହିନୀ ଯାତ୍ରା ମଞ୍ଚ ଚଢ଼ିଥିଲେ। ଏହାକୁ ନେଇ ସୂର୍ଯ୍ୟ ମନ୍ଦିର ପକ୍ଷରୁ କୋର୍ଟରେ ମାମଲା ହୋଇଥିଲା।



ପୀୟୂଷ ତ୍ରିପାଠୀ

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘରୋଇ ଆଇଟିଆଇ ମହାସଂଘର ଦ୍ୱିତୀୟ ବାର୍ଷିକ ଅଧିବେଶନ, ସ୍ଥାନ: ହୋଟେଲ ପୁଷ୍ପକ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ' ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ରବି ମିଶ୍ରଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନିଜିଗଡ କଲ୍ୟାଣ ମଣ୍ଡପ, ତିଗିରିଆ, ସମୟ: ସକାଳ ୮ଟା।
- ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ରାଜାବଗିଚା, ସମୟ: ପୂର୍ବାହ୍ନ ୧୦ଟା।
- ୨ୟ ପତିତପାବନ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦୁଲାଳି ଦେବୀ ଉଚ୍ଚ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆ, ନୂଆପାଟଣା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ:ବାହାବଳପୁର, ବାଲେଶ୍ୱର, ସମୟ:ସକାଳ ୮ଟା।
- ଅଷ୍ଟମ ଜିଲାପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ:ଉଗରା ବେଳାଭୂମି ପରିସର, ବାଲିଆପାଳ, ସମୟ:ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର ସଂଘର ବିକ୍ଷୋଭ ଏବଂ ଦାବିପତ୍ର ପ୍ରଦାନ, ସ୍ଥାନ:ବ୍ଲକ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସିଭିଲ୍ ସୋସାଇଟିର ବୈଠକ, ସ୍ଥାନ:ଉଠାଜଳସେଚନ କର୍ମଚାରୀ ଭବନ, ପତୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଉଦ୍‌ଘାଟନୀ, ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଚତୁର୍ଥ ବାର୍ଷିକ ହଳଦୀପଦା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ:ପଶୁ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

**ଭଦ୍ରକ**
- ପଳିକିରି ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ନିମାପଡା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ରହିମପୁର ଉଚ୍ଚ ବିଦ୍ୟାଳୟ,ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କରଞ୍ଜଆଡିଆ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପ୍ରେସ୍ କ୍ଲବର ବନ୍ଧୁମିଳନ ଓ ସାଧାରଣ ସଭା, ସ୍ଥାନ: ଫଳପୁର ଗ୍ରାମ୍ୟ ଜଙ୍ଗଲ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଦିବଂଗତ ଡ. ରବୀନ୍ଦ୍ର ନାଥ ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ବିଶାଣିଖରିଦା, ଚରମ୍ପା, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଟାଟା ପାୱାର ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ରାଲି,ସ୍ଥାନ: ହୀରାକୁଦ କଲୋନୀ, ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣା ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ:ଏରେଣ୍ଡେଇ ଭାରତ ସଂସ୍ଥା, ପାଟଣା,ସମୟ: ପୂର୍ବାହ୍ନ ୧୦ଟା୩୦।

**ମୟୂରଭଞ୍ଜ**
- ମା'ଶୀତଳା ଦେବୀଙ୍କ ବାର୍ଷିକ ଖାମୁଯାତ୍ରା ଅବସରରେ ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ:ଡାକୋଇ କଲାରାଫୁଲିଆ, ମୋରଡ଼ା, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଡ଼ିଗାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ ପର୍ବ,ସ୍ଥାନ: ଚିତ୍ରଡ଼ା, ପାଟପୁର ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ପଞ୍ଚମ ଦିବସ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ବାଇକ ଶୋଭାଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ମାତୃଭବନ, ବାରବା, ସମୟ: ଅପରାହ୍ନ ୨ଟା।
- ଢେଙ୍କାନାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ମହିଷାପାଟ ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଆର୍ଥିକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମାଣିକପଥର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଜଗତସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସଚେତନତା ସାଇକେଲ ରାଲି, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗଜାଁପୁର, ତେରଦିଶ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ସମୀର ଚିକିତ୍ସ, ପୁରୁଣା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାପାଙ୍କା, ଦୁର୍ଗିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ପାରା କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଜେଲା ପୋଖରୀ ପଡ଼ିଆ, ରାଉପୁର ନିକଟ, ଜଙ୍ଗଳ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କରଞ୍ଜ ବିଶ୍ୱନାଥ ରାସ୍ତା ନିର୍ମାଣ ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ-୨, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଅଭୟସିଦ୍ଧ ଦାସ ବାବାଜୀ ମହାରାଜ (ଅଖାବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ସେବାଶ୍ରମ, ଜୋକାପାରଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲ୍ଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଦାବିରେ ଯାଜପୁର ଆଦିବାସୀ ସାଉଣ୍ଟି ସମାଜ ଓ ନାଗରିକ ସମାଜ ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁରରୋଡ଼ ଟିଭି ରିପୋର୍ଟର ଆସୋସିଏସନ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ବ୍ୟାସନଗରସ୍ଥିତ ରୟାଲ କଲେଜ ଛକ, ସମୟ ଅପରାହ୍ନ ୩ଟା୩୦।

**ନୟାଗଡ଼**
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ବୃନ୍ଦଗାନ, ସାମୂହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭାପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବାଣାପୁରସ୍ଥିତ ଖଣ୍ଡପଡ଼ା ପଠାଣୀ ସାମନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ମ୍ୟାଚ ଖାଲକଟିଆ ବନାମ ରୋଗତା କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଜିନ ଓ ଲିଜୁନ୍ ୨"ତମ ସ୍ମାରକୀ କ୍ରିକେଟର ଦଶମ ଦିବସର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ସିଆମ୍ବ୍ରା ବନାମ ପଦ୍ମମାଳ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଆମ୍ବ୍ରାସ୍ଥ ଗୋଲୋକାନନ୍ଦ ଏମଇ ସ୍କୁଲ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ମ୍ୟାଚରେ ଓଡ଼ିଶା ପୋଲିସ କଟକ ବନାମ ଷ୍ଟୁ ଫୁଟବଲ କ୍ଲବ କାଶ୍ମୀର, ସ୍ଥାନ:ନୟାଗଡ଼ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ମିନି ମାରାଥନ, ସ୍ଥାନ: ଗୁଣୁପୁର କଲେଜ, ସମୟ: ସକାଳ ୬ଟା।
- ବଂଶଧାରା ବସନ୍ତ ମହୋତ୍ସବ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନିମନ୍ତେ କଳସଯାତ୍ରା, ସ୍ଥାନ: ବଂଶଧାରା ନଦୀଘାଟ ଗୁଣୁପୁର, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- କୃଷକ ରବି ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କୋରାପୁଟ**
- ଭାମଭୋଲ ଭିଲେଜ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ପରିସର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୁକାଲି ନୋଡାଲ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ପୁର୍ଜିଗ ସଦର ପଞ୍ଚାୟତ, ହନୁମାନ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱାପୁର ଆବାସିକ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବିଭିନ୍ନ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଓସ୍ତାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୩ଟା।
- ଆଦର୍ଶ ବିଦ୍ୟାଳୟ ହଷ୍ଟେଲର ଷ୍ଟାଫ ପଦବୀ ନେଇ ସମୀକ୍ଷା, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର କୃଷ୍ଣଲୀଳା କାର୍ଯ୍ୟକ୍ରମ, ସ୍ଥାନ : ଡାଲିଆପୁର ଗ୍ରାମ, ସମୟ : ସକାଳ ୭ଟା।
- ୨୩ ବର୍ଷରୁ କମ୍ ଓଡ଼ିଶା ଓ ହରିୟାଣା କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ସାକ୍ଷୀପତା ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ପୁଷ୍ପ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଭ୍ରାମ୍ୟମାଣ ଆଇନ ସେବା ଶିବିର, ସ୍ଥାନ: କୁମ୍ଭାରିଆଲି, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ରାଉରକେଲା**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଉରକେଲା କଲେଜ ବିହାର ଫେଜ୍-୨, ସମୟ: ସକାଳ ୮ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:କୁଞ୍ଜପାଲି (ଗୋଡଭଗା), ଅତାବିରା, ସମୟ:ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମ୍ଭାରୀ, ବରପାଲି, ସମୟ:ସକାଳ ୮ଟା।
- ବେଦ ପ୍ରବଚନ, ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

**ବୌଦ୍ଧ**
- ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ ଅବସରରେ ନାମଯଜ୍ଞ, ସ୍ଥାନ: ନାରାୟଣ ନଗର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ନବମ ଗଡ଼ଜାତ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆ, ବାଗରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

**ଦେବଗଡ଼**
- ଜାତୀୟ କନ୍ୟା ଦିବସ ଅବସରରେ ବେଟି ବଚାଓ ବେଟି ପଢ଼ାଓ ପଦଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ସବ ପ୍ରଧାନପାଟ ୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆରତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପାତାଳି ମହୋତ୍ସବରେ ଛପନ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ,ଉଲୁଣ୍ଡା ବ୍ଲକ, ସମୟ:ସକାଳ ୭ଟା।
- ସର୍ବଭାରତୀୟ ଲାଲମଣି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗେଏସ୍‌ସି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜେନେଟିଆପାଲି ହାଇ ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ପାତରଗାଁ ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ବ୍ରାହ୍ମଣୀ ମନ୍ଦିରରୁ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୮ଟା।
- ପୌର ପ୍ରଶାସନର ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ-୭ କୁମ୍ଭରାବାନ୍ଧ, ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ପାତରଗାଁ ଲୋକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡ଼ିଆ ବ୍ରାହ୍ମଣୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ଏକାଦଶ ସ୍କନ୍ଦ ଭାଗବତ ପଠନ, ସ୍ଥାନ:ମହାକାଳ ମନ୍ଦିର,ବାଗଡିହି, ସମୟ:ସକାଳ ୮ଟା।
- ନେତାଜୀ ହାଇସ୍କୁଲର କିଶୋର କୁଡ଼ି ଉତ୍ସବ ପାଳନ, ସ୍ଥାନ:ନେତାଜୀ ହାଇସ୍କୁଲ, ବୁଡ଼ାପଦର, ସମୟ: ପୂର୍ବାହ୍ନ ୧୦ଟା।
- ସିଟୁର ଗ୍ରାମବାସୀଙ୍କ ଦ୍ୱାରା ବଡ଼ମାଲ ଆଉଟପୋଷ୍ଟକୁ ଦାବିପତ୍ର ପ୍ରଦାନ, ସ୍ଥାନ: ବଡ଼ମାଲ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଟ୍ୱିନ୍‌ସିଟି ପୋଲିସ କମିଶନର

■ ନେତାଜୀ ଜୟନ୍ତୀରେ ଯୋଗଦେବେ ଉପରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ

■ ଆଲୋକମାଳାରେ ଝଲସିଲା ନେତାଜୀ ସଂଗ୍ରହାଳୟ

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ଜୟନ୍ତୀ ପୂର୍ବରୁ ମଙ୍ଗଳବାରଠାରୁ ଆଲୋକମାଳାରେ ନେତାଜୀ ସଂଗ୍ରହାଳୟ ସଜେଇ ହୋଇଛି। ଜାନୁଆରୀ ୨୩ରେ ନେତାଜୀ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ନେତାଜୀ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ଜୟନ୍ତୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ଧୂମଧାମରେ ପାଳନ କରାଯିବ ବୋଲି ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ପୂର୍ବରୁ ସୋମବାର ସନ୍ଧ୍ୟାରେ ମଧ୍ୟ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ତଥା ନେତାଜୀ ସଂଗ୍ରହାଳୟ ସଚିବ ଦେବଯାନୀ ଭୂୟାଁ ସମୀକ୍ଷା କରିଛନ୍ତି। ନେତାଜୀ



ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ନେତାଜୀ ସଂଗ୍ରହାଳୟ କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

ସ୍ମାରକୀ ପ୍ରତିଷ୍ଠାନ ପରିସରରେ ଉପରାଷ୍ଟ୍ରପତିଙ୍କ ପ୍ରବେଶ ସମୟରେ ପରିସରରେ ଥିବା ଜଳ ପୁରୀଘାଟ ନିକଟରେ ଏନ୍‌ସିସି ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ପତାକା ଦେଖାଇ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବେ। ଏହାପରେ ବ୍ୟାଖ୍ୟାନ କେନ୍ଦ୍ର ଓ ସଂସ୍କୃତି ଭବନରେ ପରାକ୍ରମ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା ଶୁକ୍ରବାର ଜୟନ୍ତୀ ସମାରୋହରେ ଉପରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଯୋଗଦେବେ। ପରେ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଆୟୋଜିତ ସଭାରେ ସାମିଲ ହେବେ। ଏହାକୁ ଦୃଷ୍ଟିରେ ରଖି ପୋଲିସ କମିଶନର ସିଂ କାର୍ଯ୍ୟର ତଦାରଖ କରିଥିଲେ। ଅତିଥିମାନଙ୍କ ସୁରକ୍ଷା ବ୍ୟବସ୍ଥା, ପ୍ରବେଶ, ପ୍ରସ୍ଥାନ ପଥ, ସାଜସଜ୍ଜା ବିଷୟରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

## ତଦନ୍ତ କରିବ...

ପ୍ରଥମ ପୃଷ୍ଠାରୁ...

ସଂସ୍ଥା କିମ୍ବା କୌଣସି କେନ୍ଦ୍ରୀୟ ଏଜେନ୍ସି ବା କୌଣସି ପୋଲିସ ସଂସ୍ଥା କରିପାରିବେ ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ଏଭଳି ତଦନ୍ତ କରିବା ଯୋଗ୍ୟତା କେଉଁ ସଂସ୍ଥା ପାଖରେ ପୋଲିସ ଅଧିକାରୀଙ୍କ ରହିଛି, ତାହା ଆଇନର ଧାରା ୧୭ରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ, ଦୁର୍ନୀତି ଓ ଅସଦାଚରଣ ଭଳି ଅପରାଧରେ ମାମଲା ରୁଜୁ କରିବା କିମ୍ବା ତଦନ୍ତ କରିବାକୁ ଧାରା ୧୭ ରାଜ୍ୟ ପୋଲିସ ଅଥବା ରାଜ୍ୟର କୌଣସି ସ୍ୱତନ୍ତ୍ର ସଂସ୍ଥାକୁ ବାଦ୍ ଦେଇନାହିଁ କିମ୍ବା ପ୍ରତିବନ୍ଧକ ରଖିନାହିଁ। ତେବେ ସୁବିଧା ଏବଂ କାର୍ଯ୍ୟରେ ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ଦିଲ୍ଲୀ ସ୍ୱେଚ୍ଛା ପୋଲିସ ଏଷ୍ଟାବ୍ଲିସମେଣ୍ଟର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଭାବେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରିବାକୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି) କର୍ମଚାରୀଙ୍କୁ ଦୁର୍ନୀତି ଓ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ବିନା ୱାରେଣ୍ଟରେ ଗିରଫ କରିପାରିବ ସହ ତଦନ୍ତ କରିପାରିବ। ରାଜସ୍ଥାନ ହାଇକୋର୍ଟ ଜଣେ କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲା ଖାରଜ କରିବାକୁ ମନା କରିଦେଇଥିବାବେଳେ ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ କାଏମ ରଖିବା ଅବସରରେ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୁକ୍ତ କେନ୍ଦ୍ରୀୟ କର୍ମଚାରୀ ହୋଇଥିଲେ ମଧ୍ୟ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧିକ ମାମଲା ରୁଜୁ କରିବା କ୍ଷମତା ରାଜସ୍ଥାନ ଏସିବିର ରହିଛି ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟ ରାୟ ଠିକ୍ ନିଷ୍ପତ୍ତି ନେଇଛନ୍ତି। କେବଳ ସିବିଆଇ ଦୁର୍ନୀତି ମାମଲାର ତଦନ୍ତ କରିପାରିବ କହିବା ଭୁଲ୍ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

## ବିଭାଗ ଉପରେ...

ପକ୍ଷରୁ ଅର୍ଥପରାମର୍ଶଦାତା ସମ୍ମିଳନୀରେ ଦର୍ଶାଯାଇଛି। ସିଏଜିଙ୍କ ଏଭଳି ସାମ୍ପ୍ରତିକ ତଥ୍ୟକୁ ନେଇ ସବୁ ଅର୍ଥ ପରାମର୍ଶଦାତାଙ୍କ ଆଖି ଖୋଲିଯାଇଥିବା ବେଳେ ଜଣେ ଅର୍ଥପରାମର୍ଶଦାତା କହିଛନ୍ତି। ତଥ୍ୟ ଅନୁଯାୟୀ, ବିଗତ ବର୍ଷଗୁଡ଼ିକରେ ଏପରିକି ୨୦୦୮-୦୯ରୁ ୨୦୨୩-୨୪ ବର୍ଷ ମଧ୍ୟରେ ହଜାର ହଜାର କୋଟି ଟଙ୍କା ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ଖର୍ଚ୍ଚ କରିଥିଲେ ହେଁ ବିନିଯୋଗ ପ୍ରମାଣପତ୍ର ଦେଉନାହାନ୍ତି। ଉଭିମାନରେ ସିଏଜିଙ୍କ ପକ୍ଷରୁ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ୬୮ଟି 'ପାରା' କମ୍ପେଣ୍ଟର ଜବାବ ମିଳିପାରୁନାହିଁ। ଏହାସହିତ ୬୭୯୧ ଏସ୍‌ଏଆର୍-ପାରା', ୧୩ ହଜାର ୪୯୨ ଅଡିଟ୍, ଯେଉଁଥିରେ କି ୫୭ ହଜାର ୨୫୬ ପାରା (ନେଇବାର ସୁଦ୍ଧା) ବକେୟା ରହିଛି। ଏହିଭଳି ଭାବେ ବିଭିନ୍ନ ବିଭାଗର ବେନିୟମ ଖର୍ଚ୍ଚ ହିସାବକୁ ନେଇ ସିଏଜିଙ୍କ ପକ୍ଷରୁ ବାରମ୍ବାର ଯୁକ୍ତି ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ହେଁ ତାହା ମିଳୁ ନ ଥିବା ବୈଠକରୁ ଜଣାପଡ଼ିଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର ସମ୍ପୃକ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କୁ ତୁରନ୍ତ ବକେୟା 'ଯୁକ୍ତି' ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ଭଳି ବହୁ ବିଭାଗରେ ବେଆଇନ ଭାବେ ଅର୍ଥ ଖର୍ଚ୍ଚ ହୋଇଛି, ଯେଉଁପାଇଁ ରାଜକୋଷର ଅର୍ଥ ଦୁରୁପଯୋଗ ହୋଇଛି। ସେସବୁର ହିସାବ ଦେଉନାହାନ୍ତି। ଫଳରେ ବର୍ଷ ବର୍ଷ ଧରି ତାହା ବକେୟା ଖାତାରେ ଗଡୁଥିବାବେଳେ ସିଏଜି ପ୍ରଶ୍ନ ଉଠାଇ ଚାଲିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାଳ ତ ହେଲାଣି ବାବରା**
**ଅସତୀ ଖାଇଲେ ସବୁ ଚାଉଳ**
**ସତୀ କି ନ ମିଳେ ବଗଡ଼ା।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା'ଠାରୁ ଢେର ଅଧିକ କେତେଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୁଳ କନିଆଁ କି କାଳୀ,**
**ତୀର୍ଥ ଜଳ କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପ୍ରତିଷ୍ଠା ଲାଭ କରିବେ। ଶନି କ୍ଷେତ୍ରରୁ ରବି ହେତୁ ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ଆଶା କରିଥିବା ବିଗଡ଼ୁଥିବା ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ:** ବନ୍ଧୁଙ୍କ ସହାୟତାରେ ଆଜିର କର୍ମକ୍ଷେତ୍ରରେ ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ। ଭୁଲ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିଜନିତ ମାନସିକ ଉଦ୍‌ବେଗ ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରୁ ସୁଫଳ ମିଳିବ। କିନ୍ତୁ ପରିବହନ, ପ୍ରକାଶନ ଏବଂ ପ୍ରଶାସନିକ ସ୍ତରରେ ସମସ୍ୟା ଆସିପାରେ।

**ମିଥୁନ:** ଆଜି ଶାରୀରିକ ସ୍ୱାସ୍ଥ୍ୟ ସଙ୍ଗକୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ। ସରକାରୀ କ୍ଷେତ୍ରରୁ ଋଣପ୍ରାପ୍ତରେ ଅର୍ଥଲାଭର ଆଶା ରହିଛି। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ:** ମନ ବିଚଳିତ ରହିବା କାରଣରୁ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ କଷ୍ଟକର ହେବ। ପାପଗ୍ରହ ଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପାଇପାରି ଦେଇପାରନ୍ତି। ନିର୍ମାଣ, ପ୍ରେସ୍, ପବ୍ଲିକେଶନ ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି।

**ସିଂହ:** ମନରେ ଅଶାନ୍ତି ରହିଥିଲେ ମଧ୍ୟ ଶୁକ୍ରଙ୍କ ପ୍ରଭାବରେ କୌଣସି କାର୍ଯ୍ୟ ଅଟକିବ ନାହିଁ। ବୃହସ୍ପତିଙ୍କ ଦ୍ୱାରା ନୂତନ ଯୋଜନାମାନଙ୍କରେ ମୌଖିକ ଆଲୋଚନା କରିବା ଭଲ। ହିତୈଷୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା କାରଣରୁ ମଘା ନକ୍ଷତ୍ରର କେତେକ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା:** ଶନିଙ୍କ କୁପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳାରୁ ଅଶାନ୍ତ ରହିପାରନ୍ତି। ଏହା ସଙ୍ଗକୁ ପାପଯୁକ୍ତ ଚନ୍ଦ୍ର ମଧ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। କୌଣସି ଭଦ୍ର ମହିଳାଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ତୁଳା:** ଆଜି ଅର୍ଥ ଓ ସମ୍ମାନ ଲାଭର ସୁଯୋଗ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭର ଯୋଜନା କରିପାରନ୍ତି। କେତେକ ଅପୂରଣୀୟ ଆଶା ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଆଜିର କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, ସାମ୍ବାଦିକତା ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା:** ଚିନ୍ତାଧାରା ଅନୁଯାୟୀ କୌଣସି କାର୍ଯ୍ୟ ହୋଇପାରିବ ନାହିଁ, ଯାହାକୁ ନିଜର ମନେକରୁଛନ୍ତି, ସେହିମାନଙ୍କର କାର୍ଯ୍ୟକଳାପ ହିଁ ଅଶାନ୍ତିର ପୃଷ୍ଠଭୂମି ସାଜିବ। ପରିବାରରେ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ:** ପରିବାର ସ୍ଥାନରେ ଶନି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ କରି ରଖିପାରନ୍ତି। ଅଷ୍ଟମାଧିପତି ତୃତୀୟରେ ଯୋଗୁ ଭ୍ରାତୃବିବାଦରୁ ଅଶାନ୍ତି ଯୋଗୁ ବିଷାଦଗ୍ରସ୍ତ ରହିବେ। ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ।

**ମକର:** ପାପଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ଅସ୍ଥିରତା ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ। ଶନି ଆପଣଙ୍କୁ ମୂଲ୍ୟହୀନ କଥାରେ ନିମଗ୍ନ କରାଇ ବ୍ୟଥିତ କରିପାରେ। ଏକାଧିକ କାର୍ଯ୍ୟରେ ଜଡ଼ିତ ରହି କୌଣସି କାର୍ଯ୍ୟରେ ସଫଳତା ପାଇବେ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇଁ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି।

**କୁମ୍ଭ:** ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା, କରଜ ଓ ପୂର୍ବ ଶତ୍ରୁତା ସମ୍ବନ୍ଧୀୟ ଦୁଶ୍ଚିନ୍ତା ବିଚଳିତ କରିପାରେ। ଆଜିର ଯାତ୍ରା, ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିପାରିବେ। ପରିବାରରେ ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ:** ପାପଯୁକ୍ତ ଚନ୍ଦ୍ର ଦ୍ୱାଦଶଭାବରୁ ହେତୁ ପରିସ୍ଥିତିବଶତଃ ଖର୍ଚ୍ଚର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସର୍ବାଙ୍ଗୀଣ ସଫଳ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଠାରୁ ଟାପରା ମନକୁ ବିଚ୍ଛିନ୍ନ କରିପାରେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଜାନୁଆରୀ ୨୧ ତାରିଖ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମପୁଷ୍ପ ବେଶ, ମାଘ ଶୁକ୍ଳ ତୃତୀୟା ବୁଧବାର। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦିବା ଘ.୦୧।୧୫ମି. ଗତେ ଶତଭିଷା, ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୭।୨୭ମି. ଗତେ ଘ.୦୯।୫୫ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୧୧।୩୫ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୧।୫୭ମି. ଗତେ ଘ.୦୧।୨୦ମି. ମଧ୍ୟେ ରାହୁ କାଳ।

# ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଗଲା ପୋଲିସ ଟିମ୍



ପଶ୍ଚିମାଞ୍ଚଳ ଡିଆଇଜ ବ୍ରିଜେଶ କୁମାର ରାଏ ଲୁଟ୍ ହୋଇଥିବା ବ୍ୟାଙ୍କ ପରିଦର୍ଶନ କରୁଛନ୍ତି।

**ବଡ଼ବିଲ, ୨୦।୧(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଷ୍ଟ୍ରଙ୍ଗରୁମ୍‌ରୁ ସୋମବାର ଦିନ ଦ୍ୱିପହରରେ ୫ରୁ ୬ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୫ କି.ଗ୍ରା.ରୁ ଉର୍ଦ୍ଧ୍ୱ ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଓ ନଗଦ ପ୍ରାୟ ୪ଲକ୍ଷ ୩୪ହଜାର ଟଙ୍କା ଲୁଟି ନେବାର ଦିନକ ପରେ ବି ପୋଲିସ ହାତ ଖାଲିପଡ଼ିଛି। ଅପରାଧୀଙ୍କ ସୁରାକ୍ ପାଇଁ ପୋଲିସ ଜୋରଦାର ଉଦ୍ୟମ ଜାରି ରଖିଛି। କେନ୍ଦୁଝର ଜିଲା ପୋଲିସର ବଛା ବଛା ଅଫିସରଙ୍କୁ ନେଇ ୫ଟି ଟିମ୍ ବିଭିନ୍ନ ସ୍ଥାନ ଅଭିମୁଖେ ଯାଇଛି। ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟ ସମେତ ଆମ ରାଜ୍ୟର ଝାରସୁଗୁଡ଼ା, ମୟୂରଭଞ୍ଜ ଜିଲାକୁ ପୋଲିସର ଟିମ୍ ଯାଇଥିବା ଆଇଆଇସି ଅଶୋକ କୁମାର ନାୟକ କହିଛନ୍ତି। ବ୍ୟାଙ୍କର ସିସି କ୍ୟାମେରାର ଫୁଟେଜ୍ ରେକର୍ଡିଂ ହେଉଥିବା ଡିଭିଆରକୁ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜରୁ ୩ ବାଇକରେ ୬ଜଣ ଦୁର୍ବୃତ୍ତ ଆସି ଲୁଟିନେଇ ଫେରାର ହୋଇଯାଇଥିବା ଜାଣିବାକୁ ପାଇଛି। ଏଥିସହ ମୋବାଇଲ କଲ୍ ଲୋକେଶନକୁ ପୋଲିସ ଅନୁଧ୍ୟାନ କରୁଛି। ଘଟଣା ପରେ କେନ୍ଦୁଝର ଜିଲା ପୋଲିସ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ରଖି ତଦନ୍ତ କରୁଛି। ମଙ୍ଗଳବାର ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ବ୍ୟାଙ୍କକୁ ପରିଦର୍ଶନ କରିଛନ୍ତି। ସେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଘଟଣାବେଳେ ଥିବା ଗ୍ରାହକମାନଙ୍କୁ ପଚାରି ବୁଝିଛନ୍ତି। ଡିଆଇଜି ରାଏ କହିଛନ୍ତି, ଦୁର୍ବୃତ୍ତମାନେ ଝାଡ଼ଖଣ୍ଡ ଆଡକୁ ପଳାଇଥିବା ଅନୁମାନ କରାଯାଇଛି। ଏଥିସହ କେନ୍ଦୁଝର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ସୁରାକ ମଧ୍ୟ ମିଳିସାରିଛି। ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ ଲୁଟ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଉଦ୍ଧାର କରାଯିବ ବୋଲି ଡିଆଇଜି ରାଏ କହିଛନ୍ତି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ ବଡବିଲ ଥାନାରେ ମାମଲା(ନଂ. ୨୯/୨୦୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବଡବିଲ ବ୍ୟାଙ୍କ ଡକାୟତି ଘଟଣା

■ **ବ୍ୟାଙ୍କ ଅନୁଧ୍ୟାନ କଲେ ପଶ୍ଚିମାଞ୍ଚଳ ଡିଆଇଜି**

ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କରୁ ଏଭଳି ଲୁଟ୍ ଘଟଣା ପୋଲିସର ନିଦ ହଜାଇଛି। ଏ ସମ୍ପର୍କରେ ବ୍ୟାଙ୍କ ବିଏମ୍ ପଙ୍କଜ କୁମାର ବର୍ଣ୍ଣୱାଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ତଥ୍ୟ ଦେବାର ଅନୁମତି ନାହିଁ ବୋଲି କହିଥିଲେ। ବଡବିଲ ପୋଲିସ ପକ୍ଷରୁ ଜାରୀ କରାଯାଇଥିବା ଏସ୍‌ଓପି ବିଷୟରେ ପଚାରିବାରୁ ସେ କହିଥିଲେ, ଉଚ୍ଚ ଅଧିକାରୀଙ୍କୁ ସୁରକ୍ଷାକର୍ମୀ ନିୟୋଜନ ନେଇ ପତ୍ରାଳାପ କରାଯାଇଥିଲେ ହେଁ ସୁରକ୍ଷା କର୍ମୀ ଦିଆଯାଇ ନ ଥିଲା। ଅପରପକ୍ଷେ ବ୍ୟାଙ୍କରୁ ଲୁଟ୍ ଘଟଣାକୁ ନେଇ ବ୍ୟାଙ୍କର ଇଣ୍ଟରନାଲ ଇନ୍‌କ୍ୱାରି ଚାଲିଥିବା ଜଣାପଡିଛି। ଭୁବନେଶ୍ୱରରୁ ଆସିଥିବା ବ୍ୟାଙ୍କର ଡେପୁଟି ଜୋନାଲ ମ୍ୟାନେଜର ସଞ୍ଜୀବ ଦାସ କହିଛନ୍ତି, ବ୍ୟାଙ୍କ ତରଫରୁ ଥାନାରେ ଏତଲା ଦିଆଯାଇଛି। କେତେ ଟଙ୍କା ବା କେତେ ପରିମାଣର ସୁନା ଅଳଙ୍କାର ଲୁଟ ହେଲା ସେ ନେଇ କୌଣସି ତଥ୍ୟ ଗଣମାଧ୍ୟମକୁ ଦେଇପାରିବୁ ନାହିଁ ବୋଲି ସେ କହିଛନ୍ତି। ତେବେ କ୍ୟାଶିୟର ଏକ ଟ୍ରେନିଂରେ ଯାଇଥିବାରୁ ସେ ଅନୁପସ୍ଥିତ ରହିଥିବା ନେଇ ବିଏମ୍ ବର୍ଣ୍ଣୱାଲ ସୂଚନା ଦେଇଛନ୍ତି।

# ଚାଷଜମିରେ ବୋମା

**ଦିଗପହଣ୍ଡି,୨୦।୧**
**(ଅଶେଷ ନାଥ ମିଶ୍ର)**



ବାଲ୍‌ଟିରୁ ବାହାର କରି ରଖାଯାଇଥିବା ବୋମା।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମ ବଡ଼ବନ୍ଧ ପୋଖରୀ ନିକଟସ୍ଥ ରଘୁ ପ୍ରଧାନଙ୍କ ଘର ବାରିପଟ ଚାଷଜମିରୁ ମଙ୍ଗଳବାର ସକାଳେ କେତୋଟି ହାତବୋମା ମିଳିଛି। ଖବର ପ୍ରଚାର ହେବା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ପହଞ୍ଚି ସବୁ ବୋମା ଜବତ କରି ତଦନ୍ତ ଜାରି ରଖିଛି। ସକାଳେ ଗ୍ରାମର କେତେ ଜଣ ବ୍ୟକ୍ତି ସେହି ଚାଷଜମି ଦେଇ ଯାଉଥିବା ବେଳେ ଏକ ପ୍ଲାଷ୍ଟିକ୍ ବାଲ୍‌ଟିରେ ଚାଷଜମିରେ କିଛି ରଖାଯାଇଥିବା ଦେଖିଥିଲେ। ପାଖକୁ ଯାଇ ଦେଖିବାରୁ ବାଲ୍‌ଟି ଭିତରେ ବୋମା ଥିଲା। ବୋମା ଥିବା ଦେଖି ସେମାନେ କେ. ନୂଆଗାଁ ଥାନାକୁ ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମାଗୁଡ଼ିକୁ ଜବତ କରିଥିଲା। ଚାଷଜମିରେ ବୋମା କିଏ ରଖିଥିଲେ। ତାଙ୍କ ଉଦ୍ଦେଶ୍ୟ କ'ଣ ହୋଇପାରେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଆଇଆଇସି କିଶୋର ସାମଲଙ୍କ ଏତଲାକ୍ରମେ ନଂ.୨୪/୨୬ରେ ଏକ ମାମଲା ରୁଜୁ ହୋଇଛି। କିଛିଦିନ ହେଲା ଗ୍ରାମ ନିକଟରେ କେତେଜଣ ଯୁବକ ସଂଘବଦ୍ଧ ଭାବେ ଜୁଆ ଆଡ୍ଡା ଚଳାଇଛନ୍ତି। ଏହି ଜୁଆଆଡ୍ଡାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ବୋମାମାଡ଼ କରିବା ଉଦ୍ଦେଶ୍ୟରେ ଏସବୁ ବୋମା ରଖାଯାଇଥିବା ନେଇ ପୋଲିସ ସନ୍ଦେହ କରୁଛି। ଏ ସମ୍ପର୍କରେ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟର ବୋମା ନିଷ୍କ୍ରିୟ ସ୍କ୍ୱାଡ୍‌କୁ ଖବର ଦେଇଛୁ। ସ୍କ୍ୱାଡ୍ ପହଞ୍ଚିଲେ ବୋମାଗୁଡ଼ିକୁ ନିଷ୍କ୍ରିୟ କରାଯିବ ବୋଲି ଆଇଆଇସି ସାମଲ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତିପକ୍ଷ ଗୋଷ୍ଠୀର ବ୍ୟକ୍ତି ମାନଙ୍କୁ ଆକ୍ରମଣକରି ବୋମାମାଡ କରିବାକୁ କେହି ଏସବୁ ବୋମା ରଖିଥିବା ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ ୩ ମାସ ତଳେ କୁମରଡ଼ା ଗାଁ ନିକଟସ୍ଥ ବୈଷ୍ଣବଦଳି ପାହାଡ ଶ୍ରୀହନୁମାନ ଓ ସାଇ ମନ୍ଦିର ପାର୍ଶ୍ୱରେ ବହୁ ସଂଖ୍ୟକ ବୋମା ଏକ ଝୋଟ ଅଖାରେ ରଖାଯାଇଥିବା ମନ୍ଦିର ପୂଜକ ଦେଖିଥିଲେ। ପରେ ସେ କେତେ ଜଣ ବ୍ୟକ୍ତିଙ୍କ ସହାୟତାରେ ସତର୍କତାର ସହ ବୋମା ଭର୍ତ୍ତି ଅଖାକୁ ଆଣି ନିକଟସ୍ଥ କେନାଲରେ ଫୋପାଡି ଦେଇଥିଲେ। ଘଟଣା ପରଦିନ କେନାଲରୁ ଏହି ବୋମା ଭର୍ତ୍ତି ଅଖା କେଉଁଆଡେ ଗାଏବ ହୋଇଯାଇଥିଲା।

# ଦୁର୍ଘଟଣାରେ କାର୍ ଚୂର୍‌ମାର, ୨ ସାଙ୍ଗ ମୃତ

**ବଘିଆପଡା,୨୦।୧**
**(ଶ୍ରୀକାନ୍ତ ସାହୁ)**



ଦୁର୍ଘଟଣାଗ୍ରସ୍ତ କାର୍।

ବୌଦ୍ଧ ଜିଲା ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ତେଲିବନ୍ଧଠାରେ ମଙ୍ଗଳବାର ଭୋର୍ ସମୟରେ ଏକ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଏକ କାର୍ ଚୂର୍‌ମାର ହୋଇଥିବା ବେଳେ କାର୍‌ରେ ଥିବା ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ମନମୁଣ୍ଡା ଥାନା ଦେଉଳିର ଆଶୁତୋଷ ସାହା (୨୪) ଏବଂ ଗୁଡଭେଲିପଦରର ନିତିନ ଦ୍ୱାରି (୨୪)। ଖବର ପାଇ ବୌଦ୍ଧ ପୋଲିସ ଓ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏ ନେଇ ଏକ ମାମଲା (ନଂ.୩୫/୨୬) ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆଶୁତୋଷ ଓ ନିତିନ ଦୁଇ ସାଙ୍ଗ ଏବଂ ଉଭୟ ବଲାଙ୍ଗୀରରେ ରହୁଥିଲେ। ସେମାନେ ବଲାଙ୍ଗୀରର ଜଣେ ସାଙ୍ଗଙ୍କ କାର୍ (ନଂ.ଓଡି୦୨ଏକ୍ସ/୩୯୨୧)କୁ ନେଇ ବଲାଙ୍ଗୀରରୁ ଭୁବନେଶ୍ୱର ଯାଉଥିବା ବେଳେ ଜାତୀୟ ରାଜପଥର ତେଲିବନ୍ଧଠାରେ ମଙ୍ଗଳବାର ଭୋର୍ ୪ଟା ସମୟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା।ଫଳରେ କାର୍‌ଟି ଚୂରମାର ହୋଇଥିବାବେଳେ ସେଥିରେ ଥିବା ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟଣାଇଥିବା ଗାଡି ଫେରାର ହୋଇଯାଇଛି।

## ତ୍ରୁଟି ସଂଶୋଧନ

ଜାନୁଆରୀ ୨୦ ତାରିଖର 'ଧରିତ୍ରୀ' ପୃଷ୍ଠା–୩ ରେ ପ୍ରକାଶିତ ଖବର 'କଳଙ୍କ ଓ କନ୍ଦଳରୁ କେବେ ମୁକୁଳିବ କଂଗ୍ରେସରେ ୪ଟି ରାଜ୍ୟ ସଭା ଆସନ ବିଜେଡିର ବୋଲି ଉଲ୍ଲେଖ କରାଯାଇଥିଲା। ସେହି ତଥ୍ୟ ତ୍ରୁଟିପୂର୍ଣ୍ଣ। ବାସ୍ତବରେ ଏହା ଭାଜପାର ୨ଟି ଏବଂ ବିଜେଡିର ୨ଟି ଆସନ। ଏହି ତ୍ରୁଟି ପାଇଁ ଆମେ ଦୁଃଖିତ।

–ସମ୍ପାଦକ

# ପୁଅ ମୃତ୍ୟୁ ପରେ ଆଖିବୁଜିଲେ ଶତାୟୁ ମା'

**ବଡ଼ଗାଁ, ୨୦।୧(ଅଶୋକ ଷଡଙ୍ଗୀ)**

ପୁଅ ମୃତ୍ୟୁର ୮ଘଣ୍ଟା ପରେ ଆଖିବୁଜିଲେ ଶତାୟୁ ମା'। ଗୋଟିଏ ସ୍ଥାନରେ ଜଳିଲା ମା' ପୁଅଙ୍କ ଶବ। ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମିରା ଗାଁରେ ମଙ୍ଗଳବାର ଦେଖିବାକୁ ମିଳିଛି ଏଭଳି ଦୁଃଖଦ ଘଟଣା। ମୃତକ ଦ୍ୱୟ ହେଲେ ଗାଁର ଏକାଦଶିଆ ବେହେରା (୭୮) ଏବଂ ତାଙ୍କ ମା' ଲୋଚନୀ (୧୦୩)। ଏକାଦଶିଆ ଗଣିତ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ଡାକ୍ତର ଦେଖାଇ ଚିକିତ୍ସା ଚାଲୁଥିବାବେଳେ ମଝିରେ ମଝିରେ ତାଙ୍କର ସ୍ୱାସ୍ଥ୍ୟ ବିଗୁଡୁଥିଲା। ସେ ସୋମବାର ସନ୍ଧ୍ୟା ୭ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଘରେ ତାଙ୍କର ଶତାୟୁ ମା' ଜୀବିତ ଥିଲେ। ଏକାଦଶିଆଙ୍କ ମୃତ୍ୟୁ ପରେ ଘରେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କ ଭିଡ଼ ହୋଇଯାଇଥିଲା। ଘରେ ଭିଡ଼ ଦେଖି ଘଟଣା ବିଷୟରେ ଜାଣି ଲୋଚନୀ ନିର୍ବାକ ଓ ନିସ୍ତେଜ ହୋଇଯାଇଥିଲେ। ଆଖିରେ ଲୁହ ଭରି ଯାଇଥିଲା। ଶେଷରେ ପୁଅ ମୃତ୍ୟୁର ୮ଘଣ୍ଟା ପରେ ରାତିରେ ବୃଦ୍ଧା ମା' ଆଖିବୁଜିଥିଲେ। ଶେଷକୃତ୍ୟ ପାଇଁ ଘରେ ଥିବା ପରିଜନ ଓ ବନ୍ଧୁବାନ୍ଧବ ବୃଦ୍ଧାଙ୍କ ମୃତ୍ୟୁ ପରେ ସକାଳେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ରାଉରକେଲା,୨୦।୧(ସଙ୍ଗୀତା ଜେନା)**

୨୦୨୧ରେ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ସଙ୍ଗଠିତ ଏକ ବଳାତ୍କାର ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଥିବା ଶଙ୍କର ସିଂଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏହି ଘଟଣାରେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ୨ଲକ୍ଷ ଜରିମାନା ଏବଂ ଜରିମାନା ଅନାଦାୟ ଅତିରିକ୍ତ ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୧୧ତାରିଖ ପୂର୍ବାହ୍ନ ୧୦ଟାରେ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ପୀଡିତା ନାବାଳିକାଙ୍କ ମା' ଓ କକା କାମ କରିବାକୁ ବାହାରକୁ ଯାଇଥିଲେ। ନାବାଳିକାଙ୍କ ଜେଜେମା'ଙ୍କ ଠାରୁ ଫୋନ୍ କଲ୍ ପାଇ ତାଙ୍କ ମା' ଘରକୁ ଆସି ଝିଅକୁ ଟାଙ୍ଗରପାଲୀ ଅଟୋ କଲୋନୀରେ ରହୁଥିବା ଶଙ୍କର ବଳାତ୍କାର କରିବା ସମୟରେ ଧରାପଡ଼ିଥିବା ଜାଣିବାକୁ ପାଇଥିଲେ। ଘଟଣା ଦିନ ଅପରାହ୍ନ ୧ଟା ୩୦ରେ ପୀଡ଼ିତାଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଫାଷ୍ଟଟ୍ରାକ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ବିଚାର ସମୟରେ ୧୪ ଜଣଙ୍କ ସାକ୍ଷ୍ୟ, ୩ ଜଣଙ୍କ ସଫେଇ ସାକ୍ଷ୍ୟ ଓ ଦସ୍ତାବିଜ୍‌କୁ ଆଧାର କରି ଫାଷ୍ଟଟ୍ରାକ୍ (ପୋକ୍‌ସୋ) କୋର୍ଟ ବିଚାରପତି ପି. ସୂର୍ଯ୍ୟାରାଓ ଅଭିଯୁକ୍ତ ଶଙ୍କରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଅମ୍ବିକା ପ୍ରସାଦ ସିଂ, ଜିଲା ଅଭିଯୋଜକ କହ୍ନେଇଲାଲ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲା ପରିଚାଳିତ ହୋଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ । ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି । ଶିଘ୍ର ଯୋଗାଯୋଗ କରନ୍ତୁ ।
Contact : 6372110065

WANTED
Lady Office Assistant
ମାଗଣା ରହିବା + ଖାଇବା
Salary 10000 + Bonus up to 50000 yearly at Near Phulanakhara, Cuttack
Contact : 7809525452

APPOINTMENT
District Disability Rehabilitation Centre (DDRC), Subarnapur
Applications are invited for the following Posts of DDRC, Subarnapur
1. Clinical / Rehab. Psychologist: M.Phil or Prof. Diploma in clinical Psych. / M.Phil or PGDRP (20,500/- (@ 850 p.v), 2. Sr. Prosth. / Orth. (OH Cat): Bachelor in Prost. & Orth. (BPO) From RCI recognized inst. 20,500/- ( @ 850 p.v), 3. Prosthetist / Orth. Tech.: Diploma in P&O or Certificate in P&O with 3 years Exp. 14,500/-, 4. Audiologist & Sr. Speech Therapist: Bachelor in Audiology and Speech & Language Pathology (BASLP) or B.SC Speech & Hearing (20,500/-( @ 850 p.v), 5. Voc. Couns.-Cum-Comp. Asst.: Diploma in Vocational Rehab. (DVR) / ADCGC / BRSc (14,500/-), 6. Early Inter. Therapist: PGDDT / PGDEI / BMR / BRSc / BRT / MRSc / MSc-EI (14,500/-).
Candidates shall send their resume within 7days to the PIA, DDRC, Subarnapur, At- Design Display Centre (RTO Office Road), Po- Sonepur, Pin-767017, Dist-Subarnapur, by post / in person or Email: ddrcsubarnapur@rediffmail.com
Contact: 8260292953 (PIA, DDRC, SUBARNAPUR)

Estd.- 1979
☎ 7682032632
THE KOSALA SCHOOL
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

➢ Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
➢ Couples will be given preference and provided with rent free accommodation.
➢ Selected candidates shall have to stay inside the Hostel campus on free of rent and free fooding.
➢ Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
➢ Original Certificates to be produced at the time of interview for verification.
➢ No TA/DA will be given for attending the interview.
➢ For any clarification candidates may call to the phone no. (given above) from 10.00 A.M. to 2.00 P.M.
Sd./- Principal



ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। -ଶ୍ରୀଅରବିନ୍ଦ

-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ



# ନଏଡା ଦୁର୍ଘଟଣା

ଘନକୁହୁଡ଼ି ଯୋଗୁ ଦିଲ୍ଲୀ ପାଖ ତଥା ଉତ୍ତରପ୍ରଦେଶ ରାଜ୍ୟର ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି (ନଏଡା)ର ସେକ୍ଟର ୧୫୦ ନିକଟରେ ୧୬ ଜାନୁଆରୀ ୨୦୨୬ ବିଳମ୍ବିତ ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ପିଟି ହୋଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଯୁବରାଜ ମେହେଟା ନାମକ ଏହି ଯୁବକ କାମ ସାରି ଘରକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଅଭିଯୋଗ ହେଉଛି ଯେ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ ଗଭୀର ଖାତକୁ ପଡ଼ିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଯୁବକ ତାଙ୍କ ପିତାଙ୍କୁ ଫୋନ୍ କରି ଉଦ୍ଧାର ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହୁଥିବା ବେଳେ ତାଙ୍କ କାର୍‌ଟି ଗଭୀର ପାଣି ଭିତରକୁ ଚାଲିଯାଇଥିଲା। ଶୁଣିବାକୁ ମିଳୁଛି ଯେ, ସ୍ଥାନୀୟ ପୋଲିସ, ବୁଡ଼ାଳି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର କର୍ମଚାରୀ ଦୀର୍ଘ ସମୟ ଉଦ୍ଧାର କାର୍ଯ୍ୟରେ ଲାଗି କାର୍‌କୁ ପାଣିରୁ ବାହାର କରିଥିଲେ ମଧ୍ୟ ଯୁବରାଜଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହା ନିଶ୍ଚିତ ହୃଦୟ ବିଦାରକ ଘଟଣା। ଯୁବରାଜଙ୍କ ଦୁର୍ଘଟଣା ପୂର୍ବରୁ ସେହି ସ୍ଥାନରେ ଏକ ଟ୍ରକ୍ ଖାତ ଭିତରକୁ ପଶିଯାଇଥିଲା ବୋଲି ତା'ର ଡ୍ରାଇଭର କହିଛନ୍ତି। ହେଲେ ସେ ପାଣିରୁ ଉଠିପଡ଼ିଥିଲେ ଓ ନିଜକୁ ବଞ୍ଚାଇପାରିଥିଲେ। ଦେଖିବାକୁ ଗଲେ ଭାରତର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଖାଲ, ଖୋଲା ନାଳନର୍ଦ୍ଦମା କିମ୍ବା କୌଣସି ଭିତ୍ତିଭୂମି କାମ ପାଇଁ ଖୋଳା ଯାଇଥିବା ଭୂଭାଗ ଦୀର୍ଘଦିନ ମୁକୁଳା ପଡ଼ି ରହିବା ଏକ ସାଧାରଣ ଦୃଶ୍ୟମାନ ଚିତ୍ର। ଏଥିସହିତ ରାସ୍ତାକୁ ମରାମତି କରିବା ଉଦ୍ଦେଶ୍ୟରେ ଯେଉଁସବୁ ଜାଗାରେ ଖୋଳାଯାଇଥାଏ, ସେ ସମ୍ପର୍କରେ କୌଣସି ସଂକେତ ଦିଆଯାଏ ନାହିଁ; ଫଳରେ ମାରାତ୍ମକ ଦୁର୍ଘଟଣା ଘଟିବା ନିଶ୍ଚିତ। ସେଥିଯୋଗୁ ପ୍ରତିବର୍ଷ ଶିଶୁଠାରୁ ଆରମ୍ଭ କରି ଅନେକ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ଆସିପାରୁ ନାହିଁ। ଭିତ୍ତିଭୂମି ଗଢ଼ିବା କାର୍ଯ୍ୟରେ ନିୟୋଜିତ ସଂସ୍ଥା ଓ ସରକାରୀ ଅଧିକାରୀଙ୍କ କାର୍ଯ୍ୟ ତଦାରଖରେ ଅବହେଳା ଯୋଗୁ ଅଘଟଣକୁ ରୋକାଯାଇପାରୁ ନାହିଁ।

୨୦୨୫ ଅକ୍ଟୋବରରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରର ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। କେବଳ ସେତିକି ନୁହେଁ, ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଥିଲେ ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ଯଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ୨୦୨୫ ଅକ୍ଟୋବର ୧୫ରେ ଆମେ ଏହି ସ୍ତମ୍ଭରେ 'ଦାୟୀଙ୍କଠାରୁ ଆଦାୟ' ଶୀର୍ଷକ ଲେଖା ପ୍ରକାଶ କରିଥିଲୁ। ଦର୍ଶାଇଥିଲୁ ଯେ, ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନ୍‌ରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହୋଇପାରନ୍ତା। ଆଉ ଏକ ବିଷୟ ହେଲା ନଏଡା ଯୁବକଙ୍କୁ ଉଦ୍ଧାର କରିବା ଲାଗି କାର୍ଯ୍ୟରେ ନିୟୋଜିତ ପୋଲିସ ଓ ଉଦ୍ଧାରକାରୀ ସଂସ୍ଥା କର୍ମଚାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିକଶିତ ଭାରତ କଥା ଉଠୁଛି। କୁହାଯାଉଛି ଯେ ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ହେଲେ ନାଗରିକଙ୍କୁ ସର୍ବନିମ୍ନ ଭିତ୍ତିଭୂମି ସୁବିଧା ଓ ସୁରକ୍ଷା ଦେବାରେ ଅସମର୍ଥ ହେଉଥିବା ବ୍ୟବସ୍ଥା ବୃହତ୍ ଅର୍ଥନୀତିର ସ୍ୱପ୍ନ ଦେଖାଇବା ହାସ୍ୟାସ୍ପଦ ମନେହେଉଛି। ଏହା କେବଳ ନଏଡା କଥା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ବିଶେଷକରି ସହରାଞ୍ଚଳରେ ଖାଲଖମା ସଡ଼କ, ଭଙ୍ଗା ଇଲେକ୍ଟ୍ରିକ୍ ପୋଲ୍‌ରୁ ଝୁଲିପଡ଼ିଥିବା ତାର ଆଦିର ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳେ। କେଉଁଠି କେତେବେଳେ ଅଘଟଣ ଘଟିଲେ ସ୍ଥାନୀୟ ପ୍ରଶାସନ ଚିହିଁକି ଉଠେ। କିନ୍ତୁ ପରେ ଯେଉଁ କଥାକୁ ସେହି କଥା। ନଏଡା ଅଘଟଣ ଦେଶସାରା ଖବର ପାଲଟିଯିବାରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦର୍ଶାଇବାକୁ ଯାଇ ଉତ୍ତରପ୍ରଦେଶ ସରକାର ନଏଡା ଅଥରିଟି ସିଇଓଙ୍କୁ ପଦରୁ ବହିଷ୍କାର କରିଛନ୍ତି। ଇତିମଧ୍ୟରେ ରିୟଲ ଇଷ୍ଟେଟ ଡେଭଲପରଙ୍କୁ ଗିରଫ କରାଯାଇଥିବା ଶୁଣିବାକୁ ମିଳିଛି। ବାସ୍ତବରେ ସେହି ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଅଣାଯାଇ ଦଣ୍ଡିତ କରାଯିବା ଆବଶ୍ୟକ। କାରଣ ଏକ ବଡ଼ କୋଠା ନିର୍ମାଣ ଲାଗି ବେସ୍‌ମେଣ୍ଟ ସକାଶେ ଖୋଳାଯାଇଥିବା ଖାତରେ ବର୍ଷାପାଣି ଭର୍ତ୍ତି ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଏପରି ସ୍ଥଳେ ନିର୍ମାଣ କାର୍ଯ୍ୟ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଅବଶ୍ୟ ଏହା ମଧ୍ୟ ମନେରଖିବା ଦରକାର ଯେ, ଗିରଫ ହୋଇଥିବା ଡେଭଲପର ଖୁବ୍ ଅଳ୍ପଦିନ ମଧ୍ୟରେ ଜାମିନ ପାଇ ମୁକ୍ତ ନାଗରିକ ହୋଇଯିବେ।

ଅପରପକ୍ଷରେ ଯୁବରାଜଙ୍କ ଗାଡ଼ି ପାଚେରିରେ ଧକ୍କା ଖାଇ ଖାତକୁ ପଡ଼ିଯିବା ମଧ୍ୟ ତାଙ୍କ ଚାଳନା ଉପରେ ପ୍ରଶ୍ନ ଉଠାଉଛି। ସର୍ବଦା କୁହାଯାଉଛି ଯେ, ଦ୍ରୁତଗତିରେ ଗାଡ଼ିଚାଳନା ବିପଦ ଆଣିଥାଏ। ହୁସିଆର ହୋଇ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ମନ ସର୍ବଦା ସଜାଗ ରହିବା ଦରକାର ଯେ, ଅନ୍ୟ ଗାଡ଼ିଚାଳକଙ୍କ ବେପରୁଆ ବ୍ୟବହାର ମଧ୍ୟ ଦୁର୍ଘଟଣା ଘଟାଇପାରେ। ଅନେକ କ୍ଷେତ୍ରରେ ନିଶାସକ୍ତ ଡ୍ରାଇଭରଙ୍କ ଯୋଗୁ ମଧ୍ୟ ଅଘଟଣ ଘଟିଥାଏ। ଯୁବରାଜ ବହୁ ଜୋରରେ ଗାଡ଼ି ଚଳାଉଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ତାହା ଯଦି ସତ ହୋଇଥାଏ, ତେବେ ପ୍ରତ୍ୟେକ ନାଗରିକ ନିଜକୁ ସୁରକ୍ଷିତ ଭାବେ ଗତି କରିବା ଦିଗରେ ସଜାଗ ହେବା ଦରକାର। ପ୍ରତି କଥାରେ ଅନ୍ୟ କାହା ଉପରେ ସମ୍ପୂର୍ଣ୍ଣ ଦୋଷ ଲଦିବା ପୂର୍ବରୁ ସତର୍କତା ଅବଲମ୍ବନ କରାଯିବା ବ୍ୟକ୍ତିଗତ ସୁରକ୍ଷାର ମୌଳିକ ଚିନ୍ତା ହେବା ଆବଶ୍ୟକ ହୋଇପଡ଼ିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | 7 | 5 | 1 | |
| | | 2 | | 3 | | | | |
| | | | | | | | | 8 |
| | | 9 | | | | | | |
| | | | 2 | | | | | 6 |
| 2 | | 8 | 4 | | 5 | | 7 | |
| | | | | | | | | |
| | | | 7 | 1 | | | | |
| 3 | | | 5 | 2 | | 9 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 5 | 4 | 7 | 9 | 6 | 1 |
| 9 | 4 | 1 | 8 | 6 | 2 | 5 | 3 | 7 |
| 5 | 7 | 6 | 9 | 3 | 1 | 8 | 2 | 4 |
| 7 | 3 | 8 | 6 | 1 | 5 | 2 | 4 | 9 |
| 2 | 1 | 9 | 7 | 8 | 4 | 6 | 5 | 3 |
| 6 | 5 | 4 | 2 | 9 | 3 | 7 | 1 | 8 |
| 1 | 6 | 5 | 3 | 7 | 9 | 4 | 8 | 2 |
| 8 | 9 | 3 | 4 | 2 | 6 | 1 | 7 | 5 |
| 4 | 2 | 7 | 1 | 5 | 8 | 3 | 9 | 6 |

ଗତକାଲିର ଉତ୍ତର

# ଆପଣା ପଣରେ ନାରୀ



ଗଣେଶ୍ୱର ନାୟକ

ରାଜା ବ୍ରାହ୍ମଣମାନଙ୍କୁ ପୁଚ୍ଛାକଲେ, 'ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ କି ନ ଖାଇ'। ତହିଁକି ବ୍ରାହ୍ମଣ ବୋଇଲେ ଯେ ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ। ସେଠାରୁ ରାଜା ନିଜ ଝିଅ ସଙ୍ଗେ ଅଙ୍ଗସଙ୍ଗ ହେଲେ। ସେ ଝିଅ ଗର୍ଭବତୀ ହେଲେ। ସେ କଥା ପ୍ରଘଟ ହେଲା। ସେଠାରୁ ରାଜା ବ୍ରାହ୍ମଣଙ୍କୁ ଏ ପାପର ପ୍ରାୟଶ୍ଚିତ୍ତ କଥା ପଚାରିଲାରୁ ତହିଁକି ବ୍ରାହ୍ମଣମାନେ କହିଲେ, ଦୁଇମାଠିଆ ପାଣି ଘେନି ଝିଅ ଚାଲିବ, ଯେଉଁଠି ତା' ଗୋଡ଼ରୁ ରୁଧିର ଜାତହେବ, ସେଇଠି ପୋଖରୀ ଖୋଳାଯିବ, ପୋଖରୀ ମଧ୍ୟ ଦୀପଦଣ୍ଡିରେ ଝିଅ ରହିବ। ଏ ଝିଅଙ୍କୁ ଏ ରୂପେ ଚଳାଇଲା ବେଳକୁ ରାଜ୍ୟ ଲୋକେ ଶୁଣି ବହୁତ ଉପହାସ କଲେ। ରାଜା ବଡ଼ ସଙ୍କୋଚ ପାଇଲେ, ଏ ଝିଅକୁ ନଅରକୁ ନେଲେ। ସେବେଳର ଏହା ଲିଖିତ ପ୍ରମାଣ, ପୁରୁଷ ଯାହାକରୁ ନାରୀର ସବୁ ଦୋଷ।

ସ୍ୱାଧୀନ ଭାରତରେ ନିର୍ଭୟା ନିର୍ଭୟରେ ଟିକେ ବୁଲିବା ବୋଧେ ଭୁଲ୍ ଥିଲା ତା'ର, ନିର୍ଯାତନା ସହିଲା, ନିଜର ଅଧିକାରକୁ ହରାଇଲା, ଅସମ୍ମାନିତ ହୋଇ ଜୀବନ ଦେଲା। ଯେଉଁମାନେ ଏ କର୍ମ କଲେ, ସେମାନଙ୍କୁ ସେ ଚିହ୍ନେନା କି ଜାଣେନା, ସେମାନଙ୍କର କିଛି ବି ସେ କ୍ଷତି କରିନି କେବେ, ସେମାନେ ବି ତାକୁ ମଣିଷ କରିବାରେ ସହଯୋଗ କରିନାହାନ୍ତି କେବେ। ତଥାପି ସେମାନେ ତାହାର ସବୁ ଅଧିକାର ଛଡ଼ାଇନେଲେ। ଏତେ ସବୁ ହରାଇଲା ପରେ ବି ତାକୁ ନ୍ୟାୟ ଦେବାକୁ ଅନେକ ବର୍ଷ ଲାଗିଗଲା।

କନ୍ୟାରତ୍ନଟିଏକୁ ମଣିଷ କରିବା କେତେ କଷ୍ଟ, ପିତାମାତା ହିଁ ଜାଣନ୍ତି। ଆଉ ଡାକ୍ତରଟିଏ କରି ସମାଜରେ ଠିଆ କରାଇବା ତା'ଠାରୁ ଆହୁରି କଷ୍ଟକର। ବିଚାରୀ ସବୁ ହରାଇଲା, ନିର୍ଯାତନାର ଶିକାର ହେଲା, ଜୀବନ ଥାଇ ଅଗ୍ନିରେ ଦାହହେଲା। ସେ ବି କାହାର କିଛି ଅନିଷ୍ଟ କରି ନ ଥିଲା। ଯେତେବେଳେ ଅଭିଯୁକ୍ତ ପିଶାଚଗଣ ପୋଲିସ ଗୁଳିରେ ମଲେ, ସାରା ଦେଶରେ ଆନନ୍ଦ ଖେଳିଗଲା, ଅତିଷ୍ଠ ନାଗରିକ ପୋଲିସକୁ ପୁଷ୍ପ ବର୍ଷଣକରି ଅଭିନନ୍ଦନ ଜଣାଇଲେ। ସତେ ଯେପରି ଅନେକ ନଦୀର ନୀରବତା, ସମୁଦ୍ରର ଗର୍ଜନ ବୋଧେ ଥିଲା। ଏହା ଥିଲା ସେଦିନର ହାଇଦ୍ରାବାଦ ଘଟଣା।

ଯେତେବେଳେ ଯାତ୍ରା, ନାଟକରେ ନାରୀଟିଏ ଅଭିନୟ କରୁଥିଲା, ସମାଜ ତାହାକୁ ନାଚବାଲୀ କହି ଅନେକ ତାଚ୍ଛଲ୍ୟ କରୁଥିଲା। ସମାଜ ସେମାନଙ୍କୁ ଉଚିତ ସମ୍ମାନ ଦେଉ ନ ଥିଲା। ତଥାପି ଅନେକ ମହିଳା ତାହାକୁ ଖାତିର ନ କରି, ସବୁ ଅପମାନ, ଯନ୍ତ୍ରଣାକୁ ସହି ସାଧନାରେ ବ୍ରତୀ ରହିଲେ। ଫଳ ସ୍ୱରୂପ ନାଚଗୀତ କରୁଥିବା ଝିଅଟି ଆଜି ସମାଜରେ ଅନେକ ସମ୍ମାନ ପାଉଛି।



ଦିଲ୍ଲୀରେ ବ୍ୟାଙ୍କ୍ ଚାକିରି ପାଇଁ ଯୋଗ୍ୟ ବିବେଚିତ କିଛି ବିବାହିତ ମହିଳା ପ୍ରାର୍ଥୀଙ୍କୁ ବ୍ୟାଙ୍କ୍ କିଛିଦିନ ଅନ୍ତରରେ ନିଯୁକ୍ତି ଦେବ ବୋଲି ଘୋଷଣାକଲା। ସେମାନଙ୍କର ଦୋଷ ଥିଲା, ସେମାନଙ୍କର ଗର୍ଭଧାରଣ ୩ ମାସ ବିତିସାରିଥିଲା। ବ୍ୟାଙ୍କ ସେମାନଙ୍କୁ ଆଖ୍ୟା ଦେଲା, ସାମୟିକ ଅକ୍ଷମ। ବ୍ୟାଙ୍କର ନିୟମ ଯେଉଁମାନଙ୍କ ଗର୍ଭଧାରଣ ୩ମାସରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସାମୟିକ ଅକ୍ଷମ ବର୍ଗରେ ଯିବେ। ସେମାନେ ପିଲା ଜନ୍ମର ୬ ସପ୍ତାହ ପରେ ନିଯୁକ୍ତି ପାଇବେ। ଗର୍ଭଧାରଣ ଜଣେ ନାରୀର ଅଧିକାର, ଅଧିକାର ସାବ୍ୟସ୍ତ କରୁଥିବା ଲୋକ ଗଣାହେବ ଅକ୍ଷମ ବର୍ଗରେ? କି ଗୁଣ ବିଚାର ସତେ? ଏ ଘଟଣା ପ୍ରକାଶ ପାଇବା ପରେ ଅନେକଙ୍କୁ ଆଘାତ ଦେଲା। ଦିଲ୍ଲୀ ମହିଳା କମିଶନ ନିଜ ଆଡୁ ଏହାର ପ୍ରତିବାଦକଲେ। ଯୁକ୍ତି ବି ଦର୍ଶାଇଲେ, ନିଯୁକ୍ତି ନ ଦେବା ଦ୍ୱାରା ସେମାନେ ବରିଷ୍ଠତା ହରାଇବେ, ଏହା ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ତୋଳି ଧରୁଛି। ମହିଳା କମିଶନଙ୍କ ଆପତ୍ତି ଫଳରେ ଅନେକ ବ୍ୟାଙ୍କ ଏହିପରି ନିୟମକୁ ପ୍ରତ୍ୟାହାର କରିଥିଲେ। ଆମ ମଧ୍ୟରେ ପ୍ରଶ୍ନ ଉଠିପାରେ, ଏହି ନିୟମ ଠିକ୍ ବୋଲି। କିନ୍ତୁ ପ୍ରଗତି, ସମ୍ବେଦନଶୀଳ ପ୍ରସଙ୍ଗ, ବ୍ୟବସାୟିକ ପ୍ରସଙ୍ଗ ନୁହେଁ। ସଂଗଠିତ କ୍ଷେତ୍ରର ଅନୁଷ୍ଠାନ ପାଇଁ ଏକ ସମ୍ମାନ ଆଉ ସାମାଜିକ ଦାୟିତ୍ୱବୋଧ ମଧ୍ୟ। ସଂସାରରେ ଥିବା ସବୁ ପଶୁପକ୍ଷୀ, ଜୀବଜନ୍ତୁଙ୍କ ଦାୟିତ୍ୱ ଆମେ ନେଉନାହୁଁ। କିନ୍ତୁ ସେମାନେ ବି ବଞ୍ଚୁଛନ୍ତି। ଆଉ ମଣିଷ କ୍ଷେତ୍ରରେ ସେପରି ବିଚାରିବା ନା ମହତ୍ ବିଚାରକୁ ତୋଳି ଧରିବା? ଆଉ ବିଂଶଶତାବ୍ଦୀ ଅତିକ୍ରାନ୍ତ ପରେ ଏଭଳି ବିଚାର କେତେ ଯୁକ୍ତିଯୁକ୍ତ?

ପରିବାର ପୁରୁଷଟିଏକୁ ଯେତିକି ସମ୍ମାନ ଦିଏ, ନାରୀଟିଏକୁ ସେତିକି ସମ୍ମାନ ଏବେ ବି ଦେଉନାହିଁ। ପୁରୁଷ ପ୍ରଧାନ ସମାଜରେ ନାରୀଟିଏ ଘରେ ରହି ଘରର ସବୁ କାର୍ଯ୍ୟ ଦିନରାତି କଲେ ମଧ୍ୟ ତାହାର ମୂଲ୍ୟାଙ୍କନ ହେଉନାହିଁ ବା ତାହାର ଗୁରୁତ୍ୱ ଏତେଟା ରହୁନାହିଁ। ନାରୀଟିଏ ଉଚ୍ଚ ପାଟିରେ କଥାବାର୍ତ୍ତା କଲେ ଉଗ୍ରଚଣ୍ଡୀ ଏବଂ ଧୀରେ କଥାବାର୍ତ୍ତା କଲେ ମୌନମୁହିଁର ଆଖ୍ୟା ପାଉଛି। ଧୀର ଚାଲିରେ, କ୍ଷିପ୍ର ଚାଲିରେ ବି ଅପମାନ ପାଉଛି। ନବେ ଦଶକ ପର୍ଯ୍ୟନ୍ତ ନାରୀଟିଏ ସାଇକେଲ ଚଳେଇବା ସମାଜ ଗ୍ରହଣ କରିପାରୁ ନ ଥିଲା। ସମୟ ବଦଳିଯାଇଛି, ଝିଅଟିଏ ସ୍କୁଟି ଚଳାଇଲେ ସମାଜ ଯଦିଓ ଗ୍ରହଣ କରିପାରୁଛି, କିନ୍ତୁ ବାଇକ୍ ଚଳାଇଲେ ନାନା ଅପମାନସୂଚକ ଶବ୍ଦ ଅର୍ଜନ କରୁଛି ଅର୍ଥାତ୍ ସମାଜ ଏବେ ବି ତାହାକୁ ଗ୍ରହଣ କରିପାରୁନାହିଁ।

ସବୁ ସମୟରେ ନାରୀ ଅବହେଳିତ ଓ ନିର୍ଯାତିତ। ଆମେ ଭାବିବା, ଆଗକାଳରେ କମ୍ ଥିଲା ଏବେ ଅଧିକ ବା ଆଗେ ଅଧିକ ଏବେ କମ୍, ତାହା ନୁହେଁ, ଆମେ ଦିନକୁ ଦିନ ଅଧିକ ଶିକ୍ଷିତ, ଦୀକ୍ଷିତ ହେଲେ ମଧ୍ୟ ଶତକଡ଼ାରେ ହିସାବ କଲେ ଆଗେ ଯେତିକି ନିର୍ଯାତନାର ହାର ଥିଲା ଏବେ ବି ସେତିକି ଶତକଡ଼ା ମଧ୍ୟ।

ଆଫ୍‌ଗାନିସ୍ତାନରେ ଅବସ୍ଥାପିତ ମୌଳବାଦୀ ସରକାର ଯେତେବେଳେ ହୁକୁମ ଜାହିରକଲା ବାଳିକାମାନେ ବିଦ୍ୟାଳୟ ଯାଇପାରିବେ ନାହିଁ ଓ ମହିଳାମାନେ ବାହାରେ କାର୍ଯ୍ୟ କରିପାରିବେ ନାହିଁ, ସେତେବେଳେ ସାରା ବିଶ୍ୱର ଜନଗଣ ଆଶ୍ଚର୍ଯ୍ୟ ପ୍ରକଟ କଲେ। କିନ୍ତୁ ଆମେ ଆମ ନାରୀକୁ ଶିକ୍ଷିତ କରିବାରେ କେତେ ଆଗ୍ରହ ପ୍ରକାଶ କରୁଛେ। ଆମେ କ'ଣ ନାରୀକୁ ସେତିକି ସୁବିଧା ଦେଇଛେ? ନା, ନାରୀ ତାହାର ଅଧିକାର ଜାହିର କଲେ ଆମେ ଅବରୋଧ କରୁଛେ। ବାଲ୍ୟବିବାହ, ନାରୀ ନିର୍ଯାତନା ଆଜି ମଧ୍ୟ ସମାଜରେ ଦେଖାଦେଉଛି। ନାରୀଟିଏ ଜନପ୍ରତିନିଧି ହେଲେ ତାହାର ସ୍ୱାମୀ ସେ ସ୍ଥାନକୁ ଗ୍ରହଣ କରୁଛି। ନାରୀ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର ଅଧିକାରକୁ ଆମେ ଛଡ଼ାଇ ନେଉଛେ। ବାଳିକାଟିଏ ଶିକ୍ଷାନୁଷ୍ଠାନରେ ଅନେକ ନିର୍ଯାତନାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ଗୋଟିଏ ସମୟ ଥିଲା ନାରୀ ଶିକ୍ଷା ଅର୍ଜନକଲେ ପାପ ବୋଲି ଅଭିହିତ ହେଉଥିଲା। ନାରୀଟିଏ ବିଧବା ହେଲେ ପୁନର୍ବିବାହ କରିପାରୁ ନ ଥିଲା। ଏବେର ସମୟ ଅନେକ ବଦଳିଯାଇଛି ସତ, କିନ୍ତୁ ନାରୀ ଯେତିକି ଅଧିକାର ପାଇବା କଥା ସେତିକିରୁ ବଞ୍ଚିତ ହେଉଛି। ନିର୍ଯାତନାର ଶିକାର ହୋଇଥିବା ନାରୀଟିକୁ ସମାଜ ଆହୁରି ଦୋଷୀ ବୋଲି ବିଚାରୁଛି। ନିର୍ଯାତିତ ନାରୀ ଲୋକଲଜ୍ଜା ବା ଆହୁରି ନିର୍ଯାତନାର ଶିକାର ହେବା ଭୟରେ ଅଭିଯୋଗ କରିବାକୁ ଡରୁଛି। ନାରୀ ଅଧିକାର ପାଇଁ ଲଢ଼େଇ ଧୀର ହେଉଥିବା ସ୍ଥଳେ ନାରୀଟିଏ ନିର୍ଯାତିତ ହେବା ପାଇଁ ଯେତେବେଳେ କାରକ ହେଉଛି, ତାହା ନାରୀ ସମ୍ମାନକୁ ପ୍ରତିହତ କରୁଛି।

ନାରୀ ନୀରବରେ ସବୁ କଷ୍ଟ, ଅପମାନ, ଯନ୍ତ୍ରଣାକୁ ସହି ଆପଣା ପଣରେ ତାହାର ଅଧିକାର ସାବ୍ୟସ୍ତ କରିବାରେ ଚେଷ୍ଟା ଜାରି ରଖିଛି। ସମାଜର ବିଚାର, ହୀନମନ୍ୟତାକୁ ଦୂରେଇଲେ ହିଁ ନାରୀ ପ୍ରକୃତ ସମ୍ମାନ ପାଇବାରେ ସକ୍ଷମ ହେବ।

ଗୋଗଲ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

# ସାମ୍ରାଜ୍ୟବାଦର ନଗ୍ନ ରୂପ



ରବିନାରାୟଣ ସାମଲ

ଶୀତଳ ଯୁଦ୍ଧର ଅବସାନ ପରେ ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଯେ ବହୁଗୁଣା ବଢ଼ିଯାଇଛି, ଏଥିରେ କେହି ଦ୍ୱିମତ ହେବେ ନାହିଁ। କେତେକ ରାଷ୍ଟ୍ରରେ ସାମରିକ ଶକ୍ତି ପ୍ରୟୋଗ ସହିତ ସେଠାକାର ସରକାରକୁ ଗାଦିଚ୍ୟୁତ କରିବା, ରାଷ୍ଟ୍ର ନାୟକଙ୍କୁ ହତ୍ୟା କରିବା, ନିଜର ସଖୀ କଣ୍ଢେଇ ସରକାର ପ୍ରତିଷ୍ଠା କରିବା ଆଦି ଅପକୀର୍ତ୍ତିମାନ ଆମେରିକା ଅର୍ଜନ କରିଛି। ୧୯୯୧ରେ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଥିବା ଅଭିଯୋଗ ଆଣି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡବ୍ଲ୍ୟୁ ଏଚ୍ ବୁଶ୍ ଇରାକ୍ ଉପରେ ଆକ୍ରମଣ କରିଥିଲେ ଏବଂ ସେଠାକାର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଯାଇଥିଲା। ଠିକ୍ ସେହି କୌଶଳ ଅବଲମ୍ବନ କରି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଅପହରଣ କରିନେଲେ ଡୋନାଲ୍ଡ ଟ୍ରମ୍ପ୍।

୧୯୮୯ରେ ପାନାମା, ୧୯୯୩ରେ ସୋମାଲିଆ, ୨୦୦୦ରେ ୟେମେନ୍, ୨୦୧୧ରେ ଲିବ୍ୟା ଆଦି ଦେଶ ଉପରେ ଆକ୍ରମଣ କରି ସେବସୁ ଦେଶର ଶାସନରେ ହସ୍ତକ୍ଷେପ କରିଥିଲା ଆମେରିକା। ନିକଟ ଅତୀତରେ ଇରାନ୍ ଉପରେ ଆକ୍ରମଣ କରି ସାମ୍ରାଜ୍ୟବାଦୀ ଚରିତ୍ରର ପୁନରାବୃତ୍ତି କଲା। ଏବେ ଇରାନ୍‌ରେ ଚାଲିଥିବା ବିକ୍ଷୋଭରେ ଆନ୍ଦୋଳନକାରୀଙ୍କୁ ସରକାରୀ ଅଫିସ ଦପ୍ତର ଦଖଲ କରିବାକୁ ଟ୍ରମ୍ପ୍ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଗୋଟିଏ ଦେଶର ରାଷ୍ଟ୍ରପତି ଅନ୍ୟ ଗୋଟିଏ ସାର୍ବଭୌମ ଦେଶର ଆନ୍ଦୋଳନକୁ ଉସୁକାଇ ବାର୍ତ୍ତା ଦେବା ବିଶ୍ୱ ଇତିହାସରେ ବିରଳ। ଏହା ସହିତ ଦୀର୍ଘ ତିନି ବର୍ଷ ଧରି ରୁଷ୍- ୟୁକ୍ରେନ୍ ଯୁଦ୍ଧରେ ୟୁକ୍ରେନକୁ ପରୋକ୍ଷ ସହଯୋଗ, ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଆକ୍ରମଣକୁ ସମର୍ଥନ ଆଦି ଘଟଣା ସାମ୍ରାଜ୍ୟବାଦର ନଗ୍ନରୂପକୁ ପରିପ୍ରକାଶ କରିଛି। ଗତ ୫୦ ବର୍ଷ ଭିତରେ ୮୪ଟି ଦେଶ ଉପରେ ୪୦୦ ଥର ଆକ୍ରମଣ କରିଛି ଆମେରିକା। ବିଶ୍ୱର ୮୦ଟି ଦେଶରେ ପ୍ରତିଷ୍ଠା କରିଥିବା ୮୭୭ଟି ସାମରିକ ଘାଟିକୁ ଏଥିପାଇଁ ନିୟୋଜିତ କରିଛି। ନିକଟରେ ବ୍ରିଟେନ୍‌ର ସାମରିକ ଘାଟିକୁ ବ୍ୟବହାର କରି ରୁଷ୍‌ର ତୈଳବାହୀ ଜାହାଜକୁ ଆମେରିକା ଅପହରଣ କରିଛି। ଭିଏତ୍‌ନାମ ଓ ଆଫଗାନିସ୍ତାନ ସହ ଯୁଦ୍ଧ କରି ନିଜ ଛେପକୁ ନିଜେ ଢୋକିଛି। ଏସବୁ ସତ୍ତ୍ୱେ ତା' ଚରିତ୍ରର କୌଣସି ପରିବର୍ତ୍ତନ ଘଟି ନାହିଁ। ଗୋଟିକ ପରେ ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରେ ଲାଗିଛି।

ଭେନେଜୁଏଲା ଦକ୍ଷିଣ ଆମେରିକାର ଏକ ସ୍ୱାଧୀନ ରାଷ୍ଟ୍ର। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଦସ୍ୟୁ ପରି ଅପହରଣ କରିବା, ହାତରେ କଡ଼ି ପକାଇ ନ୍ୟୁୟର୍କ ଜେଲ୍‌କୁ ନେଇଯିବା ଆଦି ଘଟଣା ମଧ୍ୟଯୁଗୀୟ ବର୍ବରତା। ଏହା ଆନ୍ତର୍ଜାତିକ ଆଇନର ଖୋଲା ଉଲ୍ଲଂଘନ। ସାରା ବିଶ୍ୱରେ ଏପରିକି ଆମେରିକାରେ ମଧ୍ୟ ଏହାର ପ୍ରତିବାଦରେ ଜୋରଦାର ବିକ୍ଷୋଭ ସଂଗଠିତ ହୋଇଛି। ଚାଇନା, ରୁଷ୍, କଲମ୍ବିଆ, ବ୍ରାଜିଲ୍ ଓ ଉତ୍ତରକୋରିଆ ସମେତ ମିଳିତ ଜାତିସଂଘ ଏହାକୁ ନିନ୍ଦା କରିଛନ୍ତି। ମାତ୍ର ଇସ୍ରାଏଲ୍ ଓ ବ୍ରିଟେନ୍ ଏହାକୁ ସମର୍ଥନ କରିଛନ୍ତି। ଭାରତ ଏହାକୁ ନିନ୍ଦା ନ କରି 'ସମ ଦୂରତା' ନୀତି ପ୍ରୟୋଗ କରିଛି। ଦୁର୍ଭାଗ୍ୟ!



ଏଠାରେ ଜର୍ମାନୀର ବିଶିଷ୍ଟ କବି ମାର୍ଟିନ୍ ନିମୋଲର୍‌ଙ୍କ ବିଶ୍ୱ ବିଖ୍ୟାତ କବିତା 'ଫାଷ୍ଟ ଦେ କମ୍'ର କେତୋଟି ପଂକ୍ତିକୁ ଉଦ୍ଧାର କରାଯାଇପାରେ। ହିଟ୍‌ଲର୍‌ଙ୍କ ଶାସନକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଥିଲେ- ''ସେମାନେ ବାନ୍ଧିନେଲେ ସମାଜବାଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ସମାଜବାଦୀ ନ ଥିଲି। ତା'ପରେ ସେମାନେ ବାନ୍ଧିନେଲେ ଶ୍ରମିକଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଶ୍ରମିକ ନଥିଲି। ତା'ପରେ ସେମାନେ ବାନ୍ଧିନେଲେ ଇହୁଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଇହୁଦୀ ନଥିଲି। ଶେଷକୁ ସେମାନେ ମୋତେ ବାନ୍ଧିନେଲେ/ ମାତ୍ର ମୋ ପାଇଁ ପଦେ କହିବାକୁ କେହି ନଥିଲେ।''

ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଏମିତି ଅବସ୍ଥାରେ ଆସି ପହଞ୍ଚିଛି ଯେ, ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ସେ ଆକ୍ରମଣ କରିବାରେ ଲାଗିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ନୀରବଦ୍ରଷ୍ଟା ସାଜିଲେ କବି ନିମୋର୍‌ଙ୍କ କବିତାର ପଂକ୍ତି ଯେ ବାସ୍ତବ ରୂପ ନ ନେବ, ଏକଥା ଅବିଶ୍ୱାସ୍ୟ ନୁହେଁ।

ଭେନେଜୁଏଲାର ତୈଳ ଭଣ୍ଡାରକୁ କରାୟତ୍ତ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲେ ମଧ୍ୟ ଟ୍ରମ୍ପ୍ ବର୍ତ୍ତମାନ ହରଡ଼ଧିଘଣାରେ। ଆମେରିକୀୟ ତୈଳ କମ୍ପାନୀମାନେ ଏକ ଅନିଶ୍ଚିତ ଭବିଷ୍ୟତକୁ ଆଶଙ୍କା କରି ସେଠାରେ ପୁଞ୍ଜି ନିବେଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଆର୍ଥିକ ଅବସ୍ଥା ସଙ୍କଟଜନକ। କର୍ମଚାରୀମାନଙ୍କୁ ବେତନ ଦେବାକୁ ଟ୍ରମ୍ପ୍ ପ୍ରଶାସନ ଅକ୍ଷମ। ହ୍ୱାଇଟ୍ ହାଉସ୍‌ର କର୍ମଚାରୀମାନଙ୍କ ଦରମା ବନ୍ଦ। ଦେଶରେ ବେରୋଜଗାରି ସଂଖ୍ୟା ଶତକଡ଼ା ୯ରେ ପହଞ୍ଚିଛି। ସେଥିଯୋଗୁ ବାହାର ଦେଶର ନାଗରିକମାନଙ୍କୁ ଆମେରିକାରୁ ବିଦା କରାଯାଉଛି। ପାଣ୍ଠି ଅଭାବକୁ ଦୃଷ୍ଟିରେ ରଖି ଜାତିସଂଘ ସମେତ ଅନ୍ୟ ବୈଶ୍ୱିକ ସଂସ୍ଥାର ୬୯ଟି ଚୁକ୍ତିରୁ ଆମେରିକା ନିକଟରେ ଓହରି ଯାଇଛି।

ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକଳାପ ଉନ୍ମାଦ ପ୍ରାୟ! ଏକଦା ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଲୋକଟି ବୋମା ବନ୍ଧୁକରେ କଥା କହୁଛନ୍ତି! ଗୋଟିଏ ପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନ୍ତରଙ୍ଗ ବନ୍ଧୁ କହି ଅନ୍ୟ ପଟେ ପାକିସ୍ତାନର ସେନାଧକ୍ଷ ମୁନିର୍‌ଙ୍କୁ ଆଲିଙ୍ଗନ କରୁଛନ୍ତି। ଭାରତ ଉପରେ ବାଣିଜ୍ୟିକ ଶୁଳ୍କ କ୍ରମାଗତ ବଢ଼ାଇଚାଲିଛନ୍ତି। ଟ୍ରମ୍ପ୍‌ଙ୍କ ଏ ଧରଣର ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଓ ଉତ୍ତେଜନା ଦେଖାଦେଇଛି। କ'ଣ କେତେବେଳେ ଘଟିଯିବ ତାହାର କିଛି ଇୟତ୍ତା ନାହିଁ। ଭାରତ ଯେପରି ପ୍ରତିବାଦଶୂନ୍ୟ ନୀତି ଆପଣେଇଛି, ତାହାର ପରିଣତି ମଧ୍ୟ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତିରେ ଶାନ୍ତିକାମୀ ଜନଗଣ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର। ସାମ୍ରାଜ୍ୟବାଦର ପ୍ରତିରୋଧ ନିମିତ୍ତ ସବୁମନ୍ତେ ଉଦ୍ୟମ ହେବା ଜରୁରୀ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

କେରଳର କନ୍ନୁର ଜିଲା ମାଲାବାର ଉପକୂଳରେ ରହିଛି ବୃହତ୍ ମ୍ୟାନ୍‌ଗ୍ରୁଭ ବା ହେନ୍ତାଳବନ, ଯାହା ରାଜ୍ୟର ମୋଟ ମ୍ୟାନ୍‌ଗ୍ରୁଭର ୪୩.୦୮ ପ୍ରତିଶତ। ଏହା ପାଖାପାଖି ୯ ବର୍ଗ କି.ମି. ଅଞ୍ଚଳରେ ବ୍ୟାପ୍ତ। ଏଠାରେ ୧୫ ପ୍ରଜାତିର ଗଛ ସହ ୮୭ ପ୍ରଜାତିର ମାଛ, ୮୩ ପ୍ରଜାତିର ପକ୍ଷୀ ଏବଂ ୧୩ ପ୍ରଜାତିର ସ୍ତନ୍ୟପାୟୀ ଜୀବ ରହିଛନ୍ତି। ଜୈବ ବିବିଧତା ଏବଂ ଲୋକଙ୍କ ଜୀବନ ଜୀବିକାରେ ପ୍ରମୁଖ ଭୂମିକା ନେଉଥବା ଏହି ହେନ୍ତାଳବନର ପାଖାପାଖି ୭୦-୭୫ ପ୍ରତିଶତ ଜବରଦଖଲରେ ଯାହା ସଂରକ୍ଷଣରେ ବାଧା ଉପୁଜାଇଆସୁଛି। ହେଲେ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା କନ୍ନୁର କଣ୍ଡଲ ପ୍ରୋଜେକ୍ଟ ଆରମ୍ଭ କରାଯିବା ପରେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ଏହା ମାଧ୍ୟମରେ ଏବେ ସୁଦ୍ଧା ୩୭ ଏକର ଜବରଦଖଲମୁକ୍ତ କରାଯାଇଛି। ୨୦୨୨ରେ ଏହି ଟ୍ରଷ୍ଟ ଏସ୍‌ବିଆଇ ଫାଉଣ୍ଡେଶନ ସହ ମିଶି ପାଖାପାଖି ୩୪ ଏକରରେ ପୁନଃ ହେନ୍ତାଳ ବନ ସୃଷ୍ଟି କରାଯାଇଛି। କେବଳ ଏତିକି ନୁହେଁ, ୧ ଲକ୍ଷ ମ୍ୟାନ୍‌ଗ୍ରୁଭ ଚାରା ଗଛ ଥିବା ଏକ ନର୍ସରି କରାଯାଇଛି। ଏହା ସହ ୫ଟି ସାଟେଲାଇଟ୍ ନର୍ସରି କରାଯାଇ ବିଭିନ୍ନ ସ୍ଥାନକୁ ଚାରା ନିଆଯାଇ ରୋପଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ୪୦୦ ଗୋଷ୍ଠୀଭିତ୍ତିକ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହା ୮୫,୦୦୦ ଲୋକଙ୍କ ନିକଟରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୧ ଜାନୁଆରୀ ୧୯୭୭

- ସରକାରୀ ଚାକିରି କ୍ଷେତ୍ରରେ ଚକ୍ଷୁହୀନ ଲୋକଙ୍କ ପାଇଁ କେତେକ ସ୍ଥାନ ସଂରକ୍ଷଣ ରଖାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ପାକିସ୍ତାନ ଜାତୀୟ ଆସେମ୍ବ୍ଲିର ୨୦୦ ସ୍ଥାନ ପାଇଁ ପ୍ରାର୍ଥିପତ୍ର ଦାଖଲ କରାଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟାର 'ରାଜଧାନୀ' ଭୁବନେଶ୍ୱର

ମହାଶୟ,

ଖବରକାଗଜ ପଢ଼ିବା ବେଳେ ଦଣ୍ଡେ ଅଟକିଗଲି 'ରାଜଧାନୀରେ ବର୍ଷକରେ ୫୦୦ ଆତ୍ମହତ୍ୟା' ଶୀର୍ଷକରେ ପ୍ରକାଶିତ ଖବରରେ। ୨୦୨୫ ମସିହାରେ ୫୦୦ ଜଣ ଆତ୍ମହତ୍ୟା କରିଛନ୍ତି, ଯହିଁରୁ ୩୦୦ ଜଣ ବିଷପାନ ଓ ବାକି ୨୦୦ ଜଣ ବେକରେ ଦଉଡ଼ି ଦେଇ। ହତବାକ୍ ହୋଇଗଲି ପଢ଼ି। ବିଷୟର ଗମ୍ଭୀରତା ଓ ଗଭୀରତା ବୁଝାପଡ଼େ, ଯେହେତୁ ଏମାନଙ୍କ ମଧ୍ୟରେ ୩୨୦ ଜଣ ଯୁବପିଢ଼ିର। ଏକ ଅଧ୍ୟୟନରୁ ଜଣାଯାଏ, ପ୍ରେମରେ ବିଫଳତା, ପ୍ରତାରଣା ଓ ପାରିବାରିକ ବିବାଦରୁ ଯୁବପିଢ଼ି ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବଢ଼ୁଛି। ସେମାନେ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଉଛନ୍ତି। ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ଦୂରେଇଯାଉଛନ୍ତି। ଯୁବବର୍ଗର ବର୍ତ୍ତମାନ ବହି ପଢ଼ିବା କମିଛି, ପ୍ରକୃତ ବନ୍ଧୁଙ୍କ ସଂଖ୍ୟା ହ୍ରାସପାଇଛି, ପରିବାର ସଦସ୍ୟଙ୍କ ସହ ମିଶିବା କମିଯାଇଛି। ଅନ୍ତର୍ମୁଖୀ ଭାବ ବଢ଼ିବା ଦ୍ୱାରା ନିଜ ମନର କଥା କାହା ଆଗରେ ନ କହିପାରି ମାନସିକ ଅବସାଦରେ ରହୁଛନ୍ତି। ବିଜନବେଳା ଓ ନୀରବ ମୁହୂର୍ତ୍ତର ପରିମାଣରେ ବୃଦ୍ଧି ଘଟିଛି – ଯାହା ଆଦୌ ଶୁଭଙ୍କର ନୁହେଁ। ଗୋଟିଏ ବର୍ଷରେ ଏତେ ସଂଖ୍ୟକ ଯୁବତୀଯୁବକ ଆତ୍ମହତ୍ୟା ପରିବାର, ସମାଜ ଓ ରାଷ୍ଟ୍ର ଲାଗି ଅତ୍ୟନ୍ତ କ୍ଷତିକାରକ ଏବଂ ଚିନ୍ତାଜନକ । ସମୂହ ପ୍ରୟାସ ଦ୍ୱାରା ଯୁବପିଢ଼ିଙ୍କ ଆତ୍ମହତ୍ୟା ଘଟଣାକୁ 'ଶୂନ' ରେ ପରିଣତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେଉ।

-ପ୍ରତାପ ନାୟକ, ଏମ୍‌ଆଇଜି-୭୫, କଳିଙ୍ଗବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଚୌଦ୍ୱାର ଜେଲର ପୂର୍ବତନ ଜେଲର, ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

■ ଘଟଣା ଉପରେ ଗୃହ ବିଭାଗର ଉଦ୍‌ବେଗ
■ ୨ ଅଧିକାରୀଙ୍କ ପାଇଁ ବଦନାମ ଜେଲ ବିଭାଗ

ଭୁବନେଶ୍ୱର,୨୦।୧(ତ୍ରିନାଥ ମହାନ୍ତି)




ଚୌଦ୍ୱାର ଜେଲରୁ ୨ କଏଦୀ ଫେରାର ହେବା ଘଟଣାକୁ ନେଇ ପୂର୍ବତନ ଜେଲର ଏବଂ ଅଧୀକ୍ଷକ ମୁହାଁମୁହିଁ ହୋଇଛନ୍ତି। ଦୁଇ ସରକାରୀ ଅଧିକାରୀଙ୍କ ପାଇଁ ପୂରା ଜେଲ ବିଭାଗ ବଦନାମ ହୋଇଛି। ତେଣୁ ଜେଲ ବିଭାଗ ୨ ଅଧିକାରୀଙ୍କୁ ସୋମବାର କାରଣଦର୍ଶାଅ ନୋଟିସ କରିଛନ୍ତି। ଉପରୋକ୍ତ ୨ ଅଧିକାରୀ ନିଜ ଆପତ୍ତି ଜେଲ ବିଭାଗକୁ ଜଣାଇବେ ବୋଲି ଜେଲ ଡିଆଇଜି ବୀରେନ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଘଟଣା ଉପରେ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ଜେଲ ବିଭାଗକୁ ରିପୋର୍ଟ ମାଗିଛନ୍ତି। ସେପଟେ ଜେଲରୁ କଏଦୀ ଚମ୍ପଟ ସହ ଅବାଧ ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ଜେଲରେ ଏଆଇ କ୍ୟାମେରା ଲାଗିବ ବୋଲି ସାହୁ କହିଛନ୍ତି। କୌଣସି କଏଦୀ ଚମ୍ପଟ ମାରିବା ପାଇଁ ଉଦ୍ୟମ କଲେ ଅଟୋମେଟିକ ଭାବେ ସାଇରନ ବାଜିବ। ପ୍ରଥମ ପର୍ଯ୍ୟାୟରେ ୧୮ଟି ଜେଲରେ ଏହି ଏଆଇ କ୍ୟାମେରା ଲାଗିବ। ଦ୍ୱିତୀୟ ପର୍ଯ୍ୟାୟରେ ଚୌଦ୍ୱାର ସର୍କଲ ଜେଲ, ଭୁବନେଶ୍ୱର ଝାରପଡ଼ା ଜେଲ, ବ୍ରହ୍ମପୁର ସ୍ପେଶାଲ ଜେଲ ଓ ସମ୍ବଲପୁର ଜେଲରେ ଏଆଇ କ୍ୟାମେରା ଲାଗିବା ପାଇଁ ସ୍ଥିର ହୋଇଛି ବୋଲି ଜେଲ ଡିଆଇଜି କହିଛନ୍ତି।

୨୦୨୫ ଅକ୍ଟୋବର ୩ରେ ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ସର୍କଲ ଜେଲରୁ ଫେରାର ହୋଇଯିବା ପରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିଛି। ବରିଷ୍ଠ ଅଧୀକ୍ଷକଙ୍କ କମ୍ପ୍ୟୁଟରରୁ ଭାଇରାଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଚିଠି ଭିତରେ କଟକ ରେଞ୍ଜ ଡିଆଇଜିଙ୍କୁ ବିଭିନ୍ନ ସମୟରେ କଏଦୀଙ୍କୁ ଆକ୍ରମଣ ସଂକ୍ରାନ୍ତ ଆଭ୍ୟନ୍ତରୀଣ ରିପୋର୍ଟ, ଜେଲର ୬ ଜଣିଆ ସିକ୍ୟୁରିଟି ଅଡିଟ ଟିମ ଦ୍ୱାରା ଜେଲରେ ଥିବା ସମସ୍ତ ଦୁର୍ବଳତା ଚିହ୍ନଟ ସଂକ୍ରାନ୍ତ ଜେଲ ଡିଜିଙ୍କୁ ଚିଠି, ଜେଲରେ ମୋବାଇଲ, ଗଞ୍ଜେଇ, ବ୍ରାଉନ୍ ସୁଗାର, ମାରଣାସ୍ତ୍ର କାରବାର ହେଉଥିବା ସଂକ୍ରାନ୍ତରେ ଆଭ୍ୟନ୍ତରୀଣ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଗଠନ ହୋଇଥିବା ୨୦ଜଣିଆ ଟିମ ନିର୍ଦ୍ଦେଶନାମା ସଂକ୍ରାନ୍ତ ଚିଠି ଇତ୍ୟାଦି ରହିଛି। ସିଧାସଳଖ ଜେଲ ଡିଜିଙ୍କୁ ଜେଲ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଲେଖାଯାଇଥିବା ଚିଠି ବି ଏହି ୩୭୫ ପୃଷ୍ଠାରେ ରହିଛି। ଅନ୍ୟପଟେ ପରସ୍ପର ବିରୋଧରେ ଦେଇଥିବା ଏତଲାକୁ ନେଇ ପୁଣି ଥରେ ଉଭୟ ଅଧୀକ୍ଷକ ଓ ଜେଲର ମୁହାଁମୁହିଁ ହୋଇଛନ୍ତି। ବରିଷ୍ଠ ଜେଲ ଅଧୀକ୍ଷକ ସୁଜିତ ରାଉଳ ରବିବାର ସନ୍ତୋଷିନୀ ଦାଶଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଥିଲେ। ସନ୍ତୋଷିନୀ ଦାଶ ଚୌଦ୍ୱାର ଜେଲରୁ ବଦଳି ହେବା ପରେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ରଘୁରାଜ ମାଝୀଙ୍କୁ କ୍ୟାଣ୍ଟିନ ଆର୍ଥିକ କାରବାର ସମ୍ପର୍କିତ ଦସ୍ତାବିଜ ପ୍ରଦାନ କରି ନ ଥିଲେ। ଏପରି କି ସେ ଜେଲର ଅନେକ କଏଦୀଙ୍କୁ ବିନା କାରଣରେ ନିର୍ଯାତନା ଦେଇଥିବା ରେକର୍ଡ ରହିଛି। ୨ଦୁର୍ଦ୍ଦାନ୍ତ ଅପରାଧୀ ରାଜା ଓ ମଧୁକାନ୍ତଙ୍କୁ ସନ୍ତୋଷିନୀ ଦୁର୍ଗାପୂଜା ସମୟରେ ୨ ଥର ବିନା ଅନୁମତିରେ ଆଣିଥିବା ସଂକ୍ରାନ୍ତରେ ମଧ ରାଉଳ ଅଭିଯୋଗରେ ଦର୍ଶାଇଥିଲେ। ରାଉଳଙ୍କ ଅଭିଯୋଗକୁ ସନ୍ତୋଷିନୀ ଖଣ୍ଡନ କରିବା ସହ ପାଲଟା ଅଭିଯୋଗ ଆଣିଛନ୍ତି। ସନ୍ତୋଷିନୀଙ୍କ କହିବା ଅନୁଯାୟୀ, ପୂଜା ସମୟରେ କେବଳ ଫେରାର ୨ବିହାରୀ କଏଦୀ ଆସି ନ ଥିଲେ ବରଂ ସମସ୍ତ କଏଦୀ ବାହାରକୁ ଆସିଥିଲେ। ଜେଲରୁ ବାହାରି ଦୁର୍ଗାପୂଜା ଦେଖିବାକୁ କଏଦୀଙ୍କ ପାଇଁ କୌଣସି କଟକଣା ନ ଥିଲା। କ୍ୟାଣ୍ଟିନ ଟଙ୍କା ହେରଫେର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ନୂଆ ଜେଲରଙ୍କୁ ଦାୟିତ୍ୱ ହସ୍ତାନ୍ତର ସମୟରେ କ୍ୟାଣ୍ଟିନ ଟଙ୍କା ସମ୍ପର୍କିତ ସମସ୍ତ ତଥ୍ୟ ଦସ୍ତାବିଜରେ ସ୍ପଷ୍ଟ ଉଲ୍ଲେଖ ରହିଛି। ତେଣୁ ଏଥିରେ କୌଣସି ପ୍ରକାର ସତ୍ୟାସତ୍ୟ ନଥିବା ସନ୍ତୋଷିନୀ କହିଛନ୍ତି। ଏହି ଘଟଣାରେ ମତାମତ ନେବାକୁ ଜେଲ ଡିଜି ସୁଶାନ୍ତ ନାଥଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନ ଥିଲେ।

# ବାପପୁଅଙ୍କୁ ଆଜୀବନ ଜେଲ


## ଜମି ବିବାଦକୁ ନେଇ ହତ୍ୟା ମାମଲା

ବ୍ରହ୍ମପୁର,୨୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଜମି ବିବାଦକୁ ନେଇ ୨୦୨୪ରେ ସାନଭାଇଙ୍କୁ ବଡ଼ଭାଇ ଓ ତାଙ୍କ ପୁଅ ମିଶି ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଅଶାନ୍ତ କୁମାର ଦାଶ ଅଭିଯୁକ୍ତ ବାପପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଓଡିଆର୍‌ପି କଲୋନୀ କଇଠା ଗ୍ରାମର ସୁରେନ୍ଦ୍ର ବେହେରା(୬୨) ଓ ତାଙ୍କ ପୁଅ ମୋହନ ବେହେରା (୩୫)। ଜେଲ ଭୋଗିବା ସହ ଉଭୟେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

କଇଠା ଗ୍ରାମରେ ଭୀମ ବେହେରା ଓ ତାଙ୍କ ବଡ଼ଭାଇ ସୁରେନ୍ଦ୍ରଙ୍କ ଥିବା କିଛି ଜମିରେ ସେମାନେ କିଆ ଫୁଲ ଚାଷ କରି ବ୍ୟବସାୟ କରୁଥିଲେ। ତେବେ ଜମିକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ୨୦୨୪ ଫେବୃଆରୀ ୪ ତାରିଖ ଅପରାହ୍ନରେ ଭୀମ ନିଜ ଘର ବାହାରେ ଠିଆ ହୋଇଥିବା ବେଳେ ବଡ଼ଭାଇ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନ ଟାଙ୍ଗିଆ ଓ କାତିଧରି ସେଠାରେ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଭୀମଙ୍କ ସହ ସେମାନେ ଝଗଡ଼ା କରିଥିଲେ। ବାପପୁଅ ଟାଙ୍ଗିଆ ଓ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଭୀମ ଗୁରୁତର ହୋଇ ତଳେ ପଡି ଯାଇଥିଲେ। ଘରୁ ତାଙ୍କ ସ୍ତ୍ରୀ ରାଧା ବେହେରା ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଆସିଥିବା ବେଳେ ବାପପୁଅ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଭୀମଙ୍କ ମୃତ୍ୟୁ ଘଟିସାରିଥିଲା। ଆହତ ରାଧାଙ୍କ ଅଭିଯୋଗକ୍ରମେ ନଂ.୫୪/୨୪ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ସୁରେନ୍ଦ୍ର ଓ ମୋହନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ଥିବା ଆହତ ରାଧାଙ୍କ ବୟାନ ଏବଂ ଅନ୍ୟାନ୍ୟ ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରିଥିଲେ।

# ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲ୍ କରି ବ୍ଲାକମେଲ୍


ସାଇବର ଥାନା ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ ଓ ଜବତ ଟଙ୍କା।

କଟକ,୨୦।୧(କାର୍ତ୍ତିକ ସାହୁ)

■ ୮୮ ଲକ୍ଷ ଟଙ୍କା ସାଇବର ଠକେଇ ମାମଲାରେ ୫ ଗିରଫ
■ ମୁଖ୍ୟ ଅଭିଯୁକ୍ତ ସରୋଜ ଫେରାର
■ ୧୪ ଲକ୍ଷ ନଗଦ ଅର୍ଥ, ଅଳଙ୍କାର, ବାଇକ୍ ଜବତ
■ ୭୨ ବର୍ଷୀୟ ବରିଷ୍ଠ ନାଗରିକ ଠକେଇର ଶିକାର

ଜଣେ ୭୨ ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲେ। ପରେ ଉକ୍ତ ଭିଡିଓ କଲିଂର ରେକର୍ଡିଂ କରି ତାହା ପ୍ରଘଟ କରିଦେବା ଭୟ ଦେଖାଇ ସମ୍ପୃକ୍ତ ବୃଦ୍ଧଙ୍କୁ ବ୍ଲାକମେଲ୍ କଲେ। ବ୍ଲାକ୍‌ମେଲ କରି କଟକ ବିଡ଼ାନାସୀର ସମ୍ପୃକ୍ତ ବୃଦ୍ଧଙ୍କଠାରୁ ସାଇବର ଅପରାଧୀ ୮୮ ଲକ୍ଷ ଠକେଇ କରି ନେଇଯିବା ମାମଲାରେ କଟକ ସାଇବର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପୋବଲା ଗ୍ରାମର ମନୋଜ କୁମାର ଜେନା (୨୭), ପ୍ରଫୁଲ୍ଲ କୁମାର ବିଶ୍ୱାଳ (୬୫), ସଂଗ୍ରାମ ଜେନା (୨୨), ବରୀ ଥାନା ଅନ୍ତର୍ଗତ ଉପୁଳ ଗ୍ରାମର ବାସୁଦେବ ରାଉତ (୨୫) ଏବଂ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳ ପ୍ରସାଦ ମହତାବ ରୋଡ୍‌ର ମନୋରଞ୍ଜନ ରାଉତରାୟ (୬୦)। ତେବେ ମାମଲାର ମୁଖ୍ୟ ଅଭିଯୁକ୍ତ ସରୋଜ କୁମାର ଜେନା ଫେରାର ଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ନଗଦ ୧୪ ଲକ୍ଷ ୪୬୦ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ ହଳ ସୁନା କାନଫୁଲ, ୧ଟି ସୁନାମୁଦି, ଗୋଟିଏ ସୁନା ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ଗୋଟିଏ ରୁପା ଆର୍ମଲେଟ, ୨ଟି ବାଇକ୍ ପୋଲିସ ଜବତ କରିଛି। ଏଥିସହ ସେମାନଙ୍କ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା ଅଚଳ କରାଯାଇଛି। ଏହି ଅପରାଧ ସହ ଜଡ଼ିତ ଅନ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ପରବର୍ତ୍ତୀ ସମୟରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ କଟକ ସାଇବର ଥାନାରେ ଏକ ମାମଲା (ନଂ. ୦୯/୨୦୨୬) ରୁଜୁ ହୋଇଛି।

ସୂଚନାନୁସାରେ, ମୁଖ୍ୟ ଅଭିଯୁକ୍ତ ସରୋଜ ଦୁଇ ସହଯୋଗୀଙ୍କ ସହିତ ପ୍ରାଥମିକ ଅବସ୍ଥାରେ ୨୦୨୫ ଜାନୁଆରୀରେ ଫେସ୍‌ବୁକ୍ ଜରିଆରେ ପୀଡ଼ିତ ବୃଦ୍ଧଙ୍କୁ ଯୋଗାଯୋଗ କରିଥିଲେ। ଚତୁରତାର ସହ ସମ୍ପର୍କ ବଢ଼ାଇ କଟକର ବିଭିନ୍ନ ହୋଟେଲରେ ବ୍ୟକ୍ତିଗତ ଭାବେ ତାଙ୍କୁ ବାରମ୍ବାର ଭେଟିଥିଲେ। ଅଭିଯୁକ୍ତ ସରୋଜ ମେଡିକାଲ ଚିକିତ୍ସା କଥା କହି ୨୦୨୫ ମେ'ରେ ୧.୪୮ ଲକ୍ଷ ଟଙ୍କା ପୀଡ଼ିତଙ୍କଠାରୁ ଅନ୍‌ଲାଇନରେ ନେଇଥିଲେ। ବୃଦ୍ଧଙ୍କ ବିଶ୍ୱାସ ବୃଦ୍ଧି କରିବା ପାଇଁ ୨ ମାସରେ ସେ ଉକ୍ତ ଟଙ୍କା ଫେରସ୍ତ ଦେଇଥିଲେ। ପୁଣି ସରୋଜ ନିଜ ଝିଅ ଚିକିତ୍ସା ପାଇଁ ଟଙ୍କା ମାଗିଥିଲେ। ମାତ୍ର ବୃଦ୍ଧ ମନା କରିଦେଇଥିଲେ। ଏହାପରେ ସେ ଜଣେ ମହିଳାଙ୍କ ଦ୍ୱାରା ହ୍ୱାଟ୍ସଆପ୍‌ରେ ନ୍ୟୁଡ୍ କଲ୍ କରିଥିଲେ। ବୃଦ୍ଧ ଜଣଙ୍କ କଲ୍ ଉଠାଇବାରୁ ଅଭିଯୁକ୍ତ ସରୋଜ ତାହାକୁ ଗୁପ୍ତରେ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ସେହି ରେକର୍ଡିଂ ସୋସିଆଲ ମିଡିଆରେ ପ୍ରଘଟ କରିଦେବାର ଭୟ ଦେଖାଇ ବିଭିନ୍ନ ସମୟରେ ୮୮ଲକ୍ଷ ଟଙ୍କା ତାଙ୍କଠାରୁ ନେଇଯାଇଥିଲେ। ଅନ୍ୟ ଅଭିଯୁକ୍ତମାନେ ସରୋଜଙ୍କୁ ଏଥିରେ ସହଯୋଗ କରିଥିଲେ। ଏନେଇ ବୃଦ୍ଧ ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

ବଉଁଆପଡା,୨୦।୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ କଉଡ଼ିଆତୋଳା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଉଡ଼ିଆ ତୋଳା ଗ୍ରାମର ସୁଶୀଲ ପ୍ରଧାନ। ସେ ମଙ୍ଗଳବାର ସନ୍ଧ୍ୟାରେ ନାରାୟଣ ନଗର ସାପ୍ତାହିକ ବଜାରରୁ ସଉଦା କରି ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ କଉଡ଼ିଆ ତୋଳା ଗ୍ରାମ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**NOTICE**

Royal Lagoon, Raghunathpur, Bhubaneswar -751024 (rlrwa@outlook.com; M: 9556939343) invites original painting manufacturers to take up painting inclusive of repair in their high-rised residential society of approximately 15,00,000 square feet. Site survey and collection of details by 27 January 2026 and submission of application by 16 February 2026.

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – ୭୫୧୦୦୧

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୪୪,୩୦,୫୦୧/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନ, ଭୁବନେଶ୍ୱର , ଓଡିଶା ର ୨ୟ ମହଲାରେ ହେବାକୁ ଥିବା ଅଡିଟୋରିୟମର ଫ୍ଲୋରିଙ୍ଗ** କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୪୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବା

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ ୨୦୨୬ ଅପରାହ୍ନ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଭାରତ ସରକାର**
**ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ**
**ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ**
**କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ**
**ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ**
ଇମେଲ୍: cis.dgsystems@gov.in ୱେବ୍‌ସାଇଟ୍: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮_୧ ତାରିଖ: ୨୧.୦୧.୨୦୨୬

**ନୋଟିସ**

**ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ପାଇଁ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ନିମନ୍ତେ ଆର୍‌ଇଓଆଇ ଦସ୍ତାବିଜର କ୍ରୟ ତଥା ବିଡ୍ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି**

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟର ପ୍ରଧାନ ମହାପ୍ରବନ୍ଧକଙ୍କ ଜରିଆରେ ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮_୧, ତାରିଖ: ୧୦।୧୨।୨୦୨୫ରିଖ ଅଧୀନରେ କଷ୍ଟମ୍ସ ଇଣ୍ଟିଗ୍ରେଟେଡ୍ ସିଷ୍ଟମ୍ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ମନୋନୟନ ପାଇଁ ଆଗ୍ରହୀ ବିଡରମାନଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରିଥିଲେ, ଯେଉଁଠି ଆର୍‌ଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖ ତା୨୧।୦୧।୨୦୨୬ରିଖ ଥିଲା ।

ଆର୍‌ଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖକୁ ତା୨୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି)ରୁ ତା୩୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ରହିବ । ଅଧିକ ବିବରଣୀ ପାଇଁ ଇ–ଟେଣ୍ଡର ୱେବ୍‌ସାଇଟ୍ https://eprocure.gov.in/eprocure/app ପରିଦର୍ଶନ କରନ୍ତୁ ।

CBC 15502/11/0050/2526

**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ସିପାସୁରୁବୁଲି, ଜିଲ୍ଲା- ପୁରୀ, ଓଡ଼ିଶାଠାରେ ଅବସ୍ଥିତ ପ୍ଲଟ୍ ନଂ.- ୫୫୨ ଏବଂ ଖାତା ନଂ.- ୩୧୩ ଉପରେ ନିର୍ମିତ ହେଉଥିବା "ସି ରୋଜେସ୍" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୮ଓଆର୍୧୪୩୯୬୫ (EC23B038OR143965), ତା୧୩।୦୪।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

**GOVERNMENT OF JHARKHAND**
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
**OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI**
**INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI**
**Very Short e-Tender Notice**
**Tender Notice No:-** ICDP/RANCHI/13/2025-26 **DATE:-** 20.01.2026

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District EAST SINGHBHUM (JAMSHEDPUR). | 33 | 11,70,98,685.00 | 10,000.00 | 11,71,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Garhwa, Latehar & Chatra. | 28 | 9,93,56,460.00 | 10,000.00 | 9,93,600.00 | |
| | (C) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Saraikela-Kharsawan, Gumla, Simdega & lohardaga. | 24 | 8,51,62,680.00 | 10,000.00 | 8,51,700.00 | |
| 02. | | Date Of Publication of on Website | 29.01.2026 AT 11:00 AM | | | | |
| 03. | | Last Date & Time of Submission of bids | 06.02.2026 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 06.02.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 371227 Co-opretive(25-26)D

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
**OFFICE OF THE CMO I/C (M&HS) ISPAT GENERAL HOSPITAL**
REF. NO. IGH/KIT/ TENDER/2026-27/006/2026/001 DATED :08/01/2026
**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| SI No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**Government of Odisha** No.A-1303
**e-Procurement Notice**
**Bid Identification No. : CCE, KIP-(KCD-I)-8/2025-26**
**(Pertaining to Kanpur Canal Division-I, Jhumpura)**

| | | | |
|---|---|---|---|
| 1. | Name of the Work | : | "Construction of Additional Structure from RD 18710m to RD 37620m Kanpur Main Canal of Kanupur Irrigation project." |
| 2. | Estimated cost | : | Rs.686.39 Lakh |
| 3. | Period of completion | : | 09 (Nine) Calendar Months including rainy season |
| 4. | Date & Time of availability of Bid documents in the portal | : | 21.01.2026 from 10.00 Hours to 04.02.2026 up to 17.00 Hours |
| 5. | Last date / Time for receipt of bids in the portal | : | 04.02.2026 up to 17.00 Hours |
| 6. | Date & Time of opening of tender | : | 05.02.2026 at 11.00 Hours |
| 7. | Name & Address of the officer inviting Bid | : | Er. Mahendra Kumar Behera Chief Construction Engineer, Kanupur Irrigation Project, At/ PO-Basudevpur, Dist-Keonjhar, Odisha-758047 |

Further details can be seen from the e-Procurement portal "https://www.tendersodisha.gov.in."

Sd./- (Er. Mahendra Kumar Behera)
Chief Construction Engineer,
Kanupur Irrigation Project,
Basudevpur, Keonjhar, Odisha

OIPR-

See Career Appointment on every Wednesday & Saturday

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

लापता: आवश्यक सूचना



गुमशुदा महिला पिंकी देवी, उम्र–करीब 33 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक पिंटू राम के द्वारा अपनी पत्नी पिंकी देवी, उम्र–करीब 33 वर्ष की गुमशुदगी के संबंध में संबंधित थाना जुगसलाई में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा पिंकी देवी, उम्र–करीब 33 वर्ष, पति–पिंटू राम, पता–बंगाली पाड़ा, आर०पी० पटेल स्कूल के पीछे जुगसलाई, थाना–जुगसलाई, जिला–पूर्वी सिंहभूम, जमशेदपुर जो दिनांक–18.12.2025 को समय शाम करीब 07–08 बजे अपने घर से बिना बताये निकली है अभीतक वापस नहीं लौटी है। महिला का मानसिक स्थिति ठीक नहीं है। आवेदक एवं इनके परिजनों के द्वारा अपने स्तर से काफी खोजबीन किया गया लेकिन गुमशुदा का कुछ पता नहीं चल सका है। गुमशुदा महिला का हुलिया निम्न प्रकार है :–उम्र–33 वर्ष, कद–05 फीट, रंग–सॉवला, चेहरा–गोल, बाल–काला, पहनावा– पीले रंग की साड़ी, गुलाबी रंग का चप्पल, भाषा–हिन्दी और भोजपुरी।

अतः अनुरोध है कि गुमशुदा महिला पिंकी देवी, उम्र–करीब 33 वर्ष को खोजबीन/ पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (विधि–व्यवस्था) | : 9431706482 |
| थाना प्रभारी, जुगसलाई | : 9431706495 |

PR 371132 Police(25-26)D वरीय पुलिस अधीक्षक,पूर्वी सिंहभूम, जमशेदपुर।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-46, ତା.13.01.2026ରିଖ
କାର୍ଯ୍ୟର ନାମ : ସଣ୍ଟିଙ୍ଗ୍ ନେକ୍ କାର୍ଯ୍ୟର ଅନୁରୂପ ଷ୍ଟେସନଗୁଡ଼ିକର EI ପରିବର୍ତ୍ତନ : (1) DS ର ବ୍ୟବସ୍ଥା ସହିତ ହାରାକୁଦ ଷ୍ଟେସନର R/5 ସମ୍ବଲପୁର ସୀମାଠାରେ 100M [illegible] 26m R/6 [illegible] (2) [illegible] (Reversal) [illegible] R/4 [illegible] 100m [illegible] (S/Neck) [illegible] (3) [illegible] (Reversal) [illegible] R/4 [illegible] 100m [illegible] (S/Neck)ର [illegible] (4) [illegible] (Reversal) [illegible] 100m [illegible] (S/Neck) [illegible] (5) [illegible] R/4 [illegible] 100m [illegible]
ଟେଣ୍ଡର ମୂଲ୍ୟ (₹) : 1,59,80,616.95
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା.05.02.2026 ଦିନ 1100 ଘଣ୍ଟିକାରେ
[illegible] www.ireps.gov.in [illegible]
ଅଗ୍ରିମ ଜମା ରାଶି (₹) : 2,29,900/-
PR-1025/Q/25-26

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
केनरा बैंक Canara Bank – सिंडिकेट Syndicate
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ୍, ୟୁନିଟ୍ ନଂ.:୧୭, ମାଛୁଆ ବଜାର, କଟକ-୭୫୩୦୦୧, ମୋ.: ୭୯୭୮୫୪୮୪୮୩/୮୨୪୯୪୨୩୨୬୦

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡି କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି ।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | କଲରାବାଙ୍କ ଶାଖା (୫୨୪୯) / ୭୬୦୫୦୦୯୦୮୫ | ରଶ୍ମି ରଞ୍ଜନ ଶତପଥି / ୧୭୦୦୦୪୭୮୦୦୪୮ / ୨୧.୦୫.୨୦୨୨ | TATA MOTORS LTD ACE HT Regd. No.: OD-05-BF-0920 | ଟ.୧,୬୦,୦୦୦/- / ଟ.୧୬,୦୦୦/- |
| ୨. | ଉଉରଣ ଶାଖା (୪୪୨୪) / ୭୦୦୮୬୫୬୨୨୪ | ଅବିନାଶ ମହାନ୍ତି / ୧୬୧୦୦୧୦୨୨୯୫୮ / ୨୨.୦୯.୨୦୨୨ | YAMAHA FZS Regd. No.: OD-05-BG-7147 | ଟ.୫୦,୦୦୦/- / ଟ.୫,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ **ତା.୨୮.୦୧.୨୦୨୬ରିଖ** ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡ଼ିକ **ତା.୨୯.୦୧.୨୦୨୬ରିଖ** ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ କଟକକୁ ଦେୟ ଦର୍ଶାଇ **ତା.୨୮.୦୧.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିବେ।
୩. ଗାଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୮.୦୧.୨୦୨୬ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଟିକସ, ଚାଲାଣ ଏବଂ ବୀମା ଦେୟ ଆଦି ଖର୍ଚ୍ଚ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ: ୨୦.୦୧.୨୦୨୬ ସ୍ୱା/- ବରିଷ୍ଠ ପ୍ରବନ୍ଧକ, କାନାରା ବ୍ୟାଙ୍କ

## ମଶାଧୂପରୁ ଅଗ୍ନିକାଣ୍ଡ: ଜଳିଗଲା ୨ ବଖରା

ଚାନ୍ଦବାଲି,୨୦।୧(କିଷାନ ପାତ୍ର)

ଚାନ୍ଦବାଲି ଏନଏସି ଅଧୀନ ସିନେମା ବଜାର ନିକଟସ୍ଥ କୁଚୁଳିଆଡିଆ ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ମଶାଧୂପରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ କୃଷ୍ଣ ନାୟକଙ୍କ ଘର ସହ ସମସ୍ତ ଆସବାବପତ୍ର ଓ ଦରକାରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକଙ୍କ କହିବା ଅନୁସାରେ ରାତି ପ୍ରାୟ ୨ଟା ସମୟରେ ମଶାଧୂପରୁ ନିଆଁ ଲାଗିଥିଲା। ବିଳମ୍ବିତ ରାତି ହୋଇଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ ଘର ପୋଡ଼ିଯାଇଥିଲା। ମଙ୍ଗଳବାର ସକାଳେ ଚାନ୍ଦବାଲି ଆର୍‌ଆଇ ଚନ୍ଦନ କୁମାର ମୁଣ୍ଡା ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିକାଶରେ ବାଧକ ମନ୍ତେଇ

# ମନ୍ଥର ଗତିରେ ସେତୁ ନିର୍ମାଣ

### ବିପଦପୂର୍ଣ୍ଣ ଜଳଯାତ୍ରା କରୁଛନ୍ତି ଲୋକେ

ଭଦ୍ରକ,୨୦।୧(ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଦେଇ ପ୍ରବାହିତ ସାମୁଦ୍ରିକ ଜୁଆରିଆ ମନ୍ତେଇ ନଦୀ ସ୍ଥାନୀୟ ଅଞ୍ଚଳର ବିକାଶରେ ବାଧକ ସାଜିଛି। ବାରମ୍ବାର ଶିଳାନ୍ୟାସ, ଭିତ୍ତିପ୍ରସ୍ତର ହୋଇଥିବା ବେଳେ ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଛି।

ଏହି ନଦୀ ଧାମରା ନିକଟରେ ସମୁଦ୍ରରେ ମିଶିଛି। ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଚାରବାଟିଆ ଘାଟ ଏବଂ କରଞ୍ଜଆଡ଼ିଆ ପଞ୍ଚାୟତର ବାଲିଆପାଳ ଘାଟ ସଡ଼କପଥରେ ଉଭୟ ବାସୁଦେବପୁର, ଚାନ୍ଦବାଲି ବ୍ଲକକୁ ସଂଯୋଗ କରୁଛି। ପାଠପଢ଼ା, ବେପାର ବଣିଜ, ଚିକିତ୍ସା ଏବଂ ଚାଷବାସ ପାଇଁ ଲୋକେ ଏହି ନଦୀପଥକୁ ବ୍ୟବହାର କରିଥାନ୍ତି। ଏଠାରେ ସେତୁ ନିର୍ମାଣ ହୋଇ ନ ଥିବାରୁ ଲୋକଙ୍କୁ ବିପଦପୂର୍ଣ୍ଣ ଭାବେ ଜଳଯାତ୍ରା କରିବାକୁ ପଡୁଛି। ଘାଟ ନିଲାମଧାରୀମାନେ ମଣିଷ, ଗୃହପାଳିତ ପ୍ରାଣୀ, ଯାନବାହନ ଏବଂ ଜରୁରୀ ଆବଶ୍ୟକତା ପାଇଁ ଭିନ୍ନ ଭଡ଼ା ଆଦାୟ କରିଥାନ୍ତି। ସେହିପରି ଅପରାହ୍ନ ୧ଟାଠାରୁ ୩ଟା ଏବଂ ରାତି ୯ଟା ପରେ ନଦୀ ପାରି ହେବାକୁ ସ୍ୱତନ୍ତ୍ର ଅର୍ଥ ଦେବାକୁ ପଡ଼ିଥାଏ। ଏଭଳି ଏକ ଦୁର୍ବିସହ ଓ ବିପଦପୂର୍ଣ୍ଣ ଜୀବନ କାଟୁଛନ୍ତି ଅଞ୍ଚଳବାସୀ। ଅପରପକ୍ଷେ ପ୍ରତିଶ୍ରୁତି ଓ ପ୍ରତାରଣା ମଧ୍ୟରେ ମନ୍ଥର ଗତିରେ ଚାଲିଛି ମନ୍ତେଇ ନଦୀ ଉପରେ ସେତୁ ନିର୍ମାଣ। କେତେବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ତ କେତେବେଳେ ପଞ୍ଚାୟତିରାଜ ବିଭାଗ ପୁଣି କେତେବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏଠାରେ ସେତୁ ନିର୍ମାଣ ପାଇଁ ପ୍ରତିଶ୍ରୁତି ସହ ଶିଳାନ୍ୟାସ ଓ ଭୂମିପୂଜନ ହୋଇଛି। ଟେଣ୍ଡର ଡକାଯାଇଛି, ହେଲେ ଫଳକ ଏବଂ ପ୍ରତିଶ୍ରୁତିରେ ସେତୁ ନିର୍ମାଣ ସୀମିତ ରହିଯାଇଥିଲା। ଶେଷରେ ୨୦୨୩ ଏପ୍ରିଲରେ ପୂର୍ତ୍ତ ବିଭାଗ ପକ୍ଷରୁ ସେତୁ ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଭୟ ପାର୍ଶ୍ୱ ଆପ୍ରୋଚ ରୋଡ୍‌କୁ ମିଶାଇ ୭୦୦ ମିଟର ଦୀର୍ଘ ଏହି ସେତୁ ନିର୍ମାଣ ପାଇଁ ୬୪ କୋଟି ୧୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇ ୩୦ ମାସରେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରାଯାଇଥିଲା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଶେଷଥର ପାଇଁ ଏଠାରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହାମଧ୍ୟରେ ୨ବର୍ଷ ବିତିଯାଇଥିବା ବେଳେ ସେତୁ ନିର୍ମାଣ ଏବେ ଆରମ୍ଭ ହୋଇଛି। ବିଧାନସଭାରେ ବାସୁଦେବପୁର ବିଧାୟକ ଅଶୋକ ଦାସ ଏହି ପ୍ରସଙ୍ଗ ଉଠାଇବା ପରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ କହିଛନ୍ତି, ଏହି ଟେଣ୍ଡର ଇପିସି ମୋଡ୍‌ରେ କରାଯାଇଥିଲା। ସେଥିପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ହୋଇଥିଲା। ଏବେ ଜମି ଅଧିଗ୍ରହଣ ସରି କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୭ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।



## ହିନ୍ଦୁ ସମ୍ମିଳନୀ: ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ



ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ ଅତିଥି।

ଧାମନଗର,୨୦।୧ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସେବା ଓ ସଂସ୍କାରର ଶହେ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ଧାମନଗର ମେଳଣ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନାତନ ଧର୍ମର ରକ୍ଷା, ଭାରତୀୟ ସଂସ୍କୃତିର ସଂରକ୍ଷଣ ଏବଂ ଦେଶର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ସମ୍ମିଳନୀ ପୂର୍ବରୁ ଏକ ଭବ୍ୟ କଳସ ଯାତ୍ରା ସହ ଯଜ୍ଞ ହୋଇଥିଲା। ଅଜିତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ବିଭାଗର ମୁଖ୍ୟ ବିଷ୍ଣୁ ଚରଣ ପଣ୍ଡା ଯୋଗଦେଇ କହିଥିଲେ, ଦେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା। ଧର୍ମ ଅସୁରକ୍ଷିତ ହେଲେ ହିନ୍ଦୁ ସମାଜ ମଧ୍ୟ ଅସୁରକ୍ଷିତ ହୋଇଯିବ। ଅଧ୍ୟାପକ ଚିତ୍ତରଞ୍ଜନ ଦାସ, କବି ଚନ୍ଦନ ମହାପାତ୍ର ଓ ସ୍ଥାନୀୟ ଶିଶୁମନ୍ଦିର ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମହାପାତ୍ର ଯୋଗଦେଇ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାସ ମହାପାତ୍ର, ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ସରୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୟ ସ୍ୱାଇଁ, ମାୟାଧର ମଲ୍ଲିକ ପ୍ରମୁଖ ପରିଚଳନାରେ ସହଯୋଗ କରିଥିଲେ। ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ କର୍ମକର୍ତ୍ତା ଉପସ୍ଥିତ ରହି ଧର୍ମରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

## ଉତ୍କଳ ଫାଉଣ୍ଡେଶନର ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ,୨୦।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀର ଉତ୍କଳ ଫାଉଣ୍ଡେଶନର ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜିତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଦ୍ୟୁମ୍ନ ଜେନା, ବିଶିଷ୍ଟ ଅତିଥି ଡ. ସ୍ୱାଧୀନ ମହାପାତ୍ର, ଅନ୍ୟତମ ଅତିଥି ଭାବେ ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ ଓ ସୂର୍ଯ୍ୟ ନାରାୟଣ ମହାରଣା ଯୋଗ ଦେଇଥିଲେ। ଖବରଦାତା ଅକ୍ଷୟ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ବିବରଣୀ ପାଠ କରିଥିବା ବେଳେ ସଦସ୍ୟ ନିତ୍ୟାନନ୍ଦ ଜେନା, ଧନେଶ୍ୱର ଜେନା, ସତ୍ୟରଞ୍ଜନ ରାଏ, ଶିବାନୀ ଶଙ୍କର ସ୍ୱାଇଁ ଶ୍ରୀଜଗନ୍ନାଥଙ୍କ ଫଟୋ ଓ ଉପଢୌକନ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ୨୦ ଜିଲାରୁ ସ୍ୱେଚ୍ଛାସେବୀ ସଙ୍ଗଠନ, ଖବରଦାତା ଓ ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ସଦସ୍ୟ ହିମାଂଶୁ ଜେନା ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ମହାପାତ୍ର, ସତ୍ୟରଞ୍ଜନ ସାମଲ, ସୋମ୍ୟରଞ୍ଜନ ସାହୁ ଭାଗବତ ରାଉତ, ଅଭୟ ସାହୁ, ଶିବାନୀ ଶଙ୍କର ସାଇ ଓ ଉତ୍କଳ କମ୍ପ୍ୟୁଟରର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ମା'ବାପାଙ୍କ ଆଶୀର୍ବାଦ ଭଲ ମଣିଷ ହେବାରେ ସହାୟକ ହୁଏ



ନିଳୋକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବନ୍ତ,୨୦।୧(ହରିନାରାୟଣ ମହାନ୍ତି)

ମା' ବାପାଙ୍କ ଆଶୀର୍ବାଦ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାରେ ସହାୟକ ହୋଇଥାଏ ବୋଲି ମଙ୍ଗଳବାର ବନ୍ତ ବ୍ଲକ ନିଳୋକ ସରକାରୀ ଉଚ୍ଚ ବିଦ୍ୟାଳୟର ୪୮ତମ ବାର୍ଷିକୋତ୍ସବରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହରେକୃଷ୍ଣ ଆପଟ, ମୁଖ୍ୟବକ୍ତା କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ନରେନ୍ଦ୍ର ନାଥ ନାୟକ, ସମ୍ମାନିତ ଅତିଥି ଭାବେ ଏବିଇଓ ଭାଗୀରଥି ପାତ୍ର, ସରପଞ୍ଚ ରଜନୀ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରହରି ବାରିକ, ନିରାକର ବେହେରା, ଦୁର୍ଯ୍ୟୋଧନ ଜେନା, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ ଓ ସାମାଜିକ କର୍ମୀ ହରିନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷକ ରବିନାରାୟଣ ପାଣି ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ଅତିଥି ଶିକ୍ଷକ ସୁଧାକର ପଣ୍ଡା ବେଦପାଠ, ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ନାୟକ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଅସିତ କୁମାର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକା ବିଭାଗର ରଚନା ପ୍ରିୟଦର୍ଶିନୀ ବେହେରା ଓ ବାଳକ ବିଭାଗର ରାହୁଲ ମହାନ୍ତିଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଧାନଶିକ୍ଷକ ସାହୁଙ୍କ ମା' ସ୍ୱର୍ଗତ ପ୍ରଭାସିନୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଇତିଶ୍ରୀ ପଣ୍ଡା ଏବଂ ଶିକ୍ଷକ ରବିନାରାୟଣ ପାଣିଙ୍କ ପିତାମାତା ବାସନ୍ତୀ ପାଣି ଓ ଶରତ ପାଣିଙ୍କ ନାମରେ ବେଷ୍ଟ ଷ୍ଟୁଡେଣ୍ଟ ପୁରସ୍କାର ୧୦ମ ଶ୍ରେଣୀର ଛାତ୍ରୀ ଚନ୍ଦ୍ରିକା ମହନ୍ତଙ୍କୁ ପ୍ରଦାନ କରାଯାଇଛି। ଶିକ୍ଷକ ଦୀନେଶ କୁମାର ନାଇକ, ସ୍ୱାଧୀନ କୁମାର ସାହୁ, ଶାରୀରିକ ଶିକ୍ଷା ଶିକ୍ଷକ ବିଜୟ କୁମାର ରାଉତ, ଶିକ୍ଷୟିତ୍ରୀ ଚିତ୍ରାବତୀ ବେହେରା, ଶିକ୍ଷା କର୍ମଚାରୀ ରବୀନ୍ଦ୍ର ମୋହନ ମାଝୀ, ସୌମ୍ୟ ରଞ୍ଜନ ସାହୁ, ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗୁଆମାଳ ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ

ତିହିଡ଼ି,୨୦।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ କୁବେରା ପଞ୍ଚାୟତସ୍ଥିତ କୁବେରଶ୍ୱର ମନ୍ଦିର ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଗୁଆମାଳ ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍‌ଏସ୍(ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)ର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ହିନ୍ଦୁ ସମାଜ ଆୟୋଜନରେ ଏହି ସମ୍ମିଳନୀ ହୋଇଥିଲା। ଜିଲା ବିଶ୍ୱହିନ୍ଦୁ ପରିଷଦର ଉପସଭାପତି ହରେକୃଷ୍ଣ ଜେନାଙ୍କ ପୌରୋହିତ୍ୟରେ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଅସୁରକ୍ଷିତକୁ ସୁରକ୍ଷା ପ୍ରଦାନ ହିନ୍ଦୁ ଧର୍ମର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବାଲ୍ମିକୀ ଆଶ୍ରମର ପ୍ରତିଷ୍ଠାତା ବାବା ଗଙ୍ଗାରାମ ଦାସ ଏବଂ ଅନ୍ୟତମ ଅତିଥି ଭାବେ ସଂଯୋଜକ ସାଇଶରଣ ବେହେରା ଯୋଗଦେଇ ସନାତନ ଧର୍ମ ରକ୍ଷା କରିବାକୁ ହେଲେ କୁଳଧର୍ମକୁ ଠିକ୍ ରୂପେ ପାଳନ କରିବା ଆବଶ୍ୟକ ବୋଲି କହିଥିଲେ। ସକାଳେ ଗ୍ରାମର ମହିଳାମାନେ ଶୋଭାଯାତ୍ରାରେ ଯାଇ କଳସ ବୁଡ଼ାଇ ଫେରିବା ପରେ କଳସ ସବୁକୁ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ ଯତୀନ୍ଦ୍ର ରାଉତ ଓ ବାସନ୍ତୀଲତା ରାଉତ କାର୍ଯ୍ୟ ତୁଲାଇଥିଲେ। କୁବେରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ତିହିଡ଼ି ମଣ୍ଡଳ ସଂଯୋଜକ କିଶୋର କୁମାର ନାୟକ, ବାରୋ ମଣ୍ଡଳ ସଂଯୋଜକ ରଘୁନାଥ ମଲ୍ଲିକ, ତପନ ପଣ୍ଡା, ପ୍ରଶାନ୍ତ କୁମାର ବଳ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ସେଠୀ, ଶଶିକାନ୍ତ ରାଉଳ, ସୌମ୍ୟରଞ୍ଜନ ନାୟକ, ଉମାକାନ୍ତ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଅକ୍ଷୟ ରାଉତ, ବାଇଧର ନାୟକ, ବେଣୁମାଧବ ପାଣିଗ୍ରାହୀ, ସନ୍ତୋଷ ନାଥ, ଶରତ ସେଠୀ, ନିତ୍ୟାନନ୍ଦ ବାରିକ, ଦୁର୍ଯ୍ୟୋଧନ ସାହୁ, ଶକୁନ୍ତଳା ନାଥ, ସରସ୍ୱତୀ ବିଶ୍ୱାଳ, ସତ୍ୟଭାମା ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି।

## 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି

ବାସୁଦେବପୁର,୨୦।୧(କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ନୀଳମଣି ଟାଉନ ହଲ୍‌ରେ ମଙ୍ଗଳବାର ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ବ୍ଲକ ଓ ପୌରପାଳିକାର ମିଳିତ ସହଯାଗରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଏହି ସଙ୍ଗୀତ ଭାରତର ପ୍ରାକ୍ ସ୍ୱାଧୀନତା ସମୟରେ ସ୍ୱାଧୀନତା ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ଜାତୀୟତା ଭାବ ସୃଷ୍ଟି କରିବା ସହ ଏକତା ରକ୍ଷା କରିବାରେ ସହାୟକ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଏବିଇଓ ଅମିୟ କୁମାର ମହାଳିକ, ଉର୍ମିଳା କର ପ୍ରମୁଖ ଯୋଗ ଦେଇଥିଲେ। ଅମିୟ କୁମାର ପାଣିଗ୍ରାହୀଙ୍କ ମଞ୍ଚ ପରିଚାଳନାରେ ପ୍ରଥମେ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ବିଦ୍ୟାମନ୍ଦିରର ୨୫ତମ ଜୟନ୍ତୀ ସମାରୋହ


ସମାରୋହରେ ଉପସ୍ଥିତ ଅତିଥି।

ଆଗରପଡ଼ା,୨୦।୧(ସୁଶାନ୍ତ ଦାସ)

ଆଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨୫ତମ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଥିବା କଳ୍ପନା ଓ କୌତୁହଳ ଆମ୍ଭମାନଙ୍କ ମନ, ମାନସିକତାକୁ ଆନନ୍ଦ ଦେଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ଉପସଭାପତି ଚିତ୍ତରଞ୍ଜନ ଉଦ୍‌ଗାତାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତିର ରାଜ୍ୟ ସମ୍ପାଦକ ସରୋଜ କୁମାର ହାତୀ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ପୁରାତନ ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ଅନନ୍ତ ନାରାୟଣ ପାଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟିର ସମ୍ପାଦକ ଅଶୋକ ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନଆଚାର୍ଯ୍ୟ ରାଧାକୃଷ୍ଣ ସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଭାବେ ଅଶୋକ ରଣା, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିଶୁ ବାଟିକା, ବିଜ୍ଞାନ ସମ୍ବନ୍ଧୀୟ ଖେଳନା, ପ୍ରକଳ୍ପ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପିଏମ୍‌ଶ୍ରୀ ଉତ୍ସବ

ଚାନ୍ଦବାଲି,୨୦।୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ପିଏମ୍‌ଶ୍ରୀ ଦାଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶାନ୍ତନୁ କୁମ୍ଭକାରଙ୍କ ଆବାହକତ୍ୱରେ ବିଦ୍ୟାଳୟର ବିଭିନ୍ନ କ୍ଲବ୍ ଦ୍ୱାରା ପ୍ରସ୍ତୁତ ଶିକ୍ଷାମୂଳକ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବବିତାରାଣୀ ଦାସ, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଶ୍ରୀମନ୍ତ ଖୁଣ୍ଟିଆ, ନିରାକାର ପରିଡ଼ା, ଭାସ୍କର ଚନ୍ଦ୍ର ମହାନ୍ତି, ସ୍ମିତାରାଣୀ ମଲ୍ଲିକ, ବିଶ୍ୱରଞ୍ଜନ ଭୋଇ, ପ୍ରଶାନ୍ତ କୁମାର ଦାସ, ଜ୍ଞାନେନ୍ଦ୍ର ବାରିକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ପ୍ରଜାପିତା ବ୍ରହ୍ମା ବାବାଙ୍କ ସ୍ମୃତି ଦିବସ

ଭଦ୍ରକ,୨୦।୧ (ରବିନାରାୟଣ ଖିଲାର)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଦ୍ରକ ସେବା କେନ୍ଦ୍ରରେ ଆଦିପିତା ପ୍ରଜାପିତା ବ୍ରହ୍ମବାବାଙ୍କ ୫୭ତମ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ବିଶ୍ୱବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପ୍ରଜାପିତା ବ୍ରହ୍ମାବାବା ଜଣେ ସରଳ, ସଚ୍ଚୋଟ ଓ ଆଧ୍ୟାତ୍ମିକ ରୁଚିସମ୍ପନ୍ନ ବ୍ୟକ୍ତି ଥିଲେ। ପବିତ୍ରତା ହିଁ ସୁଖ ଶାନ୍ତିର ଜନନୀ ତାଙ୍କର ମହାମନ୍ତ୍ର ଥିଲା। ପରମାତ୍ମାଙ୍କ ପ୍ରଦତ୍ତ ଭାରତର ସର୍ବଶ୍ରେଷ୍ଠ ପ୍ରାଚୀନ ରାଜଯୋଗକୁ ସାରା ବିଶ୍ୱରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ମତପ୍ରକାଶ ପାଇଥିଲା। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶତାଧିକ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାରଙ୍କ ସହ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରହ୍ମାକୁମାରୀ ଭଦ୍ରକର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ବ୍ରହ୍ମା ବାବାଙ୍କ ଉଦ୍ଦେଶ୍ୟରେ ମୁରଲୀ କ୍ଲାସ୍ କରାଇଥିଲେ। ସମସ୍ତେ ବ୍ରହ୍ମା ବାବାଙ୍କ ଉଦ୍ଦେଶ୍ୟରେ ନିର୍ମିତ ସ୍ମୃତିସ୍ତମ୍ଭରେ ପୁଷ୍ପ ଅର୍ପଣ କରିଥିଲେ।

# ମନମୋହିଲା ମୋଗଲ ତାମସା

### ଭଦ୍ରାୟଣୀ ମହୋତ୍ସବ

ଭଦ୍ରକ,୨୦।୧(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ'ରେ ସୋମବାର ଅପରାହ୍ନରେ ପରିବେଷିତ ମୋଗଲ ତାମସା ଦର୍ଶକଙ୍କ ମନ ମୋହିଛି। କଳାକାର ଗୌରାଙ୍ଗ ବାରିକ ଓ ବିଜୟ ବହଳୀଙ୍କ ପରିଚାଳନା, ନିର୍ଦ୍ଦେଶକ ପ୍ରଦ୍ୟୋତନ ସୁଆରଙ୍କ ନିର୍ଦ୍ଦେଶନାରେ ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ, ଗରଦପୁର ଦ୍ୱାରା ଭଦକ୍ରର ମୋଗଲ ତାମସା ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ଜଗନ୍ନାଥ ମହାରାଜ, ଶିବୁନ ଅଗସ୍ତି, ପ୍ରହ୍ଲାଦ ଦାସ, ପିନାକ ପଣ୍ଡା, ରଞ୍ଜନ ମହାନ୍ତି, ନୀହାର ରଞ୍ଜନ ସିଂ, ଚିନ୍ମୟ ସାହୁ, ରାଜେଶ କୁମାର ମହାନ୍ତି, ପୀତବାସ ବହଳୀ ଓ ଚକ୍ରଧର ତ୍ରିପାଠୀ ଅଭିନୟ କରିଥିଲେ। ନାରୀ ଚରିତ୍ରରେ ରଞ୍ଜିତା ବାରିକ, ସସ୍ମିତା ମହାନ୍ତି ଓ ଲିପ୍ସା ଚୌଧୁରୀ ଥିଲେ। ସଙ୍ଗୀତରେ ସୁରେନ୍ଦ୍ର ଗାହାଣ ଓ ମିନତି ବାରିକ, ବାଦ୍ୟରେ ସତ୍ୟବ୍ରତ ଚକ୍ରବର୍ତ୍ତୀ, ରାମଚନ୍ଦ୍ର ଜେନା, ବେଶ ବିନ୍ୟାଶରେ ପ୍ରତାପ ମହାନ୍ତି ସହଯୋଗ କରିଥିଲେ। ଶେଷରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୋଗଲ ତାମସାର ଉଚ୍ଚ ପ୍ରଶଂସା କରିବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ମୋଗଲ ତାମସା ପରିବେଷଣ କରିଥିବା କଳାକାରମାନେ।

## ଶିକ୍ଷାବିତ୍ ଲକ୍ଷ୍ମୀଧରଙ୍କ ଶ୍ରାଦ୍ଧବାର୍ଷିକୀ

ଚାନ୍ଦବାଲି,୨୦।୧(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଦିବଂଗତ ସାମାଜିକ କର୍ମୀ, ଶିକ୍ଷାବିତ୍ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଲକ୍ଷ୍ମୀଧର ସାହୁଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଗାଗାରିନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ବିଭୂତି ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ମତୋ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପଞ୍ଚାନନ ପଲାଇ, ଅବସରପ୍ରାପ୍ତ ଅଧ୍ୟାପକ ହିମାଦ୍ରୀ ଭୂଷଣ ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ପ୍ରଧାନଶିକ୍ଷକ ରବୀନ୍ଦ୍ର ଦାସ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ସାମଲ ବିବରଣୀ ପାଠ କରିଥିଲେ। ତପନ ରାଉତ, ବସନ୍ତ ବେହେରା, ମହେନ୍ଦ୍ର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ସ୍ମୃତି ସମାରୋହ

ଭଦ୍ରକ,୨୦।୧(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଅଞ୍ଚଳର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ମଧୁସୂଦନ ଜେନାଙ୍କ ୩୪ତମ ସ୍ମୃତି ସମାରୋହ ସୋମବାର ପୁରୁଣାବଜାରସ୍ଥିତ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଲଲାଟେନ୍ଦୁ ମହାନ୍ତି, ଆସିଆନା ପ୍ରତିଷ୍ଠାତା ଶେଖ୍ ଅବୁ ସଲାମ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ପୁରାତନ ଛାତ୍ର ମୋହନ ମାଜିଥିଆ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ଶାନ୍ତନୁ ରାଉତ ଓ ଶିକ୍ଷକ ତଥା କବି ମୁସ୍ତାକ ଗୌହର ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। କମିଟି ସଭାପତି ଏସ୍.ଏମ୍. ଫାରୁକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ହାଜି ଅବଦୁଲ ମୁକିତ ଖାନଙ୍କ ସହଯୋଗରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଶେଖ୍ ଅବଦୁଲ ଖାଲିକ ଓ ଜୈନବ କାଦରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଧାକର ରାଉତ, ହରିହର ନନ୍ଦୀ, ହାଜି କାସିମ ଖାନ, ଉଦୟ ନାରାୟଣ ମହାନ୍ତି ଓ ମିର୍ଜା ଇଜାଜ ବେଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇକୋ ସେନ୍‌ସିଟିଭ୍ ଜୋନ୍ ଉପରେ ଗୁରୁତ୍ୱ

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

- ବଫର ଜୋନ୍‌ରୁ ୧ କି.ମି. ମଧ୍ୟରେ ରହିବ
- ଜିଲାପାଳଙ୍କ ଅଧ୍ୟକ୍ଷତାରେ ପରାମର୍ଶ ବୈଠକ

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଚାରିପାଖ ପରିବେଶ ସମ୍ବେଦନଶୀଳ ଅଞ୍ଚଳ(ଇକୋ ସେନ୍‌ସିଟିଭ୍ ଜୋନ୍)କୁ ନେଇ ଏକ ପରାମର୍ଶ ବୈଠକ ମଙ୍ଗଳବାର ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହି ମତାମତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନୂତନ ଗାଇଡ୍‌ଲାଇନ ଅନୁଯାୟୀ ବଫର ଜୋନ୍‌ରୁ ୧କି.ମି. ମଧ୍ୟରେ ଇକୋ ସେନ୍‌ସିଟିଭ୍ ଜୋନ୍ ନିର୍ଦ୍ଧାରଣ କରିବାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଚାର ବିମର୍ଷ କରାଯାଇ ଏହାର ସବିଶେଷ ତଥ୍ୟ ଜିଲାପାଳ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

ଶିମିଳିପାଳ ଅଭୟାରଣ୍ୟ ଚାରିପାଖରେ ପରିବେଶକୁ କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପକୁ ନିୟନ୍ତ୍ରଣ କିମ୍ବା ନିଷିଦ୍ଧ କରି ଅଞ୍ଚଳର ଜୈବ ବିବଧତାକୁ ସୁରକ୍ଷା ଦେବାକୁ ଲକ୍ଷ୍ୟ ରହିଛି। ଏହାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ବାରିପଦା ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ରାଇରଙ୍ଗପୁର ଓ କରଞ୍ଜିଆ ଡିଏଫ୍‌ଓ, ମୟୂରଭଞ୍ଜ ଏମ୍‌ପିଙ୍କ ପ୍ରତିନିଧି, ସଦର ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ଅଞ୍ଚଳର ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଶିମିଳିପାଳ ଅଭୟାରଣ୍ୟ ସମ୍ବନ୍ଧରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ବିଚ୍ଛିନ୍ନାଞ୍ଚଳର ପୁନରୁଦ୍ଧାର, ଜଳାଶୟଗୁଡ଼ିକର ସଂରକ୍ଷଣ, ଜଳଭଣ୍ଡାର, ଜଳଛାୟା ଓ ଭୂତଳ ଜଳ ପରିଚାଳନା, ମୃର୍ତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ, ସ୍ଥାନୀୟ ସମ୍ପ୍ରଦାୟର ଜୀବନଜୀବିକାକୁ ନେଇ ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ବାଣିଜ୍ୟିକ ଖଣି ଖନନ, ପଥର ଖଣି ଏବଂ କ୍ରଶର ୟୁନିଟ ନିଷିଦ୍ଧ ହେବା ସହ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ସ୍ଥାପନ (ଜଳ,ବାୟୁ, ମାଟି, ଶବ୍ଦ ଆଦି) ଏବଂ ନୂତନ ଶିଳ୍ପ ଓ ପ୍ରଦୂଷଣକାରୀ ଶିଳ୍ପର ପ୍ରସାରଣକୁ ଅନୁମତି ଦିଆ ନ ଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସେହିପରି ପ୍ରମୁଖ ଜଳ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା, ଯେ କୌଣସି ବିପଦଜନକ ପଦାର୍ଥର ବ୍ୟବହାର କିମ୍ବା ଉତ୍ପାଦନ, ପ୍ରାକୃତିକ ଜଳାଶୟ କିମ୍ବା ସ୍ଥଳଭାଗ ଅଞ୍ଚଳରେ ନିର୍ଗତ ପଦାର୍ଥ ଏବଂ ଶିଳ୍ପ ବର୍ଜ୍ୟବସ୍ତୁ ନିଷ୍କାସନ, ନୂତନ କରତ ମିଲ୍, ଇଟାଭାଟି ସ୍ଥାପନ, ପ୍ଲାଷ୍ଟିକ ବ୍ୟବହାର, କାଠର ବାଣିଜ୍ୟିକ ବ୍ୟବହାର ଓ ପର୍ଯ୍ୟଟନ ସହ ଜଡ଼ିତ ଯେକୌଣସି କାର୍ଯ୍ୟକଳାପ ଉପରେ କଟକଣା ଲାଗିବ। ହୋଟେଲ ଓ ରିସର୍ଟ ପ୍ରତିଷ୍ଠା, ଗଛ କାଟିବା, ଜଙ୍ଗଲ ଉତ୍ପାଦ ସଂଗ୍ରହ, ଟାୱାର ନିର୍ମାଣ, କେବୁଲ ବିଛାଇବା, ରାସ୍ତାଗୁଡ଼ିକୁ ପ୍ରଶସ୍ତ କରିବା, ନୂତନ ରାସ୍ତା ନିର୍ମାଣ, ପାହାଡ଼ ଢାଲ ଓ ନଦୀକୂଳର ସୁରକ୍ଷା, ରାତିରେ ଯାନବାହାନ ଚଳାଚଳର ଗତିବିଧି ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଏହାକୁ ନିୟମ ଅନୁଯାୟୀ ବାରଣ କରିବାକୁ ପ୍ରସ୍ତାବ ଦିଆଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ଏବଂ ହଦଗଡ଼ ଅଭୟାରଣ୍ୟ ଚାରିପାଖରେ ଏକ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରିବା ପାଇଁ ଏକ ଡ୍ରାଫ୍ଟ ବିଜ୍ଞପ୍ତି ୨୦୧୯ ଜାନୁଆରୀରେ ପ୍ରକାଶିତ ହୋଇଥିଲା। ଏହି ଡ୍ରାଫ୍ଟରେ ୧୭୬୫.୨୯ ବର୍ଗ କି.ମି. ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ପାଇଁ ପ୍ରସ୍ତାବିତ କରାଯାଇଥିଲା। ଯାହାର ପରିସର ସଂରକ୍ଷିତ ଅଞ୍ଚଳ ଚାରିପାଖରୁ ୦ ରୁ ୧୦କି.ମି. ମଧ୍ୟରେ ରହିଥିଲା। ଏହାକୁ ବିରୋଧ କରାଯାଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହେବା ପରେ ଅଞ୍ଚଳକୁ ସୀମିତ କରାଯାଇ ୦ରୁ ୫ କି.ମି. ରଖାଯାଇଥିଲା । ପୁନର୍ବାର ଏହାକୁ ୦ ରୁ ୧ କି.ମି. ମଧ୍ୟରେ ରଖିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପୂର୍ବ ସରକାର ଶୂନ କି.ମି. ଅଞ୍ଚଳକୁ ଘୋଷଣା କରିବାକୁ ଦସ୍ତାବିଜ୍ ପ୍ରଦାନ କରିଥିଲେ। କୋର୍ଟ ଏଭଳି ଘଟଣାକୁ ନେଇ କାହିଁକି ଶୂନ କି.ମି. ଘୋଷଣା କରାଯିବ ତାହାକୁ ନେଇ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ତେବେ ୧ କି.ମି. ପରିଧି ମଧ୍ୟରେ ସମ୍ବେଦନଶୀଳ ଅଞ୍ଚଳ ନିର୍ଦ୍ଧାରଣ କରିବା ପାଇଁ ଦିଆଯାଇଥିବା କୋର୍ଟ ନିର୍ଦ୍ଦେଶକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ।

# 'ଯୁବ ସମାଜ ଦେଶର ଭବିଷ୍ୟତ'

## ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର


ଶିବିରରେ ଉପସ୍ଥିତ ଅତିଥିମାନେ।

ଝାରପୋଖରିଆ ୨୦।୧(ସୁଧୀର କୁମାର ମହାନ୍ତ)

ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ସେବା ଯୋଜନା ଯୁଗ୍ମ ଶାଖାର ଏକ ତ୍ରିଦିବସୀୟ ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତିଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ସମ୍ମାନୀତ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଅନିଲ କୁମାର ଝା, ଜାତୀୟ ସେବା ଯୋଜନାର ବରିଷ୍ଠ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ବସା, +୩ ଯୋଜନାର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ଶରତ କୁମାର ପଢିଆରୀ, +୨ ୟୁନିଟର କାର୍ଯ୍ୟକ୍ରମ ଅଫିସର ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଯୁବ ସମାଜ ଦେଶର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ଜିଲାର ମୋଟ ୧୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସରଙ୍କ ସହିତ ଶତାଧିକ ମହିଳା,ପୁରୁଷ ୟୁନିଟର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

# ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ସେମିନାର

ମୋରଡା/ରାସଗୋବିନ୍ଦପୁର, ୨୦।୧
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଫିଜିକାଲ ସାଇନ୍ସ ବିଭାଗଗୁଡ଼ିକର ଯୁକ୍ତ ପ୍ରୟାସରେ ଆଜି ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ଇଣ୍ଟର-ଡିପାର୍ଟମେଣ୍ଟାଲ ସେମିନାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗର ସହକାରୀ ପ୍ରଫେସର ଅଞ୍ଜନ କୁମାର ବେଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଭୌତିକ ବିଜ୍ଞାନ ବିଭାଗ ମୁଖ୍ୟ ରବୀନ୍ଦ୍ର ରାଉତ, ଗଣିତ ବିଭାଗ ମୁଖ୍ୟ ବ୍ରଜେନ୍ଦ୍ର କୁମାର ସେନାପତି ଓ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ନିଗମ କୁମାର ସ୍ୱାଇଁଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଅତିଥିମାନେ ଶିକ୍ଷା ଓ ଗବେଷଣାମୂଳକ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଇ ଆଲୋଚନା କରିବା ସହିତ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରେରଣା ଦାୟକ ଭାଷଣ ପ୍ରଦାନ କରିଥିଲେ। ଆଇକ୍ୟୁଏସି ମୁଖ୍ୟ ଡା. ସାଧନା ରାଉତ ସେମିନାରର ସଫଳ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦୋଳଗୋବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୁଣି ଗୋରୁ ଉଦ୍ଧାର କଲେ ଗୋ ସେବକ

ଝାରପୋଖରିଆ,୨୦।୧(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଓ ବାଙ୍ଗିରିପୋଷି ଅଞ୍ଚଳର ଗୋସେବକ ଝାରପୋଖରିଆ ପୋଲିସ ସହାୟତାରେ ଶନିବାର ୩୬୭ ଗୋରୁ ଉଦ୍ଧାର ହୋଇଥିଲେ। ସୋମବାର ପୋଲିସ ଉକ୍ତ ଗୋରୁଗୁଡ଼ିକୁ ଝାଡ଼ଖଣ୍ଡ ରାଜ୍ୟ ଚାକୁଲିଆ ଗୋଶାଳାକୁ ପଠାଇଥିଲା। ମଙ୍ଗଳବାର ସକାଳେ ପୁଣି ଗୋସେବକଙ୍କ ସହିତ ଝାରପୋଖରିଆ ପୋଲିସ ଗୋରୁ ଉଦ୍ଧାର କରିଥିବା ସୂଚନା ଦେଇଛି।

### ଶବ ସତ୍କାର ପାଇଁ ଆସି ଶବ ପାଲଟିଲେ

ଉଦଳା,୨୦।୧ (ସନ୍ତୋଷକୁମାରବାଛିନୀ)

ସମ୍ପର୍କୀୟଙ୍କ ଦେହାନ୍ତ ହୋଇଥିବା ଖବର ପାଇ ଶବ ସତ୍କାର ନିମନ୍ତେ ଆସୁଥିଲେ। ହେଲେ ରାସ୍ତାରେ ଦୁର୍ଘଟଣାରେ ଚାଲିଗଲା ଜଣଙ୍କ ଜୀବନ। ଏଭଳି ଘଟଣା ଘଟିଛି ମୟୂରଭଞ୍ଜର ଜିଲା ଶରତ ଥାନା ଆଦରପଦା ଅଞ୍ଚଳରେ। ସୂଚନା ଅନୁଯାୟୀ, ଉଦଳା ଥାନା ଅଧୀନ ଉର୍ମଳ ଗ୍ରାମର କାରମୀ ନାଏକଙ୍କର ସୋମବାର ମୃତ୍ୟୁ ଘଟିଥିଲା। ଖବରପାଇ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ଶରତ ଥାନା ଦୋଳିପଡା ଅଞ୍ଚଳର ସମ୍ପର୍କୀୟମାନେ ଏକ ଅଟୋରେ ବାହାରି ଆସିଥିଲେ ଉଦଳା ଅଭିମୁଖେ। ଅଟୋରେ ୧୦ରୁ ୧୨ ଜଣ ସମ୍ପର୍କୀୟ ଉଦଳା ଅଭିମୁଖେ ଆସୁଥିବା ବେଳେ ଆଦରପଦା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା ଅଟୋ। ଫଳରେ ସମସ୍ତେ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତରଙ୍କ ମଧ୍ୟରୁ ସୁକୁମତି ନାଏକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଯିଏକି ଉର୍ମଳ ଗ୍ରାମର ମୃତକ କାରମୀ ନାଏକଙ୍କ ସମ୍ପର୍କୀୟ ଭଉଣୀ ହେବେ। ତେବେ ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଗୋଟିଏପଟେ ଉର୍ମଳ ଗ୍ରାମର କାରମୀ ନାଏକଙ୍କର ଶବ ସତ୍କାର ନିମନ୍ତେ ଯାଇଥିବା ବେଳେ ଅନ୍ୟପଟେ ସମ୍ପର୍କୀୟ ଭଉଣୀ ସୁକୁମତି ନାଏକଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉଦଳା ମେଡିକାଲରେ ରହିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଏକାଠି ହେଲେ ଅଞ୍ଚଳବାସୀ


ଛାତ୍ର ଗୋଷ୍ଠୀ ପକ୍ଷରୁ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଥାନା ଅଧିକାରୀଙ୍କ ବଦଳି ଦାବି

ମୋରଡ଼ା,୨୦।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ଥାନା ପୋଲିସ ହିଟଲରୀ ଶାସନ ଚଳାଇଥିବା ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରତିବାଦରେ ମଙ୍ଗଳବାର ଅଞ୍ଚଳବାସୀ ମୋରଡା ଥାନା ପୋଲିସର ବିରୁଦ୍ଧରେ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ପ୍ରଦାନ କରିଛନ୍ତି। ୧୫ ଦିନ ମଧ୍ୟରେ ଥାନା ଅଧିକାରୀଙ୍କୁ ବଦଳି କରା ନ ଗଲେ ଅଞ୍ଚଳବାସୀ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୨୫ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ଜଣେ ଛାତ୍ରୀ ନିଖୋଜ ଘଟଣାରେ ଛାତ୍ର ସୁଶାନ୍ତ ପାତ୍ରଙ୍କୁ ଏସ୍‌ଆଇ ନିବେଦିତା ନାଏକ ଥାନାକୁ ଡାକି ତଦନ୍ତ ଆଳରେ ଧମକ ଚମକ ଦେବା ସହିତ ଏଏସଆଇ ନିରାକାର ପ୍ରଧାନ ତାଙ୍କୁ ଚାପୁଡ଼ା ମାରିଥିଲେ। ପରେ ସୁଶାନ୍ତଙ୍କ ଦେହରୁ ଶୀତବସ୍ତ୍ର କାଢ଼ି ଦୀର୍ଘ ୫ଘଣ୍ଟା ଥାନାରେ ବସାଇଥିଲେ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇ ଚାଲିଥିବାରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ଥାନା ଅଞ୍ଚଳରେ ଚୋରା ବାଲି ଚାଲାଣ ବାହାର ଜିଲା ଓ ରାଜ୍ୟକୁ ହେଉଛି। ଏଥିରେ ଥାନା ଅଧିକାରୀ ସହଯୋଗ କରୁଥିବା ଅଭିଯୋଗରେ ଦର୍ଶଯୋଇଛି। ସେହିପରି ଥାନା ଅଧିକାରୀ ଯୋଗଦେବା ପରଠୁ ଥାନା ଅଞ୍ଚଳରେ ହତ୍ୟା, ଚୋରି, ଡକାୟତି ଭଳି କାର୍ଯ୍ୟ କଳାପ ବୃଦ୍ଧି ପାଉଛି ଏବଂ ପୋଲିସ ଗୁଣ୍ଡା ସାଜି ବିଭିନ୍ନ ସ୍ଥାନରେ ଆତଙ୍କ ଖେଳାଉଛି। ତେଣୁ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ସହିତ ଏସ୍‌ଆଇ ନିବେଦିତା ନାଏକ ଏବଂ ଏଏସ୍‌ଆଇ ନିରାକାର ପ୍ରଧାନଙ୍କୁ ପନ୍ଦର ଦିନ ଭିତରେ ବଦଳି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ଗୋଷ୍ଠୀଙ୍କ ସହିତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଠାକୁରମୁଣ୍ଡା,୨୦।୧(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ସ୍ୱପେଶ୍ୱର ବେହେରାଙ୍କ ସଭାପତିତ୍ୱରେ ପୂର୍ବାହ୍ନ ୧୦ଟା ସମୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ବିଇଓ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ସମୁଦାୟ ୬୫୪ ଜଣ ପଞ୍ଜୀକରଣ କରିଥିଲେ। ୩୩୯ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୧୨୦ ଜଣଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ବାଣିଶ୍ରୀ ବୃତ୍ତି ପାଇଁ ୭ ଜଣ, ଡିଆରଆଇ ଋଣ ୯ ଜଣଙ୍କୁ ମଞ୍ଜୁର କରାଯାଇଥିଲା । ସେହିପରି ୮୦ ଜଣଙ୍କୁ ଆବାସ ଗୃହ, କୌଶଳ ବିକାଶ ତାଲିମ ପାଇଁ ମାତ୍ର ୨ ଜଣଙ୍କ ଆବେଦନ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।ଶିବିରରେ ଡା. ବି. ଜ୍ୟୋତିଷୀ, ଡା.ଦୀପକ ନାୟକ, ଡା. ଜେ.ଏସ. ପ୍ରଧାନ,ଡା.ଚୁନୁରାମ ସୋରେନ, ଡା.ସମରେନ୍ଦ୍ର ମହାପାତ୍ର, ଡା.ଏଲ. ଡି. ପଣ୍ଡା, ଡା,ମଞ୍ଜୁଳା ପ୍ରଧାନ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ, ପରୀକ୍ଷା ଆଦି କରିଥିଲେ।

## ୨ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆଖି ବୁଜିଲେ ମା'

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୨ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆଖି ବୁଜିଲେ ମା' । ଏଭଳି ଅଭାବନୀୟ ଘଟଣା ଘଟିଛି ବାରିପଦା ଉପକଣ୍ଠ ବଡସାହି ବ୍ଲକ୍ ଉଠାଣିନୂଆଗାଁ ଗ୍ରାମରେ। ମୃତ ମହିଳା ଜଣକ ହେଲେ ସଞ୍ଜିତା ବେଷ୍ଟକାର। ପିଆର୍‌ଏମ ଡାକ୍ତରଖାନାରେ ସଞ୍ଜିତା ଦୁଇ ଶିଶୁକନ୍ୟାକୁ ଜନ୍ମଦେବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ରକ୍ତର ଆବଶ୍ୟକତା ପଡିବାରୁ ସାମାଜିକ କର୍ମୀ ଅରବିନ୍ଦ ମୁଖି ତୁରନ୍ତ ୨ ଜଣ ରକ୍ତଦାତା ଯୋଗାଡ଼ କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ପରିବାରଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଘରୋଇ ଚିକିତ୍ସାଳୟକୁ ନେଇଗଲେ। ସେଠାରେ ପୁଣି ରକ୍ତର ଆବଶ୍ୟକତା ପଡ଼ିବାରୁ ପୋଲିସ ପବ୍ଲିକ ପ୍ରେସ (ପିପିପି) ଟ୍ରଷ୍ଟର ଅଧ୍ୟକ୍ଷ ଡ, ଅକ୍ଷୟ ମହାନ୍ତି ଆଉ ଦୁଇ ୟୁନିଟ ରକ୍ତର ବ୍ୟବସ୍ଥା କରାଇଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ଶେଷରେ ଆଖିଛନ୍ତି ସଞ୍ଜିତା। ମୃତଦେହ ଗାଁକୁ ଆସିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବରପାଇ ଡ, ମହାନ୍ତିଙ୍କ ସମେତ ସାମାଜିକ କର୍ମୀ ଡ. ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ସର୍ଦ୍ଦାର ହରିଚରଣ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ସଞ୍ଜୀବ କୁମାର ସାହୁ, ଅରବିନ୍ଦ ମୁଖି ଓ ଭରତ ଚନ୍ଦ୍ର ପାତ୍ର ତାଙ୍କ ଗ୍ରାମରେ ପହଞ୍ଚି ପିପିପି ଟ୍ରଷ୍ଟ ତରଫରୁ ୫୦୦୦ ଟଙ୍କାର ଚେକ ସହ ୧ ହଜାର ଟଙ୍କା ନଗଦ ରାଶି ଓ ଶିଶୁ ଖାଦ୍ୟ ପ୍ରଦାନ କରିଥିଲେ।

# ମୟୂରଭଞ୍ଜ ଗସ୍ତରେ ଇଗ୍ନୁ କୁଳପତି

ଭୁବନେଶ୍ୱର(ସୁଚିସ୍ମିତା ସାହୁ)/
ବାରିପଦା, (ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ରାଇରଙ୍ଗପୁର(ମାନସ ମହାନ୍ତି ), ୨୦।୧

ଇଗ୍ନୁ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ମୟୂରଭଞ୍ଜ ଗସ୍ତ କରିଛନ୍ତି। ମଙ୍ଗଳବାର ସେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଶିକ୍ଷା, ଡିଜିଟାଲ ସାକ୍ଷରତା, ଉଦ୍ୟୋଗ ବିକାଶ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ ସହ ଜଡ଼ିତ ଜିଲାସ୍ତରୀୟ ପଦକ୍ଷେପକୁ ସମର୍ଥନ କରିବାରେ ଇଗ୍ନୁର ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ମିଳିତ ସଚେତନତା କାର୍ଯ୍ୟକ୍ରମ, ତାଲିମ କର୍ମଶାଳା ଏବଂ ସମ୍ପ୍ରଦାୟଭିତ୍ତିକ ଶିକ୍ଷାଗତ ହସ୍ତକ୍ଷେପ ପରିଚାଳନା କରିବାର ସମ୍ଭାବନା ଉପରେ ଆଲୋଚନା ଓ ବିଚାର ବିମର୍ଶ କରାଯାଇଥିଲା।

ଇଗ୍ନୁ କୁଳପତି ସୋମବାର ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଏବଂ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜର ଆଶିଷ କୁମାର, ଇଗ୍ନୁ ସ୍ୱତନ୍ତ୍ର ପ୍ରୋଜେକ୍ଟ ୟୁନିଟ୍‌ର ନିର୍ଦ୍ଦେଶିକା ପ୍ରଫେସର ନୟନତାରା ପାଢ଼ୀ ଏବଂ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ରାଇରାଙ୍ଗପୁରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ଉପସ୍ଥିତ ଥିଲେ। କୁଳପତିଙ୍କ ଗସ୍ତ ଶିକ୍ଷା ଓ ଦକ୍ଷତା ମାଧ୍ୟମରେ ଆଞ୍ଚଳିକ ବିକାଶ ପାଇଁ ଇଗ୍ନୁର ପ୍ରତିବଦ୍ଧତାକୁ ସୂଚିତ କରେ। ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ହାସଲ କରିବା ପାଇଁ ଜିଲା ତଥା ଉପବିଭାଗୀୟ ପ୍ରଶାସନ ସହ ମିଳିତ ପ୍ରୟାସକୁ ଦୃଢ଼ କରିବ ବୋଲି ଆଶା କରାଯାଉଛି।


ରାଇରଙ୍ଗପୁରରେ ଇଗ୍ନୁ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଓ ଅନ୍ୟମାନେ।

# ଚିନ୍ତା ବଢ଼ାଇଲା ବାଲିମିଶା ପାଣି

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ୱାଟକୋର ଜଳ ବିଶୋଧନ ଫେଲ୍
- କାର୍ଯ୍ୟାଳୟ ଘେରାଉ କରିବ ଭଞ୍ଜସେନା

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦା ସହରବାସୀଙ୍କ ବିଶୁଦ୍ଧ ପାନୀୟ ଜଳ କଷ୍ଟ ଭୋଗୁଛନ୍ତି। ଜିଲାରେ ଜଳ ବିଶୋଧନାଗାରରେ ବିଫଳତା ଯୋଗୁ ଫ୍ଲୋରାଇଡ୍ ମିଶା ପାଣି ପରେ ଏବେ ସରୁ ବାଲି ମିଶା ପାନୀୟଜଳ ଯୋଗାଣ ସହରବାସୀଙ୍କ ନିଦ ହଜାଇ ଦେଇଛି। ଲୋକଙ୍କ ଘର ଛାତରେ ଥିବା ପାଣି ଟାଙ୍କିରୁ ବାଲଟି ବାଲଟି ବାଲି ବାହାରିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯାହାକୁ ନେଇ ମ୍ୟୁନିସିପାଲଟିର ୬ନଂ. ୱାର୍ଡର ଭବାନୀ ଶଙ୍କର ସାହୁଙ୍କ ଘରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ସାହୁଙ୍କ ଘର ନୁହଁ ବର୍ତ୍ତମାନ ସହରର ଏକାଧିକ ଲୋକଙ୍କ ଘରକୁ ଆସୁଥିବା ପାଇପପାଣି ଅବସ୍ଥା ସମାନ ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ୱାଟକୋ ଓ ପିଏଚ୍‌ଡି ମାଧ୍ୟମରେ ପାନୀୟ ଜଳ ଯୋଗାଣରେ ନିୟମିତ ଭାବେ ବାଲି ଆସୁଥିବାବେଳେ ବୁଢ଼ାବଳଙ୍ଗରୁ ପାଣି ଉଠାଉଥିବା ମଟର ଠିକ୍ ଭାବେ କାମ କରୁନି ବୋଲି ଜଣାପଡ଼ିଛି। ୮ ମାସ ଧରି ଏହି ମଟର ସହରର ପ୍ରତି ଘରକୁ ବାଲିମିଶା ପାଣି ଯୋଗାଣ କରୁଥିବାବେଳେ ଜାଣି ଅଜଣା ରହିଛି ବିଭାଗ। ଏହାକୁ ମରାମତି କରୁ ନ ଥିବାରୁ ବାଲି ଯୋଗୁ ଘରେ ଘରେ ଲାଗିଥିବା ପାଣିପମ୍ପ ମଟର ମଧ୍ୟ ଖରାପ ହେବାରେ ଲାଗିଛି। ବାଲି ମିଶା ପାଣି ପିଇ ଲୋକେ ପେଟ ଜନିତ ରୋଗାକ୍ରାନ୍ତ ହେବାରେ ଲାଗିଛନ୍ତି।


ପାନୀୟ ଜଳରୁ ବାହାରି ଥିବା ବାଲି।

ସହର ୬ ନଂ. ୱାର୍ଡକୁ ପିଭିସି ପାଇପ୍ ଓ ଲୁହା ପାଇପ୍ ମାଧ୍ୟମରେ ଜଳ ଯୋଗାଣ ହେଉଛି। ୱାର୍ଡରେ ରହିଥିବା ମେଡିକାଲ, ପୁରୁଣା ହାଟସାହି ସହ ମନ୍ଦିରସାହିର ୨ହଜାରରୁ ଅଧିକ ପରିବାର ଏହି ସମସ୍ୟା ଦେଇ ଗତି କରୁଛନ୍ତି। ସବୁଠୁ ବଡ଼ କଥା ହେଲେ ବୁଢ଼ାବଳଙ୍ଗ ନଦୀରୁ ପାଣି ଉଠାଉଥିବା ମଟରଟି ଦୀର୍ଘ ଦିନ ହେଲା ମରାମତି ହୋଇନାହିଁ। ଫଳରେ ଏହା ପାଣି ବଦଳରେ ବାଲି ମିଶା ପାଣି ସହରର ଜଳ ବିଶୋଧନାଗାରକୁ ପଠାଉଛି। ସେଠାରୁ ଛାଣି ହେବା ବଦଳରେ ବାଲିମିଶା ପାଣି ସହରବାସୀ ପିଉଥିବାରୁ ନାନା ଅସନ୍ତୋଷ ଦେଖିବାକୁ ମିଳିଛି।

ଏନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି, ଏହି ବାଲି ମିଶାପାଣି ଯୋଗୁ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ଖରାପ ହୋଇଥିବା ମଟର ମରାମତି କରାଯାଉନି। ୮ ଦିନ ହେଲା ୧୨ ଘଣ୍ଟିଆ ପାନୀୟ ଜଳ ଯୋଗାଣ ନାଁରେ ସହରବାସୀଙ୍କୁ ବାଲି ମିଶା ଜଳ ଦିଆଯାଉଛି। ଏନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଅବଗତ କରାଯାଇଛି। ସେ ଯଦି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଭଞ୍ଜସେନା ପକ୍ଷରୁ ୱାଟ୍‌କୋ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇ କହିଛନ୍ତି। ଏ ସଂକ୍ରାନ୍ତରେ ୱାଟକୋର ସାଧାରଣ ପରିଚାଳକ ଗୁଲସନ କୁମାର କହିଛନ୍ତି ଯେ, କେଉଁ ଅଞ୍ଚଳରେ ପାନୀୟ ଜଳରେ ବାଲି ଆସୁଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରାଯାଉଛୁ। ଖୁବଶୀଘ୍ର ଏନେଇ ସୁଚିନ୍ତିତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଧାରଣାରେ ବସିଲେ ବିଜେଡି ନେତା, କର୍ମୀ

ଉଦଳା,୨୦।୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଏବେ ବି ଅବହେଳିତ। ଆଜି ପର୍ଯ୍ୟନ୍ତ ରେଳଗାଡ଼ି ଦେଖିପାରିନାହାନ୍ତି ଉପଖଣ୍ଡବାସୀ। ଯାହାକୁ ପ୍ରସଙ୍ଗ କରି ରାଜରାସ୍ତାରେ ଗର୍ଜିଛି ବିଜେଡି । ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଉଦଳା ହାଇସ୍କୁଲ ଛକ ନିକଟରେ ସ୍ଥାନୀୟ ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଥିଲା।

ଉଦଳାକୁ ନୂତନ ରେଳପଥ ମଞ୍ଜୁର କରିବା ଦାବିରେ ପୂର୍ବତନ ବିଜେଡି ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ବିଜେଡି ନେତାମାନେ ଧାରଣାରେ ବସିଥିଲେ। ପୂର୍ବରୁ ସର୍ଭେ ହୋଇଥିବା ରେଳରାସ୍ତା – ଖଡ଼ଗପୁରଠାରୁ ଯାଜପୁର ରୋଡ୍ ଭାୟା ଆନନ୍ଦପୁର, ଶରତ, କପ୍ତିପଦା, ଉଦଳା ବାରିପଦା ହୋଇ କପ୍ତିପଦା ଉପଖଣ୍ଡ ଉଦଳାକୁ ନୂତନ ରେଳ ଲାଇନ ସଂଯୋଗ କରିବାକୁ ଦାବି କରିଛି ବିଜେଡି। ପୂର୍ବରୁ ବିଜେଡି ଏହି ଦାବି ଉପସ୍ଥାପନ କରି ଆସିଥିବା ବେଳେ ନୂତନ ରେଳ ସଂଯୋଗୀକରଣ ନିମନ୍ତେ ସମସ୍ତ ପ୍ରକ୍ରିୟା ସାରିଥିଲେ ସୁଦ୍ଧା ଏବେ ସୋସିଆଲ ମିଡିଆରେ ଡବଲ ଇଞ୍ଜିନ ସରକାର ପକ୍ଷରୁ ରେଳ ସଂଯୋଗୀକରଣ ନୀଳଗିରିଠାରୁ ଉଦଳା ହୋଇଯିବାକୁ ଦର୍ଶାଯାଇଥିବା ରିପୋର୍ଟ ଭାଇରାଲ ହୋଇଛି। ଯାହାକି ଓଡ଼ିଶା ସରକାର କପ୍ତିପଦା ଉପଖଣ୍ଡବାସୀଙ୍କୁ ଭକୁଆ ବନାଇ ରେଳ ସଂଯୋଗୀକରଣ କରୁଥିବା ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ସୋରେନ। ଏହା ସହିତ କପ୍ତିପଦା ଉପଖଣ୍ଡ ନିମନ୍ତେ ରେଳ ସଂଯୋଗୀକରଣ ପାଇଁ ରାଷ୍ଟ୍ରପତିଙ୍କୁ ମଧ୍ୟ ଆଗାମୀ ଦିନରେ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୋରେନ କହିଛନ୍ତି। ଏହି ଗଣଧାରଣା ଜାରି ରହିବା ସହିତ ଏହି ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ବିଜେଡି ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଗଣଧାରଣାରେ ବିଜେଡିର ବରିଷ୍ଠ ନେତା ମନୋଜ କୁମାର ମହାନ୍ତି, ସୌଭାଗ୍ୟ ସାହୁ, ବ୍ଲକ ସଭାପତି ଗୋବିନ୍ଦ ନାୟକ, ବନମାଳୀ ବେହେରା, ଅମୀୟ କୁମାର ବଳ, ନରେନ୍ଦ୍ର ରାଉତଙ୍କ ସମେତ ଅନେକ ବିଜେଡି ନେତା ଏବଂ କର୍ମୀ ସାମିଲ ହୋଇଥିଲେ। ଏହି ଧାରଣା ୪ ଦିନ ଧରି ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏ ବାବଦରେ ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କୁ ପଚାରିବାରୁ ଉଦଳା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଉଦଳାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ସହିତ ରେଲୱେ ସଂଯୋଗ ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।


ଧାରଣାରତ ବିଜେଡି ନେତା ଓ କର୍ମୀମାନେ।

**କପ୍ତିପଦା ଉପଖଣ୍ଡକୁ ରେଳପଥ ସଂଯୋଗ ଦାବି**

## ୨୮ରୁ ଧାମନଗର ଶୀତ ମହୋତ୍ସବ

ଧାମନଗର,୨୦।୧(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର):

ଧାମନଗର ବ୍ଲକର ଅସୁରାଳିଠାରେ ଆସନ୍ତା ୨୮ତାରିଖଠାରୁ ଦ୍ୱିତୀୟ ବାର୍ଷିକ ଧାମନଗର ଶୀତ ମହୋତ୍ସବ ଆରମ୍ଭ ହେବ। ଏନେଇ ରବିବାର ସନ୍ଧ୍ୟାରେ ଭଦ୍ରକ ନେହେରୁ ଷ୍ଟାଡିୟମ୍ ପରିସରରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅସୁରାଳିଠାରେ ହେବାକୁ ଥିବା ଶହୀଦ ସ୍ମୃତି ଷ୍ଟାଡିୟମ୍ ପଡ଼ିଆରେ ଏହି ମହୋତ୍ସବ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳାକୁ ଅନ୍ତର୍ଭୁକ୍ତ କରାଯିବା ନେଇ ପ୍ରସ୍ତାବ ନିଆଯାଇଛି। ଚାରିଦିନିଆ ଉତ୍ସବରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଭିନେତ୍ରୀ, ଗାୟିକା ଗାୟକଙ୍କ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ଏକାଧିକ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେବାକୁ ବୈଠକରେ ସ୍ଥିର ହୋଇଛି। ପ୍ରତ୍ୟେକ ଦିନ ସାଂସ୍କୃତିକ ମଞ୍ଚକୁ ସ୍ମରଣୀୟ ବ୍ୟକ୍ତିଙ୍କ ନାମରେ ନାମିତ କରାଯିବ ଏବଂ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ନାରାୟଣ ସାହୁ, ରଘୁନାଥ ଲେଙ୍କା, ଶରତ ମହାନ୍ତି, ଚତୁର୍ଭୁଜ ନାୟକ, ହରେକୃଷ୍ଣ ପାଢ଼ୀ, ଆଇନଜୀବୀ ଦୀପ୍ତିରଞ୍ଜନ ଜେନା, ରାମଚନ୍ଦ୍ର ମିଶ୍ର, ଖବରଦାତା ବୈକୁଣ୍ଠ ନାଥ ସାହୁ, ଇଂ. କିଶୋର ଦାସ, ରାଜେନ୍ଦ୍ର କୁମାର ସାହୁ, ଅଜୟ କୁମାର ବଳ, ଶ୍ରୀକାନ୍ତ ନାୟକ, ରାଜୀବ ଦାସ, ସୂରଜ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଧାମନଗର ବିଧାୟକ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମକ୍ରମେ ଗତବର୍ଷଠାରୁ ଶୀତ ମହୋତ୍ସବ ଆରମ୍ଭ ହୋଇଛି।

## ଅନ୍ତରା ମହତୀପୁର ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ


ପିଲାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଉଛି।

ଖଇରା, ୨୦।୧(ଉତ୍କଳବନ୍ଧୁ ପଣ୍ଡା):

ଯେଉଁ ଜାତି ବା ଦେଶର ଭାଷା ଓ ସଂସ୍କୃତି ଯେତେ ସୁଦୃଢ଼ ସେ ଜାତି ବା ଦେଶ ସେ ମହାନ । ଭାରତ ତାର ସଂସ୍କୃତି ପରମ୍ପରା ପାଇଁ ବିଶ୍ୱରେ ତାର ସ୍ଥାନ ସ୍ୱତନ୍ତ୍ର ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକର ଖ୍ୟାତିସମ୍ପନ୍ନ ଅନ୍ତରା-ମହତୀପୁର ବାଇଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ମାହୁନ୍ତଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ପ୍ରାକ୍ତନ ଇତିହାସ ପ୍ରାଧ୍ୟାପକ ଲକ୍ଷ୍ମୀଧର ରାଉତ ମୁଖ୍ୟବକ୍ତା ଭାବେ ଉପରୋକ୍ତ ବିଷୟରେ ଆଲୋକପାତ କରିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସମିତିସଭ୍ୟା ସବିତାରାଣୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ସାହୁ, ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ଦାସ, ଆଲୁମିନି ସଭାପତି ସୁଧାକର ଗାହାଣ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ନୃତ୍ୟ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କମିଟି ସଦସ୍ୟ ସହଯୋଗ କରିଥିଲେ।

## ମାଳଦାରେ ଖୋଲିଲା ଧାନମଣ୍ଡି

ଭଣ୍ଡାରିପୋଖରୀ,୨୦।୧(ରାଜେନ୍ଦ୍ର ଶତପଥୀ):

ଭଣ୍ଡାରିପୋଖରୀ ବ୍ଲକର ମାଳଦା ସେବା ସମବାୟ ସମିତିରେ ସୋମବାର ଅପରାହ୍ନରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଉପ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀ, ଭଣ୍ଡାରିପୋଖରୀ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ବ୍ୟାଙ୍କ ଡାଇରେକ୍ଟର ରମେଶ ଚନ୍ଦ୍ର ଭାରତୀ, ନାରାୟଣପୁର ସେବା ସମିତି ସଭାପତି ଜୟନ୍ତ କୁମାର ସାହୁ, ମାଳଦା ପଞ୍ଚାୟତ ସରପଞ୍ଚ ମିନତି ପରିଡ଼ା, ନପଙ୍ଗ ପଞ୍ଚାୟତ ସରପଞ୍ଚ ଶୁଭାସିନୀ ନାୟକ, ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ନିର୍ମଳ ଚନ୍ଦ୍ର ଦାସ, କିଶୋର କୁମାର ଦାସ, ଶୁଭ୍ରଜିତ ରାଉତ, ଧନେଶ୍ୱର ବେହେରା, ପ୍ରତ୍ୟୁଷ ସାମଲ, ଅଜୟ ରାଉତ, ନୃସିଂହ ଚରଣ ଖିଲାର, ବିନୋଦ ପଲାଇ, କମଳାକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ବଡ଼ବିଲ ବନ ବିଭାଗର ଚଢ଼ାଉ: ୟୁନିଟ୍ ମାଲିକଙ୍କ ସହ ସହଯୋଗୀ ଗିରଫ

ବଡବିଲ(ଜୟନ୍ତୀ ରଣା)/କେନ୍ଦୁଝର(ନରେଶ ପଟ୍ଟନାୟକ), ୨୦।୧:

କେନ୍ଦୁଝର ଜିଲା ବଡବିଲ ବନାଞ୍ଚଳ ପକ୍ଷରୁ ମଙ୍ଗଳବାର କାଶିଆ (ଖ) ଗ୍ରାମରେ ଚଢ଼ାଉ କରାଯାଇ ଏକ ବେଆଇନ ମାଙ୍ଗାନିଜ ପ୍ରୋସେସିଂ ୟୁନିଟ ଜବତ କରାଯାଇଛି। ୟୁନିଟ ପରିସରରୁ ବନବିଭାଗ ୧୦୦ ଟନରୁ ଊର୍ଦ୍ଧ୍ୱ ପ୍ୟାକେଟ ହୋଇ ଗଚ୍ଛିତ ରହିଥିବା ମାଙ୍ଗାନିଜ, ପିକଅପକୁ ମଧ୍ୟ ଜବତ କରିଛି। ବନବିଭାଗ ୟୁନିଟର ମାଲିକ ଯୋଡା ଅଞ୍ଚଳର ନିର୍ମଳ ନାଏକ ଓ ତାଙ୍କ ସହଯୋଗୀ ରୋଇଡା ଅଞ୍ଚଳର ଏମଡି ରଫିକ୍ ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

ବଡ଼ବିଲ ବନାଞ୍ଚଳ ଅଧିକାରୀ ଶିବ କୁମାର ରାଉତଙ୍କ ନେତୃତ୍ୱରେ ମଙ୍ଗଳବାର କାଶିଆ (ଖ) ଗ୍ରାମ ନିକଟରେ ବେଆଇନ ଭାବେ ଚାଲିଥିବା ନବଜ୍ୟୋତି ନାମକ ମାଙ୍ଗାନିଜ ପ୍ରୋସେସିଂ ୟୁନିଟ ଉପରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ ବନବିଭାଗ ଉକ୍ତ ବେଆଇନ ମାଙ୍ଗାନିଜ ପ୍ରୋସେସିଂ ୟୁନିଟ ପରିସରରୁ ୧୦୦ ଟନ୍‌ରୁ ଊର୍ଦ୍ଧ୍ୱ ମାଙ୍ଗାନିଜ ସହ ବିଭିନ୍ନ ମେଶିନାରୀ ଓ ପିକଅପ୍ ଗାଡ଼ି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ୍ କରାଯାଇଛି। ବନ ବିଭାଗ ଏହି ଘଟଣାରେ ସମ୍ପୃକ୍ତ ୟୁନିଟର ମାଲିକ ନିର୍ମଳ ଏବଂ ତାଙ୍କ ସହଯୋଗୀ ରଫିକ୍‌ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଥିବା ବନ ବିଭାଗ କହିଛି। ଅଭିଯୁକ୍ତ ନିର୍ମଳ ଅନେକ ଦିନ ଧରି ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ ଏବଂ ଆଖପାଖ ଜଙ୍ଗଲ ଅଞ୍ଚଳରୁ ଚୋରା ମାଙ୍ଗାନିଜ ଆଣି ପ୍ରୋସେସିଂ କରିବା ପରେ ବାହାରର କିଛି ଦଲାଲଙ୍କ ଜରିଆରେ ବିକ୍ରି କରୁଥିବା ଜଣାପଡିଛି। ମୁଖ୍ୟତଃ ରାଉରକେଲା ଅଞ୍ଚଳକୁ ସେ ମାଙ୍ଗାନିଜ ଚୋରା ଚାଲାଣ କରୁଥିବା ବନବିଭାଗ ଜାଣିବାକୁ ପାଇଛି। ଅନେକ ଦିନ ଧରି ଏହି ୟୁନିଟ୍ ଉପରେ ତୀକ୍ଷ୍ଣ ନଜର ରଖିଥିଲା ବନ ବିଭାଗ। ଚୋରାଚାଲାଣ ପାଇଁ ମଙ୍ଗଳବାର ଏକ ପିକଅପ୍ ଗାଡ଼ିରେ ମାଙ୍ଗାନିଜ ବୋଝେଇ ଚାଲିଥିବା ବେଳେ ବନ ବିଭାଗ ଚଢ଼ାଉ କରିଥିଲା। ଜବତ୍ ୧୦୦ ଟନ ମାଙ୍ଗାନିଜର ମୂଲ୍ୟ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏହି ଚୋରା କାରବାରରେ ଅନ୍ୟମାନଙ୍କ ସମ୍ପୃକ୍ତିକୁ ନେଇ ବନ ବିଭାଗ ତଦନ୍ତ ଜାରି ରଖିଥିବା ବଡବିଲ ବନାଞ୍ଚଳ ଅଧିକାରୀ ରାଉତ କହିଛନ୍ତି।


ବନ ବିଭାଗ ଜବତ କରିଥିବା ବେଆଇନ ମାଙ୍ଗାନିଜ ପ୍ରୋସେସିଂ ୟୁନିଟ ଓ ଗଚ୍ଛିତ ମାଙ୍ଗାନିଜ।

**■ବେଆଇନ ମାଙ୍ଗାନିଜ ପ୍ରୋସେସିଂ ୟୁନିଟ ସହ ୧୦୦ ଟନରୁ ଊର୍ଦ୍ଧ୍ୱ ମାଙ୍ଗାନିଜ, ପିକଅପ ଜବତ**

## ୨୭ରୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ୟୁନିଫେଷ୍ଟ'

ଭୁବନେଶ୍ୱର,୨୦।୧(ସୁଚିସ୍ମିତା ସାହୁ):

ନୂଆଦିଲ୍ଲୀସ୍ଥିତ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୩୯ତମ ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବାଞ୍ଚଳ ଯୁବ ମହୋତ୍ସବ 'ୟୁନିଫେଷ୍ଟ ୨୦୨୫-୨୬' ଆରମ୍ଭ ହେବ। ବ୍ୟାସବିହାର କ୍ୟାମ୍ପସରେ ୫ଦିନ ବ୍ୟାପୀ ଏହି ଯୁବ ଉତ୍ସବ ଚାଲିବ। ୟୁନିଫେଷ୍ଟରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୨୦ଟି ପ୍ରମୁଖ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ନୃତ୍ୟ, ସଙ୍ଗୀତ, ବାଦ୍ୟ, ଆଦିବାସୀ ନୃତ୍ୟ, ଗ୍ରୁପ ସଙ୍ଗୀତ ଏବଂ ବକ୍ତୃତା ଆଦି ୨୮ଟି କ୍ଷେତ୍ରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର (ପିଜି) ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଙ୍ଗଳବାର ଓଡ଼ିଶା ପ୍ରେସ୍ କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରତି ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦ ଜଣ ଲେଖାଏ ଛାତ୍ରୀଛାତ୍ର ଏହି ଯୁବ ପ୍ରତିଭା ସାଂସ୍କୃତିକ ସମାବେଶରେ ସାମିଲ ହେବେ। ପ୍ରତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ମାର୍ଚ୍ଚ ୧୦ରୁ ୧୪ ପର୍ଯ୍ୟନ୍ତ ଚେନ୍ନାଇରେ ହେବାକୁ ଥିବା ଜାତୀୟସ୍ତରୀୟ ୟୁଥ୍ ଫେଷ୍ଟିଭାଲ୍‌ରେ ଭାଗନେବେ। ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏହି ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ଏହା ହେବାକୁ ଯାଉଛି। ଅଂଶଗ୍ରହଣ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା କୁଳସଚିବ କୁଙ୍କୁମୀନା ଦାସ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକ ସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା, ସଂଯୋଜକ ଡ. ନିହାର ରଞ୍ଜନ ରାଉତ, ସଂଗଠନ ସମ୍ପାଦକ ଡ. ଅସୀମ ଅମିତାଭ ପ୍ରଧାନ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକଅପ୍ ଜବତ ୧୨ ଗୋରୁ ପୋଲିସ ଜିମା

ଲଙ୍ଗଳେଶ୍ୱର, ୨୦।୧(କମଳାକାନ୍ତ ଦାସ):

ବାଲେଶ୍ୱର ଜିଲା ସିଂଲା ଥାନା ପୁଟୁରା ପଞ୍ଚାୟତ ଦୁନ୍ଦକୋଟ ଗ୍ରାମରୁ ସୋମବାର ମଧ୍ୟରାତ୍ରିରେ ବଜରଙ୍ଗୀ ଦଳ ତରଫରୁ ଗୋରୁ ବୋଝେଇ ପିକଅପ ସହ ୧୨ ଗୋରୁ ଉଦ୍ଧାର କରି ପୋଲିସରେ ଜିମା ଦେଇଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୩୫/୨୬) ରୁଜୁ କରାଯାଇଛି। ପିକଅପ ଡ୍ରାଇଭର ଏବଂ ଗୋଚାଲାଣ କାରୀଙ୍କ ସହଯୋଗୀଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି। ଗୋରୁଗୁଡ଼ିକୁ ଗୋଶାଳା ପଠାଇଦିଆଯାଇଛି। ଏଥିରେ ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା ଏବଂ ବଜରଙ୍ଗୀ ଦଳର କାଶିନାଥ ଲେଙ୍କା, ରାକେଶ ପାତ୍ର, ମାନଗୋବିନ୍ଦ ପଟ୍ଟାୟତ, ସମ୍ବିତ ରାଉଳ, ଶୁଭଙ୍କର ଦାସ, ନିଗମ ରାଉତ, ଦିନେଶ ଭୂୟାଁ, ଭରତ ପାଲ, ଉପାନନ୍ଦ ବିଶ୍ୱାଳ ଓ ରାଜକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଧରିତ୍ରୀ ପକ୍ଷରୁ ପ୍ରକାଶିତ ପୁସ୍ତକ ପ୍ରତି ବଢୁଛି ପାଠକଙ୍କ ଆଗ୍ରହ



ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଧରିତ୍ରୀ ଷ୍ଟଲ୍‌ରୁ ବହି କିଣୁଛନ୍ତି।

ଭଦ୍ରକ,୧୮।୧(ସନାତନ ରାଉତ):

ଭଦ୍ରକ ସହର ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାରେ ପ୍ରଥମଥର ପୁସ୍ତକ ମେଳା ଆୟୋଜନ ହୋଇଛି। ଏହି ମେଳାରେ ଧରିତ୍ରୀ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାନିତ ହୋଇଥିବା ବେଳେ ପ୍ରକାଶିତ ଦାରୁଦିଅଁ, ସୂତାଖିଅରେ ବିଶ୍ୱ, ପାଣି, କଳାଧଳା, ଅକଳରେ ଅର୍ଥନୀତି, ଭିନ୍ନ ସ୍ୱର ଆଦି ବହି ପ୍ରତି ପାଠକଙ୍କ ଆଗ୍ରହ ବଢୁଥିବା ପରିଲକ୍ଷିତ ହୋଇଛି। ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀମାନେ ଷ୍ଟଲ୍ ପରିଦର୍ଶନରେ ଆସି ବହିଗୁଡ଼ିକୁ ଦେଖିବା ସହ ମନପସନ୍ଦର ବହି କିଣୁଛନ୍ତି। ମଙ୍ଗଳବାର ମହୋତ୍ସବର ୩ୟ ସନ୍ଧ୍ୟା ଥିବାବେଳେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଏହି ଷ୍ଟଲ୍ ପରିଦର୍ଶନ କରିଥିଲେ। ଧରିତ୍ରୀ ସବୁବେଳେ ତଥ୍ୟଭିତ୍ତିକ ଖବର ପ୍ରସାରଣ କରୁଥିବାରୁ ପାଠକ ମହଲରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଜିଲା ପ୍ରତିନିଧି ସନାତନ ରାଉତଙ୍କ ତତ୍ତ୍ୱାବଧାନରେ ଷ୍ଟଲ୍ ଖୋଲାଯାଇଥିବା ବେଳେ ପ୍ରସାରଣ ବିଭାଗର ଆଲୋକ କାନୁନଗୋ, ଖବରଦାତା କାଳିପଦ ରାୟ ଓ ଅମରେନ୍ଦ୍ର ପଣ୍ଡା ପରିଚାଳନାରେ ସହଯୋଗ କରିଛନ୍ତି।

## 'ପିଲାଙ୍କ ମଧ୍ୟରେ ଉତ୍ସାହ ବଢ଼ାଏ ଦେଶାତ୍ମବୋଧକ ସଙ୍ଗୀତ'


ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି ।

ଔପଦା ,୨୦।୧(ଧରିତ୍ରୀ ପଣ୍ଡା):

ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ବ୍ଲକସ୍ତରୀୟ ପୁରସ୍କାର ବିତରଣ ସମାରୋହ ଔପଦା ପିଏମଶ୍ରୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଡିଓ ଶାଶ୍ୱତୀ ସାତୁଆଳ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ, ଔପଦା ଡିଗ୍ରୀ କଲେଜର ସଂସ୍କୃତ ଅଧ୍ୟାପକ ଦ୍ୱାରିକା ନାଥ ଶତପଥୀ ପ୍ରମୁଖ ଯୋଗଦେଇ ବନ୍ଦେ ମାତରମ୍ ଦେଶାତ୍ମକବୋଧକ ସଙ୍ଗୀତ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବଢାଇବା ପାଇଁ ପାଳନ କରାଯାଉଛି ବୋଲି ବକ୍ତବ୍ୟରେ କହିଥିଲେ। ଏହି ସମାରୋହରେ ବ୍ଲକର କମ୍ପ୍ୟୁଟର ସହକାରୀ ପରିଚାଳକ ମାନସ ଦାଶ ମଞ୍ଚ ପରିଚାଳନା ସହିତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ ।

ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ମାତରମ ଗୀତରେ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଦେଶାତ୍ମବୋଧକ ସଂଗୀତ, ନୃତ୍ୟ, ବକ୍ତୃତା ଆଦିରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ଅଧିକାଂଶ ବିଦ୍ୟାଳୟର ପିଲାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

୧୦% ବିଶେଷ ରିହାତି

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

**BABA BHAIRABANANDA AUTONOMOUS MAHAVIDYALAYA**
Chandikhole, Jajpur, Odisha-755044
Email: bbmprincipal@gmail.com MOB: 9437264845
Letter No. 092/26 Date : 19.01.2026

**TENDER CALL NOTICE**
FOR UPGRADATION OF IT INFRASTRUCTURE

**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in

**Sd./- Principal-Cum-Secretary**
OIPR- B.B. (Auto) Mahavidyalaya, Chandikhole, Jajpur

**Government of Odisha, Department of Water Resources**
**OFFICE OF THE SUPERINTENDING ENGINEER RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com
No.A- **'e'-Procurement Notice No.SE-RDD-05/2025-26**

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
OIPR- **Rengali Dam Division, Rengali Dam Site**

**OFFICE OF THE MUNICIPAL COUNCIL, BHAWANIPATNA DIST-KALAHANDI, PIN-766001**
**'e' Procurement NOTICE. No. 169**
**Bid Identification No. BPM/04/2025-26**
**Tender ID-2026_ORULB_124793_1**

**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**
1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**

**Sd./- Executive Officer**
OIPR- **Bhawanipatna Municipality**

**DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
**E-mail ID: dir.mines@orissaminerals.gov.in/geology.ig@orissaminerals.gov.in**
**Reference No. : 651** **Date: 15.01.2026**

**TENDER CALL NOTICE**

**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**. The detail Tender / Tender Document shall be available in the Departmental Website **http://www.odishaminerals.gov.in** and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.

**Sd./- Director of Mines & Geology, Odisha**
OIPR-

## ସଂକ୍ଷେପରେ

### ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୨୦।୧ (ନବୀନ ସାହୁ)**

ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ପାଳନ ସହିତ ସ୍ୱର୍ଗତ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଡ.ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୟୂରଭଞ୍ଜ ଜିଲା ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ତହସିଲଦାର ସତ୍ୟଜିତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ଅଶୋକ କୁମାର ରଥ ବାର୍ଷିକ ବିବରଣୀ ପାଠ, ଅଧ୍ୟାପିକା ଡ.ମୋନାଲିସା ଚନ୍ଦ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଜ୍ଞାନରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଶିକ୍ଷାର ଆଲୋକବର୍ତ୍ତିକା ସାଜିଥିଲେ ଉପେନ୍ଦ୍ରନାଥ

#### ୪୬ତମ ଶ୍ରାଦ୍ଧ ଦିବସ ପାଳିତ

**ସୋର, ୨୦।୧ (ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପ୍ରତିଷ୍ଠାତା ଉପେନ୍ଦ୍ରନାଥ ପ୍ରଧାନଙ୍କ ୪୬ତମ ଶ୍ରାଦ୍ଧଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଉପେନ୍ଦ୍ର ନାଥ ଏବଂ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ବିଏଡ୍ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଭାଗୀରଥି ସାହୁ ଯୋଗଦେଇଥିଲେ। ଶିକ୍ଷାଗୁରୁ ଉପେନ୍ଦ୍ରନାଥ ପ୍ରଧାନଙ୍କ ଭଳି ବ୍ୟକ୍ତି ସମାଜରେ ବିରଳ। ସେ ବିଭିନ୍ନ ସ୍ଥାନରେ ସୋର କଲେଜ ଭଳି ୩୭ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଶିକ୍ଷାର ଆଲୋକବର୍ତ୍ତିକା ସାଜିଥିଲେ। ଏହି ଅବସରରେ ପୁରାତନ ଛାତ୍ର ତଥା କବି ପ୍ରଶାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଲେଜର ମୁଖପତ୍ର 'ଶାଶ୍ୱତୀ' ଲୋକାର୍ପିତ ହୋଇଥିଲା। ୨୦୨୪-୨୫ ବର୍ଷର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ପୁରାତନ ଛାତ୍ରୀ ପୁଷ୍ପାଞ୍ଜଳି ନାୟକ ଉପେନ୍ଦ୍ର ସ୍ମରଣ ଗାନ କରିଥିଲେ। ଡେମୋନଷ୍ଟ୍ରେଟର ପୂର୍ଣ୍ଣଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଏବଂ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଅବସରପ୍ରାପ୍ତ ଅଧ୍ୟାପକ, କର୍ମଚାରୀ, ସୋର ଅଞ୍ଚଳର ବିଭିନ୍ନ ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଓ ଛାତ୍ରୀ ଉପେନ୍ଦ୍ରନାଥଙ୍କ ଜନ୍ମସ୍ଥାନ ଘାଷୁଆସ୍ଥିତ ସମାଧି ସ୍ଥଳରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ କାଂଶବାଂଶ ନଦୀରେ ତିଳତର୍ପଣ ଅର୍ପଣ କରିଥିଲେ।

### ମିଳିତ ଜନଶୁଣାଣିରେ ୧୧୭ ଅଭିଯୋଗ

**ବାହାନଗା, ୨୦।୧ (ଅରୂପ କୁମାର ଦାସ)**

ବାହାନଗା ବ୍ଲକ ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୭ଟି ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ସେଥିମଧ୍ୟରୁ ୨୯ଟି ଅଭିଯୋଗ ବ୍ଲକର ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ଓ ୨୦ଟି ରାଜସ୍ୱ ବିଭାଗୀୟ ସମ୍ବନ୍ଧୀୟ ଅଭିଯୋଗ ହୋଇଛି। ଆରଡି ବିଭାଗରେ ୨ ଅଭିଯୋଗ, ବିଦ୍ୟୁତ ବିଭାଗରେ ୬ ଅଭିଯୋଗ, ଶିକ୍ଷାବିଭାଗ ସମ୍ବନ୍ଧୀୟ ୭ ଅଭିଯୋଗ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୬ଜଣଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ, ଆଉ ୬ଜଣଙ୍କୁ ୫ହଜାର ଟଙ୍କା ଲେଖାଏଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରଦାନ କରିଥିଲେ। ଏହାସହିତ ୨ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏଥିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପଜିଲାପାଳ ଶିବ ମାଲବୀୟ, ଅତିରିକ୍ତ ଜିଲାପାଳ (ରେଭନ୍ୟୁ) ହେମନ୍ତ ସିଂ, ସିଡିଓ ସଞ୍ଜୟ ରାଉତ, ସିଡିଏମ୍ଓ ପ୍ରଭାତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷା ବାସନ୍ତୀ ପତି, ବିଡିଓ ଶୁଭଶ୍ରୀ ଟୁଡୁ, ତହସିଲଦାର ଅମ୍ବିକା ଭୂଞ୍ଜା ପ୍ରମୁଖ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା।

# ପରିବାରକୁ ଭେଟିଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି ବିଜେଡି ନେତୃବୃନ୍ଦ।

**ଭ୍ୟାନ୍ ହେଲପରଙ୍କ ମୃତ୍ୟୁ ଘଟଣା**

■ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ

**ବାଲେଶ୍ୱର, ୨୦।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ଥାନା ଅଧୀନ ଅସ୍ତିଆ ଗ୍ରାମର ଭ୍ୟାନ୍ ହେଲପର ସେକ୍ ମକାନ୍ଦର ମହମ୍ମଦଙ୍କୁ ହତ୍ୟା ଘଟଣାରେ ବିଜେଡି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମଙ୍ଗଳବାର ଅସ୍ତିଆ ଗ୍ରାମରେ ପହଞ୍ଚିଥିଲେ। ମୃତକଙ୍କ ପରିବାରଙ୍କୁ ଭେଟି ଦଳ ପକ୍ଷରୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ରାଜ୍ୟସଭା ଏମ୍‌ପି ସୁଲତା ଦେଓ, ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଅଶ୍ୱିନୀ ପାତ୍ର, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସ୍ୱରୂପ ଦାସ ଓ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଚନ୍ଦ୍ର ଦାସ, ଭଦ୍ରକ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ଗୁଲମକି ଦଲାଓଜି ହବିବ, ଜିଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସାଧାରଣ ସମ୍ପାଦକ ଧୀରେନ ନାୟକ, ଜିଲା ସମ୍ପାଦକ ମନୋଜ ରାଉତ, ରାଜ୍ୟ ଯୁବ ଉପସଭାପତି ତାପସ ପାଣିଗ୍ରାହୀ, ଛାତ୍ରନେତା ବିଭୁଦତ୍ତ ପରିଡ଼ାଙ୍କ ସମେତ ବହୁ ନେତୃବୃନ୍ଦ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଥିଲେ।

# ଗୋଲାପଫୁଲ ଦେଇ ସଚେତନତା



ହେଲମେଟ୍ ପିନ୍ଧିଥିବା ଜଣେ ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ ଦିଆଯାଉଛି।

**କାଳିପଦା, ୨୦।୧ (ରାଜଶ୍ରୀ ପାଣିଗ୍ରାହୀ):** ବାଲିଆପାଳ ପୋଲିସ ପକ୍ଷରୁ ଗୋଲାପ ଫୁଲ ଦେଇ ବାଇକ୍ ଆରୋହୀଙ୍କୁ ବାଲିଆପାଳ ଥାନା ଅଧିକାରୀ ସଚେତନ କରାଇଛନ୍ତି। ସାରା ରାଜ୍ୟରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ମଙ୍ଗଳବାର ବାଲିଆପାଳ ପୋଲିସ ଏବଂ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ତତ୍ତ୍ୱାବଧାନରେ ଶୀତକାଳୀନ ସେବା ଶିବିର ଛାତ୍ରୀଛାତ୍ରମାନଙ୍କ ସହଭାଗିତାରେ ଦୋଭକ ଛକଠାରେ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ହେଲମେଟ ଲଗାଇଥିବା ବାଇକ ଆରୋହୀମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ଜଣାଇବା ସହିତ ହେଲମେଟ ପିନ୍ଧି ନ ଥିବା ଆରୋହୀମାନଙ୍କୁ ସଡ଼କ ସୁରକ୍ଷା ଆଇନକୁ ମାନିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ଟ୍ରାଫିକ ନିୟମ ପ୍ରତି ଧ୍ୟାନ ଦେବା ସହିତ ସମସ୍ତ ନୀତିନିୟମର ପାଠ ପଢ଼ାଇଥିଲେ ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ। ଏହି ଅବସରରେ ସବଇନ୍ସପେକ୍ଟର ପ୍ରେମ ପ୍ରତାପ ବାହିନୀ, ମହାବିଦ୍ୟାଳୟ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ପାର୍ବତୀ ମୁର୍ମୁ, ପୁଷ୍ପାଞ୍ଜଳି ବିରଳି, ଶୁଭ୍ରାଶିଳ୍ପୀ ରାଉତ, ରତିରଞ୍ଜନ କବାଟ, ରାଜେନ୍ଦ୍ର ପ୍ରଧାନ, ନିଳାମ୍ବର ଧଳ, ଶିବିର ପ୍ରୋଗ୍ରାମ ଅଫିସର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ ଓ ପ୍ରେମାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ଛାତ୍ରୀଛାତ୍ର ଆତ୍ମବିଶ୍ୱାସୀ ହୁଅନ୍ତୁ'

**ବାଲେଶ୍ୱର, ୨୦।୧ (ବାଞ୍ଛାନିଧି ଦେ)**





ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ଛାତ୍ରୀଛାତ୍ର ପ୍ରତିଭା ବିକାଶ ଦିଗରେ ବ୍ରତୀ ହୁଅନ୍ତୁ। ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ସଫଳତା ହାସଲ ସମ୍ଭବ ବୋଲି ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ଅମିୟ କୁମାର ମହାନ୍ତି ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସବ୍-ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଗୀତ, ନୃତ୍ୟ ଓ କୁଇଜ୍ ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟରୁ ୩୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଓ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଏହି ପ୍ରତିଯୋଗିତା ଏକ ପ୍ଲାଟଫର୍ମ ବୋଲି କହିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ଚନ୍ଦ୍ରକାନ୍ତ ରାଉତ, ଏକାଡେମିକ୍ ମୁଖ୍ୟ ରତନ କୁମାର ଘୋଷ, ଶିକ୍ଷୟିତ୍ରୀ ଗିତିକା ସୋମ, ଲଳିତା ପାଣ୍ଡେ, ସସ୍ମିତା ପାହାଡ଼ା ସିଂହ, ରଶ୍ମି ପଣ୍ଡା, କରିଷ୍ମା ମୁର୍ମୁ, ଆଦ୍ୟାଶା ପ୍ରଧାନ, ମନୀଷା ସ, ସହକାରୀ କର୍ମଚାରୀ କଳ୍ପନା ବେହେରା ଓ ମଞ୍ଜୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି।

### ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି

**ଖଇରା, ୨୦।୧ (ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକରେ ରାଷ୍ଟ୍ରଗାନ ବନ୍ଦେ ମାତରମର ୧୫୦ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ବିଡିଓ ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ ଦାଶ, ସଭ୍ୟା ରଶ୍ମିତା ମହାପାତ୍ର, ବିଆରସିସି ମାଣିକ ମିଶ୍ର, ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଦେଶ ସ୍ୱାଧୀନରେ ବନ୍ଦେ ମାତରମ ଗୀତ ସଂଜୀବନୀ ଭଳି କାମ କରିଥିଲା। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ୫୦ରୁ ଅଧିକ ବିଦ୍ୟାଳୟରୁ ଆସିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ପିଲା ଚରିତ୍ରବାନ ହୁଏ'



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଖଇରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ**

**ଖଇରା, ୨୦।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ନଟାପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ମାତୃ ସମ୍ମିଳନୀ, ଶଙ୍ଖଫୁଙ୍କା ପ୍ରତିଯୋଗିତା ତଥା ୨୧ତମ ବାର୍ଷିକ ଉତ୍ସବ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡଃ. ହରପ୍ରିୟା ମହାନ୍ତି ମୁଖ୍ୟଅତିଥି, ଖଇରା କ୍ଲଷ୍ଟର ସିଆରସିସି ବିପିନ ବିହାରୀ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିଭଳି ଅପରାହ୍ନରେ ରାଧାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଖଇରା ବିଡିଓ ନାରାୟଣ ସାହୁ ମୁଖ୍ୟଅତିଥି, ଗରସଙ୍ଗ ମହାବିଦ୍ୟାଳୟର ଅଧ୍ୟାପକ ମନିନ୍ଦ୍ର ଦୀକ୍ଷିତ ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକ୍ରୀଷ୍ଣ ଦାସ, କୋଲାକାତାର ଯୁବ ବ୍ୟବସାୟୀ ରାଜେନ୍ଦ୍ର ନାୟକ, ରାଜସ୍ୱ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଗୟାଧର ହାତୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ଶିକ୍ଷା ପିଲାଙ୍କୁ ଚରିତ୍ରବାନ କରି ଗଢି ତୋଳିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଦର୍ଶ ଛାତ୍ର ଶୁଭାଦିତ୍ୟ ମହାନ୍ତି, ଗତବର୍ଷର ଟପ୍ପର ସାନଭି ମିଶ୍ର, ମେଧା ଛାତ୍ର ଗୁରୁ ପ୍ରସାଦ ପଣ୍ଡା, ଚାମ୍ପିୟନ ଲକ୍ଷ୍ମଣ କର, ପ୍ରୀତିପ୍ରଜ୍ଞା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସ ସ୍ୱାଗତ ଭାଷଣ, ସବିତା ମହାନ୍ତି ଧନ୍ୟବାଦ, ଅହଲ୍ୟା ବିବରଣୀ ପାଠ କରିଥିଲେ। ପିଲାମାନଙ୍କ ଦ୍ୱାରା ପର୍ଯ୍ୟବେସିତ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟମଞ୍ଜରୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

# 'ବିଦ୍ୟୁତ୍ ଚୋରି ସଚ୍ଚୋଟ ଉପଭୋକ୍ତାଙ୍କୁ ପ୍ରଭାବିତ କରେ'

**ଟିପିଏନଓଡିଏଲ୍‌ର ଶୂନ୍ୟ ସହନଶୀଳ ନୀତି**

**ବାଲେଶ୍ୱର, ୨୦।୧ (ବାଞ୍ଛାନିଧି ଦେ)**

ବିଦ୍ୟୁତ ଚୋରିକୁ ରୋକିବା ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତସେବା ପ୍ରଦାନ ଦିଗରେ କମ୍ପାନୀ ବିଭିନ୍ନ ପଦକ୍ଷେପ ଆପଣାଉଛି। ହେଲେ ବିଦ୍ୟୁତ ଚୋରି ଏ ଦିଗରେ ଏକ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ଅପରପକ୍ଷରେ ଶୂନ୍ୟ ସହନଶୀଳ ନୀତି ମାଧ୍ୟମରେ ଟିପିଏନଓଡିଏଲ ଏଯାବତ୍ ପ୍ରାୟ ୫ଶହ ମେଗାୱାଟ୍ ବିଜୁଳି ଚୋରି ରୋକିବାରେ ସଫଳ ହୋଇଛି।

କେବଳ ୨୦୨୫ରେ ୧୩୨ ମେଗାୱାଟ ବିଜୁଳି ଚୋରି ରୋକାଯାଇଛି। ବାଲେଶ୍ୱର ବୈଦ୍ୟୁତିକ ମଣ୍ଡଳରେ ୫୪.୪୦ ମେଗାୱାଟ ବିଜୁଳି ଚୋରି ରୋକାଯିବା ସହ ୯ ହଜାର ୪୧୮ ମାମଲା ପଞ୍ଜୀକୃତ ହୋଇଛି। ବାରିପଦା ମଣ୍ଡଳରେ ୨୦ ମେଗାୱାଟ, ଭଦ୍ରକରେ ୨୪, ଯାଜପୁରରେ ୨୧ ଓ କେନ୍ଦୁଝର ମଣ୍ଡଳରେ ୧୩ ମେଗାୱାଟ ବିଜୁଳି ଚୋରି ରୋକାଯାଇଥିବା ବେଳେ ଅସାଧୁଙ୍କ ବିରୋଧରେ ୨୯ହଜାରରୁ ଅଧିକ ମାମଲା ରୁଜୁ ହୋଇଛି। ସେହିପରି ଟିପିଏନଓଡିଏଲ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୭୩.୨୩ ମେଗାୱାଟ ବିଦ୍ୟୁତ ଚୋରି ରୋକାଯାଇଥିବାବେଳେ ୨୦୨୨-୨୩ରେ ୧୦୧.୧୨ ମେଗାୱାଟ, ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଟିପିଏନଓଡିଏଲ ପକ୍ଷରୁ ପ୍ରାୟ ୨ଶହ ମେଗାୱାଟ ବିଦ୍ୟୁତ ଚୋରି ରୋକାଯାଇପାରିଛି। ବିଦ୍ୟୁତ ଚୋରିକୁ ରୋକିବା ପାଇଁ ପ୍ରତି ସେକ୍ସନ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବୈଦ୍ୟୁତିକ ମଣ୍ଡଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶେଷ ଦୃଷ୍ଟି ଦିଆଯାଉଛି। ଜିଲା ପ୍ରଶାସନ ତଥା ପୋଲିସର ସହାୟତା ନେଇ ମହିଳା ଅଧିକାରୀଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍ ଏ ସମ୍ପର୍କିତ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ବିଦ୍ୟୁତ ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଭିମୁଖ୍ୟ ମଧ୍ୟ ଗ୍ରହଣ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ବିଦ୍ୟୁତ ଚୋରି ଏକ ଦଣ୍ଡନୀୟ ଅପରାଧ ଅଟେ। ଏଥିରୁ ନିବୃତ୍ତ ରହି ଉପଭୋକ୍ତାମାନେ ନିଜ ଘରେ ବିଦ୍ୟୁତ ବ୍ୟବହାର ତଥା ଆବଶ୍ୟକତା ନେଇ ସଂଯୁକ୍ତ ବିଦ୍ୟୁତ୍ ଲୋଡ୍ ମଧ୍ୟ ବ୍ୟବସ୍ଥିତ କରାଇନେବା ଆବଶ୍ୟକ ବୋଲି ଟିପିଏନଓଡିଏଲ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷେ ବିଦ୍ୟୁତ ଚୋରି ଦ୍ୱାରା କେବଳ ରାଜସ୍ୱହାନି ନୁହେଁ, ସଚ୍ଚୋଟ ଉପଭୋକ୍ତାମାନେ ମଧ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଥାନ୍ତି। ବାରମ୍ବାର ବିଦ୍ୟୁତ୍ କାଟ, ଲୋ ଭୋଲଟେଜ ଅସ୍ଥିରତା ଆଦି ସମସ୍ୟାରେ ସମ୍ମୁଖୀନ ହେବା ସହିତ ବିଦ୍ୟୁତ ଶୁଳ୍କରେ ମଧ୍ୟ ଏହାକୁ ପ୍ରଭାବ ପକାଇଥାଏ। ଏ ସଂକ୍ରାନ୍ତରେ ନିଜ ଅଞ୍ଚଳରେ କେହି ବିଦ୍ୟୁତ ଚୋରି କରୁଥିବା ନଜରରେ ଆସିଲେ ଉପଭୋକ୍ତାମାନେ ୯୪୩୮୯-୦୬୦୦୨ ନମ୍ବର ଯୋଗେ ସୂଚନା ଦାଖଲ କରିପାରିବେ।

# ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଅଭିଯାନ

**ନୀଳଗିରି, ୨୦।୧ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗତ ୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସରକାରଙ୍କ ଆତ୍ମ ସୁରକ୍ଷା ଅଭିଯାନର ସୋମବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ମଣିମାଳା ବିଶ୍ୱାଳ, ଅଧ୍ୟାପିକା ମୌସୁମୀ ଭୋଳ, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦାନ କରିଥିବାବେଳେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସୁଷମା ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବେ ରଶ୍ମିରେଖା ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ପ୍ରକାଶ କରିବା ସହ ଅଧ୍ୟକ୍ଷା ପଣ୍ଡାଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରିଥିଲେ। ଶିବିରରେ ଯୋଗଦେଇଥିବା ସମସ୍ତ ଛାତ୍ରୀଙ୍କୁ ଅଧ୍ୟକ୍ଷା ପଣ୍ଡା ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।





ଜଣେ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି।

# ଗୋଟିଏ ଗୃହରେ ୬ଟି ଶ୍ରେଣୀ



ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର।



ଭାଙ୍ଗିଯାଇଥିବା କାନ୍ଥ।

**ଜରାଜୀର୍ଣ୍ଣ ଅବସ୍ଥାରେ ହାଣ୍ଡିପଡ଼ା ପ୍ରାଥମିକ ବିଦ୍ୟାଳୟ**

**ଭୋଗରାଇ, ୨୦।୧ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁମ୍ଭାରମୁଳୀ ପଞ୍ଚାୟତ ହାଣ୍ଡିପଡ଼ା ପ୍ରାଥମିକ ବିଦ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୧୯୬୭ମସିହାରୁ ଉକ୍ତ ପ୍ରାଥମିକ ବିଦ୍ୟାଳୟ ଗଢି ଉଠିଥିବା ବେଳେ ସ୍କୁଲ ଗୃହ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପାଠପଢ଼ା ହେଉଥିବା ବେଳେ ଏବେ ଶିଶୁ ବଟିକା ସାମିଲ ହୋଇଛି। ଏହି ପ୍ରାଥମିକ ବିଦ୍ୟାଳୟରେ ୭୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପୁରୁଣା ଆଜବେଷ୍ଟର୍ସ ଘର ବିଭିନ୍ନ ସ୍ଥାନରେ ତଳୁ ଉପର ପର୍ଯ୍ୟନ୍ତ ଫାଟିଯିବାରୁ ଛାତ୍ରୀଛାତ୍ରୀ, ପାଖ ପଡୋଶୀଙ୍କୁ ମହାବିପଦ ଟାଣିଆଣୁଛି। ଛାତ୍ରୀଛାତ୍ରମାନେ ପୁରୁଣା ସ୍କୁଲ ଗୃହରେ ବିପଦସଂକୁଳ ଗୃହରେ ନ ପଢି ଏବେ ପୁରୁଣା ସ୍କୁଲ ଗୃହ ସଂଲଗ୍ନ ଅନ୍ୟ ଏକ ଶ୍ରେଣୀଗୃହ ଓ ବାରଣ୍ଡାରେ ପ୍ରତିକୂଳ ପରିବେଶରେ ବାଧ୍ୟତାମୂଳକ ଭାବେ ପଢୁଥିବାରୁ ଛାତ୍ରୀଛାତ୍ରମାନେ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏଭଳି ସ୍ଥିତିରେ ନୂତନ ଗୃହ ନିମନ୍ତେ ୬ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ପୁରୁଣା ସ୍କୁଲ ଭଙ୍ଗାଯାଉ ନ ଥିବାରୁ ନୂତନ ସ୍କୁଲ ଗୃହ ନିର୍ମାଣରେ ବାଧକ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଭୋଗରାଇ ବିଡିଓ ଅନୁମତି ଦେଉ ନ ଥିବାରୁ ସ୍କୁଲ ଗୃହ ନିର୍ମାଣରେ ଜଟିଳତା ଦେଖାଦେଇଛି ବୋଲି ୱାର୍ଡମେମ୍ବର ରାଜୀବଲୋଚନ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ବଳରାମ କର, ରମେଶ କର, ଦୟାନିଧି କର, ଜୟନ୍ତ ପାଳ, ରଜନୀକାନ୍ତ ପାତ୍ର, ବିଜୟ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଅନୁପମା ବେହେରା ଓ ମମତା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା ସ୍କୁଲ ଗୃହକୁ ଅବିଳମ୍ବେ ପ୍ରଶାସନ ଭାଙ୍ଗି ଛାତ୍ରୀଛାତ୍ର ଓ ପଡୋଶୀଙ୍କୁ ବିପଦମୁକ୍ତ କରିବା ସହିତ ନୂତନ ସ୍କୁଲ ଗୃହ ନିର୍ମାଣ କରିବାକୁ ପ୍ରଶାସନଠାରେ ଗ୍ରାମବାସୀ ଦାବି କରିଛନ୍ତି।

# ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ଢେଙ୍କିକୋଟ,୨୦।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅଧୀନ ଢେଙ୍କିକୋଟ ପଞ୍ଚାୟତର ଢେଙ୍କିକୋଟ ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଲୋକେ ତାତିଛନ୍ତି। ମଙ୍ଗଳବାର ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କୁ ତାଲା ପକାଇ ଦେଇଥିଲେ।

ସେମାନେ ଦର୍ଶାଇଛନ୍ତି ଯେ, ଦୀର୍ଘବର୍ଷ ହେଲା ଢେଙ୍କିକୋଟ ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ସାହି ବସ୍ତିକୁ ପାଇପ୍ ଯୋଗେ ଓଭରହେଡ୍ ଟାଙ୍କିରୁ ପାନୀୟଜଳ ଯୋଗାଣ ହେଉଛି। ମାତ୍ର ମାସକ ତଳେ ଦଳେଇସାହିଠାରେ ଜନୈକ ବ୍ୟକ୍ତି ପଟ୍ଟାଭୁକ୍ତ ଜମି ଉପରେ ଏକ କୋଠାଘର ନିର୍ମାଣ କରି ଶୌଚାଳୟ ଟାଙ୍କି ନିମନ୍ତେ ଗାତ ଖୋଳିବା ସମୟରେ ପାଣି ଯୋଗାଣ ହେଉଥିବା ପାଇପ୍ ଭାଙ୍ଗି ଦେଇଥିଲେ। ଫଳରେ ମାସେ ହେବ ପାଇପ୍ ଯୋଗେ ସାହି ବସ୍ତିକୁ ପାଣି ଯୋଗାଣ ବନ୍ଦ ହୋଇଯାଇଛି। ଏଥିଯୋଗୁ ଲୋକେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଖଇର ନାଏକ ଏବଂ ବିଡିଓ ଖଗେଶ୍ୱର ବରାଳଙ୍କୁ ବହୁବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଣୁ ଗ୍ରାମର ମହିଳାମାନେ ସରପଞ୍ଚ କାର୍ଯ୍ୟାଳୟରେ ଥିବା ସମୟରେ ବାହାରପଟୁ ତାଲା ପକାଇ ଦେଇଥିଲେ। ପିଇବା ପାଣି ସମସ୍ୟାର ସମାଧାନ ହେଲେ ଛଡ଼ାଯିବ, ନଚେତ ତାଲା ଖୋଲାଯିବ ନାହିଁ ବୋଲି ମହିଳାମାନେ ଜିଦ୍ ଧରି ବସିଥିଲେ। ପୂର୍ବାହ୍ଣ ସାଢ଼େ ୧୦ଟାରୁ ୨ଘଣ୍ଟା ଧରି ସରପଞ୍ଚ କାର୍ଯ୍ୟାଳୟ ଭିତରେ ରହି ବିଡିଓ, ଘଟଗାଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଫୋନ୍ ମାଧ୍ୟମରେ ଜଣାଇଥିଲେ। ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଜୋସ୍ନାରାଣୀ ସୋରେନ ଏବଂ ପରମାନନ୍ଦ ମାଝୀ ଘଟଗାଁ ପୋଲିସ ସହ ଏହି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚଙ୍କୁ ଉଦ୍ଧାର କରିଥିଲେ।



ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ତାଲା ପକାଇଥିବା ମହିଳାମାନେ।

## ପାଣି ସମସ୍ୟା ନେଇ ତାତିଲେ ମହିଳା

ଭାଙ୍ଗି ଯାଇଥିବା ପାଇପ୍ ତୁରନ୍ତ ମରାମତି କରି ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଗ୍ରାମବାସୀ ତାଲା ଖୋଲିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା ସଦଳବଳ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ କନିଷ୍ଠ ଯନ୍ତ୍ରୀମାନଙ୍କୁ ତାଗିଦା କରିଥିଲେ। ଏ ସମ୍ପର୍କରେ ବିଡିଓ ବରାଳ କହିଛନ୍ତି, ସେ ମାସେ ହେବ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜେଇଙ୍କୁ କହିସାରିଥିଲେ। ମାତ୍ର ସେମାନଙ୍କ ଖାମଖିଆଲି ଯୋଗୁ ଏଭଳି ସ୍ଥିତି ଉପୁଜିଛି। ତେବେ ଢେଙ୍କିକୋଟ ଗ୍ରାମରେ ଦୁଇଟି ଓଭରହେଡ୍ ଟାଙ୍କି ଥିବାବେଳେ ଦୁଇଓଳି ସକାଳ ୭ଟାରୁ ୮ଟା ଏବଂ ଅପରାହ୍ଣ ୪ଟାରୁ ୫ଟା ଯାଏ ପିଇବା ପାଣି ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗାନ୍ଧୀ ମାର୍କେଟରେ ଭଙ୍ଗାଗଲା ଅସୁରକ୍ଷିତ ଦୋକାନ ଗୃହ



କେନ୍ଦୁଝର,୨୦।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକା ଅଧୀନ ଗାନ୍ଧୀ ମାର୍କେଟରେ ଥିବା ଅସୁରକ୍ଷିତ ଦୋକାନ ଗୃହ ମଙ୍ଗଳବାର ଭଙ୍ଗାଯାଇଛି। ମାଜିଷ୍ଟ୍ରେଟ ଶେଖର ଚନ୍ଦ୍ର ଜେନା, ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଓ ଏନଫୋର୍ସମେଣ୍ଟ ଅଫିସର ସୌମ୍ୟରଞ୍ଜନ ନାୟକଙ୍କ ଉପସ୍ଥିତିରେ ୧୯ଟି ଦୋକାନ ଉଚ୍ଛେଦ କରାଯାଇଛି। ବୁଧବାର ଆଉ ୪୧ଟି ଦୋକାନ ଭଙ୍ଗାଯିବ। ଏହି ମାର୍କେଟରେ ଥିବା ଦୋକାନ ଗୃହଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଯେକୌଣସି ସମୟରେ ଭାଙ୍ଗିଯିବାର ସମ୍ଭାବନା ଥିବାରୁ ପୌରପାଳିକା ପକ୍ଷରୁ ଜେସିବି ମେଶିନ ସାହାଯ୍ୟରେ ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଦୋକାନ ଘରକୁ ନୋଟିସ ସଂଖ୍ୟା ୫୭୯ ତା ୦୩।୦୨।୨୦୧୬ ରିଖରେ ବିପଦସଙ୍କୁଳ ଘୋଷଣା କରାଯାଇଥିଲା। ଏହାସତ୍ତ୍ୱେ ୯ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୋକାନଗୁଡ଼ିକ ଅସୁରକ୍ଷିତ ଭାବେ ଚାଲୁଥିଲା। ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ଦୋକାନଗୁଡ଼ିକୁ ଭାଙ୍ଗି ନୂତନ ମଲ୍ କିମ୍ବା ମାର୍କେଟ କମ୍ପ୍ଲେକ୍ସ କରାଯିବାକୁ ବ୍ୟବସାୟୀମାନଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ବର୍ତ୍ତମାନ ଏହି ସ୍ଥାନରେ ୫୦ କୁକୁଡ଼ା, ଖାସି ଏବଂ ମାଛ ଦୋକାନୀଙ୍କ ସମେତ ମୋଟ ୧୦୦ଜଣ ବ୍ୟବସାୟ କରୁଛନ୍ତି।

୧୯୮୫ରେ ଏକ ପୋଖରୀକୁ ପୋତାଯାଇ ତା' ଉପରେ ପ୍ରାୟ ୨ ଏକର ମୂଲ୍ୟବାନ ଜମି ଉପରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲେ ମଧ୍ୟ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ସାଧାରଣ ଲୋକଙ୍କ କାମରେ ଲାଗିପାରୁ ନାହିଁ। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଏକ ଅତ୍ୟାଧୁନିକ ସପିଂମଲ୍ କରାଯିବା ପାଇଁ ଯୋଜନା କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ବର୍ତ୍ତମାନ ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ନୂତନ ଏକ ଅତ୍ୟାଧୁନିକ ସପିଂମଲ୍ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ କରାଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ନାୟକ କହିଛନ୍ତି। ଏହି ସ୍ଥାନରୁ ଉଚ୍ଛେଦ ମାଛ, ମାଂସ ବ୍ୟବସାୟୀଙ୍କୁ ଧାଙ୍ଗରପଡ଼ାଠାରେ ଥିବା ନୂତନ ସ୍ଥାନକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗ୍ରାମ୍ୟ ଜଙ୍ଗଲରେ ନିଆଁ

ପାଟଣା,୨୦।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମ୍ୟ ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗି ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଖିରେଇଟାଙ୍ଗିରୀ ସେକ୍ସନ ଅଙ୍ଗିକଳା ଉଚ୍ଚ ବିଦ୍ୟାଳୟ ପଛ ପଟରେ ଥିବା ଆକାଶିଆ ଓ ୟୁକାଲିପଟାସ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଥିବା ବେଳେ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ନିଆଁ ଲାଗି ଅନେକ ଗଛ ନଷ୍ଟ ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ବନ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ଛାତ୍ରୀ



ଶିବିରର ଉଦ୍‌ଯାପନୀ ଦିବସରେ ଅଧ୍ୟାପିକା ଅଧ୍ୟାପକଙ୍କ ସହ ତାଲିମ ନେଇଥିବା ଛାତ୍ରୀମାନେ।

ବଉଳା,୨୦।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଶିବିର ସଂଯୋଜିକା ଅଧ୍ୟାପିକା ନିଲମ୍ ସୋୟାନ୍ ଓ ସ୍ୱାଗତିକା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ତାଲିମ ପାଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରଶିକ୍ଷିକା ଶ୍ରୀମନ୍ତିନୀ ସାହୁ ଉପସ୍ଥିତ ଥିଲେ। ଗୌରାଙ୍ଗ ଚରଣ ନାୟକ, ସନାତନ ଖୁଣ୍ଟିଆ, ରବୀନ୍ଦ୍ର ନାଥ ଜେନା, ମିନତି ବେହୁରିଆ, ଲିପ୍ସା ପ୍ରିୟଦର୍ଶିନୀ ବେହେରା, ପ୍ରିୟଙ୍କା ମହାନ୍ତି, ସରିତା ପଣ୍ଡା, ଚୁମୁକିରାଣୀ ନାୟକ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ଆତ୍ମରକ୍ଷା ତାଲିମ କୌଶଳ ଶିକ୍ଷାର ବ୍ୟବହାର ସମ୍ପର୍କରେ କହିବା ସହ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍କୁଲ ଯିବା ବାଟରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ଆନନ୍ଦପୁର, ୨୦।୧
(ସୁଶାନ୍ତ କୁମାର ସାହୁ)

ସ୍କୁଲ ଯିବା ବାଟରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ। ମୃତକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ବାଉଁଶଗଡ଼ ପଞ୍ଚାୟତ ବାଲିଯୋଡି ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ଦାମୋଦର ସାହୁ(୫୯)। ତାଙ୍କ ଘର ପୌରପାଳିକା ଅଧୀନ ପଦ୍ମପୁର ଗ୍ରାମର ୧ ନମ୍ବର ୱାର୍ଡରେ। ସୂଚନା ଅନୁଯାୟୀ, ଦାମୋଦର ମଙ୍ଗଳବାର ସକାଳ ୯ଟା ୧୫ରେ ଘରୁ ବାହାରି ସାଇକେଲ ଯୋଗେ ବାଲିଯୋଡ଼ି ସ୍କୁଲକୁ ଯାଉଥିଲେ। ଜଙ୍ଘାର ଛକ ନାଗା ଗାଡ଼ିଆ ନିକଟରେ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ସାଇକେଲରୁ ପଡ଼ିଯାଇ ଅଚେତ ହୋଇଯାଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚମ୍ପୁଆ ରେଞ୍ଜରେ କମୁଛି ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା

ଚମ୍ପୁଆ/ଯୋଡ଼ା,୨୦।୧
(ମହେଶ୍ୱର ଦାସ/ ମାନସ ମହାନ୍ତି)

## ପରିବେଶ ପ୍ରଦୂଷଣକୁ ଦାୟୀକଲେ ପରିବେଶବିତ୍

ଚମ୍ପୁଆ ବନାଞ୍ଚଳକୁ ଧିରେ ଧିରେ ବିଦେଶାଗତ ପକ୍ଷୀଙ୍କ ଆଗମନ କମୁଥିବା ବେଳେ ପରିବେଶ ପ୍ରଦୂଷଣ ପାଇଁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ପୂର୍ବରୁ ଅନୁକୂଳ ପରିବେଶ ପାଇଁ ବିଦେଶାଗତ ପକ୍ଷୀଙ୍କ ଆଗମନ ଜଙ୍ଗଲ ଘେରା ଚମ୍ପୁଆ ରେଞ୍ଜରେ ଦେଖିବାକୁ ମିଳୁଥିବା ବେଳେ ବର୍ତ୍ତମାନ ଏହି ପକ୍ଷୀଙ୍କ ସଂଖ୍ୟା ଆଶାତୀତ ଭାବରେ କମିବାରେ ଲାଗିଛି।

୨୦୨୩ରେ ୩୨୭ଟି ବିଦେଶାଗତ ପକ୍ଷୀଙ୍କ ଆଗମନ ଘଟିଥିବା ବେଳେ ୨୦୨୪ରେ ମାତ୍ର ୭ ଏବଂ ୨୦୨୫ରେ ୮ଟି, ୨୦୨୬ରେ ମାତ୍ର ୪ଟି ପକ୍ଷୀଙ୍କ ଆଗମନ ହୋଇଥିବା ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି। ଏହି ବିଦେଶା ଗତ ପକ୍ଷୀଗୁଡ଼ିକ ହଜାର ହଜାର କି.ମି.ଦୂରରୁ ଆସୁଥିବା ବେଳେ ଜଳାଶୟଗୁଡ଼ିକରେ ବିଶେଷ ଭାବରେ ଖାଦ୍ୟ, ଉପଯୁକ୍ତ ବାସସ୍ଥାନ ଓ ବଂଶ ବିସ୍ତାର ପାଇଁ ଉପଯୋଗୀ ସ୍ଥାନ ଖୋଜିଥାନ୍ତି। ଦିନକୁ ଦିନ ଏହି ସ୍ଥାନର ସଂଖ୍ୟା ଚମ୍ପୁଆ ରେଞ୍ଜରେ ହଜିବାକୁ ବସିଲାଣି। ଫଳରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ରେଞ୍ଜ ଅଧିକାରୀ ଛତ୍ରିୟାଙ୍କ କହିବା ଅନୁଯାୟୀ, ପୂର୍ବରୁ ପକ୍ଷୀ ଗଣନା ଜଗଦଳା ଡ୍ୟାମ୍ ଓ ଯୋଡା ସ୍ଲିମପଣ୍ଡରେ କରାଯାଉଥିଲା। ମାତ୍ର ବର୍ତ୍ତମାନ ଜଗଦଳା ଡ୍ୟାମଟି କେନ୍ଦୁଝର ଅଧୀନକୁ ଚାଲିଯାଇଥିବାରୁ ଏବଂ ସ୍ଲିମପଣ୍ଡ ଦିନକୁ ଦିନ ପୋତି ହୋଇଯାଉଥିବାରୁ ବିଦେଶଗତ ପକ୍ଷୀ ଦେଖାଯାଉ ନାହାନ୍ତି। ଅନ୍ୟପକ୍ଷରେ ପରିବେଶବିତ୍ ରମାକାନ୍ତ ପ୍ରଧାନଙ୍କ କହିବା ଅନୁଯାୟୀ, ବିଦେଶାଗତ ପକ୍ଷୀ ସାଧାରଣତଃ ଜନଗହଳି, ଯାନବାହାନ ଦ୍ୱାରା ଉପୁଜୁଥିବା ଶବ୍ଦ ଆଦିଠାରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ମାତ୍ର ଜନସଂଖ୍ୟା ସହିତ କଳକାରଖାନା ଓ ଯାନାବାହାନ ବୃଦ୍ଧି ଫଳରେ ପକ୍ଷୀମାନେ ଉପଯୁକ୍ତ ପରିବେଶ ପାଇପାରୁ ନାହାନ୍ତି। ସେହିପରି ପରିବେଶବିତ୍ ଧରଣୀଧର ଦାସଙ୍କ କହିବା ଅନୁଯାୟୀ, ଜଳାଶୟ ତଥା ନଦୀ ତଟଗୁଡ଼ିକର ପରିବେଶ ପକ୍ଷୀଙ୍କ ପାଇଁ ଅନୁକୂଳ ହେଉ ନ ଥିବା ବେଳେ ଖାଦ୍ୟର ଅଭାବ ଏବଂ ସୁରକ୍ଷିତ ଜାଗାର ଅଭାବ ଏହାର ପ୍ରମୁଖ କାରଣ ପାଲଟିଛି।

# ଚୋରି ଯନ୍ତ୍ରାଂଶ ଜବତ, ୩ ଗିରଫ

ଯୋଡ଼ା,୨୦।୧(ମାନସ ମହାନ୍ତି)

ଯୋଡ଼ା ପୋଲିସ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଂଶପାଣି ଅଞ୍ଚଳର ଅମିତ ମୁଣ୍ଡା ଓ ତାଙ୍କ ସହିତ ଦୁଇ ନାବାଳକ। ଗତ ୧୭ ତାରିଖରେ ବାଂଶପାଣି ଅଞ୍ଚଳର ରାହୁଲ କେଜ୍ରିୱାଲଙ୍କ ମୋଟର୍ସ ପାର୍ଟସ ଦୋକାନରୁ ଏହି ଯନ୍ତ୍ରାଂଶ ଚୋରି ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୯/୨୬) ରୁଜୁ ହୋଇଛି।

# ବନ୍ଦେ ମାତରଂର ୧୫୦ତମ ବାର୍ଷିକ ଉତ୍ସବ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଯୋଡ଼ା, ୨୦।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ବ୍ଲକ ପକ୍ଷରୁ ରାଷ୍ଟ୍ର ଗୀତ ବନ୍ଦେ ମାତରଂର ୧୫୦ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଉଛି। ଏଥିରେ ଅତିଥି ଭାବେ ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡିଓ ଡେନିସ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଯୋଡା ବ୍ଲକ ଓ ପୌରାଞ୍ଚଳର ସମସ୍ତ ସରକାରୀ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୁଇଜ, ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବଡ଼ ଭାଇଙ୍କୁ ହତ୍ୟାକଲେ ସାନ

କେନ୍ଦୁଝର, ୨୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅଧୀନ ପର୍ଜନପୁର ପଞ୍ଚାୟତ କଶିରା ଗ୍ରାମରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ ଭାଇଙ୍କୁ ଗୋଇଠା ବିଧା ମାରି ହତ୍ୟା କରିଛନ୍ତି ସାନ ଭାଇ। ମୃତକ ହେଲେ କଶିରା ଗାଁର ସମ୍ବରା ମୁଣ୍ଡା(୨୭)। ଅଭିଯୁକ୍ତ ସାନ ଭାଇ ଶୁକ୍ରା ମୁଣ୍ଡା(୨୨)ଙ୍କୁ ପଳାସପଙ୍ଗା ଫାଣ୍ଡି ପୋଲିସ ଅଟକ ରଖି ଥାନାକୁ ଆଣିଛି। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୂର୍ବାହ୍ଣ ପ୍ରାୟ ୧୦ଟା ବେଳେ ଉଭୟ ମଦ୍ୟପାନ କରିଥିବାରୁ ପାରିବାରିକ କଳହ ସୃଷ୍ଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାନ ଭାଇ ଶୁକ୍ରା ବଡ଼ଭାଇ ସମ୍ବରାଙ୍କ ଛାତିକୁ ଶକ୍ତ ଗୋଇଠା ବିଧା ମାରିବା ଯୋଗୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ସମ୍ବରାଙ୍କୁ ମୃତ ଘୋଷଣା କରିଥିଲେ। ଏତଲା ଅନୁଯାୟୀ ପୋଲିସ ଏକ ମାମଲା (ନଂ.୩୩/୨୦୨୬) ରୁଜୁ କରି ଶୁକ୍ରାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା

ଚମ୍ପୁଆ,୨୦।୧(ମହେଶ୍ୱର ଦାସ)

ଚମ୍ପୁଆ ବିଏନ୍‌କେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କାଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟଠାରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଡକ ସୁରକ୍ଷା ନିୟମ ମାନିବା, ଯାନ ଚଳାଇବା ସମୟରେ ଆବସ୍ୟକ ସୁରକ୍ଷା ଗ୍ରହଣ କରିବା, ହେଲମେଟ ଓ ସିଟ ବେଲ୍ଟ ଆଦି ବ୍ୟବହାର କରିବା, ନୋ ପାର୍କିଂରେ ଗାଡି ଛିଡା ନ କରିବା, ଟ୍ରାଫିକ ନିୟମ ମାନିବା, ଜେବ୍ରା କ୍ରସିଂ ବ୍ୟବହାର କରି ରାସ୍ତା ପାରି ହେବା ସହିତ ୨୦୩୦ ସୁଦ୍ଧା ୫୦ ପ୍ରତିଶତ ସଡକ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁ ହାରକୁ କମାଇବା ଆଦି ସଚେତନ କରାଯାଇଥିଲା। ଟିପିଏନଓଡିଏଲ ଏସଡିଓ ଦିବ୍ୟରଞ୍ଜନ ସାହୁ, ସୁରକ୍ଷା ଅଧିକାରୀ ଦିଲ୍ଲୁ ରାଉତ, ସୌମେନ୍ଦ୍ର ଭୂୟାଁ ପ୍ରମୁଖ ପ୍ରଧାନ ଶିକ୍ଷକ ନୀଳମାଧବ ପୃଷ୍ଟି, ଶିବସୁନ୍ଦର ରାଉତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହିତ ପ୍ରଶ୍ନ ଉତ୍ତର ମାଧ୍ୟମରେ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଗ୍ରାମସଭା

ପାଟଣା,୨୦।୧(ବୀର କିଶୋର ଦାଶ)

- ପ୍ରଭାବିତ ୧୧୩ ପଟାଦାରଙ୍କ ସ୍ଥାନରେ ୬ଜଣ ଦାବି ଓ ସର୍ତ୍ତ ରଖିଲେ
- ଏକର ପିଛା ୧୫ କୋଟି ଟଙ୍କା ଦାବି କଲେ

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଓ ପସ୍କୋ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଚେମେଣା ପଞ୍ଚାୟତର ବାରଡାଙ୍ଗୁଆ ଗ୍ରାମରେ ମଙ୍ଗଳବାର ଦ୍ୱିତୀୟ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଉକ୍ତ ମୌଜାର ୨୩୮ ଏକର ୯୨୦ ଡିସିମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଇଛି। ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ମୌଜାର ସମୁଦାୟ ଜମିର ୭୯ ପ୍ରତିଶତ।

ଜମି ହରାଇବାକୁ ଥିବା ମୋଟ ୧୧୩ ପ୍ରଜାଙ୍କ ମଧ୍ୟରୁ ମାତ୍ର ୬ ଜଣ ନିଜର ଦାବି ଓ ସର୍ତ୍ତ ଉପସ୍ଥାପନ କରିଥିଲେ। ସେମାନେ ହେଲେ କରୁଣାକର ଦାସ, ଖଇରୁ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ନଳିନୀ ନାଏକ, କ୍ଷମାନନ୍ଦ ମହାନ୍ତ, ଦୀପ୍ତିମୟୀ ଦାସ। ଏକର ପିଛା ୧୫ରୁ ୨୦ କୋଟି ଟଙ୍କା, ଉପଯୁକ୍ତ ଥଇଥାନ ନୀତି, ଯାହାର ଯେତେ ପୁଅ ଥିଲେ ବି ସମସ୍ତଙ୍କୁ ଚାକିରି, ଦିବ୍ୟାଙ୍ଗଙ୍କ ପାଇଁ ଚାକରି ଦାବି କରିଥିଲେ।

ଦାବି ଓ ସର୍ତ୍ତ ଉପସ୍ଥାପନ କରିଥିବା ୬ ପ୍ରଜାଙ୍କ ଆପତ୍ତି ଶୁଣିବା ପରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ୫ ମେଟ୍ରିକ ଟନ ବୃହତ ଇସ୍ପାତ ଶିଳ୍ପ ପାଇଁ ମଙ୍ଗଳବାର ଦ୍ୱିତୀୟ ଗ୍ରାମସଭା ସଫଳତାର ସହ ସରିଛି। ଲୋକଙ୍କ ଦାବିଗୁଡ଼ିକୁ ଆମେ ସରକାରଙ୍କ ନିକଟରେ ପହଞ୍ଚାଇବୁ। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ କହିଛନ୍ତି, ବୃହତ ଇସ୍ପାତ ଶିଳ୍ପ ପାଇଁ ଦ୍ୱିତୀୟ ଗ୍ରାମସଭା ସୂଚାରୁ ରୂପେ ସମ୍ପନ୍ନ ହୋଇଛି। ଗ୍ରାମସଭା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା। କୌଣସି ଅପ୍ରୀତିକର ଘଟଣା ଘଟିଥିବା ଦେଖିବାକୁ ମିଳି ନ ଥିଲା। ଜମି ହରାଇବାକୁ ଥିବା ଲୋକମାନେ ୩୩ ଦଫା ସମ୍ବଳିତ ଦାବିପତ୍ର ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

ଆୟୋଜିତ ଗ୍ରାମସଭାରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ମନୋଜ କୁମାର ମହାନ୍ତ, ୱାର୍ଡମେମ୍ବର ଦିବାକର ନାଏକ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସମ୍ଭାବ୍ୟ ଗଣ୍ଡଗୋଳକୁ ଆଖି ଆଗରେ ରଖି ସଭାସ୍ଥଳର ବିଭିନ୍ନ ପ୍ରବେଶ ପଥରେ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଆଇନ ଶୃଙ୍ଖଳା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ, ଚାମ୍ପୁଆ ଏସ୍‌ଡିପିଓ ରଶ୍ମି ରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀରଞ୍ଜନ ସାହୁ, ହେଡ୍ କ୍ୱାର୍ଟର ଇନ୍ସପେକ୍ଟର ମାନସ କୁମାର ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାମସଭାରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ।

## ଗ୍ରାମସଭା ବିରୋଧରେ ବିକ୍ଷୋଭ

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଚେମେଣା ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମରେ ମଙ୍ଗଳବାର ଗ୍ରାମସଭା ଅନୁଷ୍ଠିତ ହୋଉଥିଲା। ତେବେ ପ୍ଲାଣ୍ଟକୁ ବିରୋଧ କରି ଉକ୍ତ ସଭା ସ୍ଥଳକୁ କୋଡ଼ଖମଣ, ଯମୁନାପୋଷି, ବରୁଡ଼ିପୋଷିର ୨୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯାଉଥିବା ବେଳେ ପୋଲିସ ବାରଡାଙ୍ଗୁଆ କୋଡ଼ଖମଣ ରାସ୍ତା ପାଖ ପୋଖରୀ ନିକଟରେ ଆନ୍ଦୋଳନକାରୀଙ୍କୁ ଅଟକାଇ ଥିଲା। ଗ୍ରାମ ସଭାର ୫୦୦ ମିଟର ଦୂରରେ ଆନ୍ଦୋଳନକାରୀମାନେ ପ୍ଲାଣ୍ଟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ମହିଳା, ପୁରୁଷ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତା ଜୟଦେବ ମହାନ୍ତ, ମନୋରଞ୍ଜନ ନାଏକ ଓ ଦୁଃଖବନ୍ଧୁ ମହାନ୍ତଙ୍କ ନେତୃତ୍ୱରେ ଗ୍ରାମ ସଭାକୁ ବିରୋଧ କରି ବିକ୍ଷୋଭ କରିଥିଲେ।

# ଆଇସିସି ଚାପରେ ମୁଣ୍ଡ ନୁଆଁଇବ ନାହିଁ ବାଂଲାଦେଶ

ଢାକା,୨୦।୧(ପି.ଟି.)

ଆସନ୍ତା ୭ ତାରିଖରୁ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ବାଂଲାଦେଶ ଦଳ କୌଣସି ପରିସ୍ଥିତିରେ ଭାରତ ଯିବନାହିଁ। ୨୧ ତାରିଖ ସୁଦ୍ଧା ଭାରତରେ ଖେଳିବ କି ନାହିଁ ତାହା ସ୍ପଷ୍ଟ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି)କୁ ଅଲ୍ଟିମେଟମ ଦିଆଯିବା ପରେ ବାଂଲାଦେଶ

## ଟି୨୦ ବିଶ୍ୱକପ୍ ବିବାଦ

ସରକାରଙ୍କ ସ୍ପୋର୍ଟ୍ସ ଆଡଭାଇଜର ଆସିଫ ନାଜ୍ରୁଲ ମଙ୍ଗଳବାର ଏଭଳି ପ୍ରତିକ୍ରିୟା ରଖିଛନ୍ତି। ଭାରତ ଟ୍ରାଭେଲ ନ କରିବା ଲାଗି ବିସିବି ଯଦି ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ୨୦ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ର୍‍ୟାଙ୍କିଙ୍ଗ୍ ଆଧାରରେ ବାଂଲାଦେଶ ବଦଳରେ ସ୍କଟ୍‌ଲାଣ୍ଡ ଖେଳିବ।

'ଆମ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରାଯିବା ସମ୍ପର୍କରେ ମୁଁ ଅବଗତ ନୁହେଁ। ଯଦି ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଚାପରେ ମୁଣ୍ଡ ନୁଆଁଇ ଆମ ଉପରେ ଅଯୁକ୍ତିଯୁକ୍ତ ସର୍ତ୍ତ ମାଧ୍ୟମରେ ଚାପ ପକାଏ, ତେବେ ଆମେ ସେହି ସର୍ତ୍ତ ମାନିବୁ ନାହିଁ। ଅତୀତରେ ଉଦାହରଣ ରହିଛି ଯେ, ଭାରତ ଟ୍ରାଭେଲ କରିବାକୁ ପାକିସ୍ତାନ ମନା କରିଥିଲା ଓ ଆଇସିସି ଭେନ୍ୟୁ ବଦଳାଇଥିଲା। ଆମେ ସେମାନଙ୍କୁ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଯଥାର୍ଥ କାରଣ ଦେଇଥିଲୁ। ଆମ ଉପରେ ଭାରତରେ ଖେଳିବାକୁ ଚାପ ପକାଯାଇ ପାରିବ ନାହିଁ ବୋଲି ନଜ୍ରୁଲ କହିଛନ୍ତି। ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ହଟାଯିବାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏହାର ଜବାବରେ ସୁରକ୍ଷାଗତ କାରଣ ଦର୍ଶାଇ ବିସିବି ବାଂଲାଦେଶ ଦଳକୁ ଭାରତ ପଠାଇବ ନାହିଁ ବୋଲି କହିଥିଲା। ବିସିବି ତା'ର ସମସ୍ତ ୪ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବାକୁ ଚାହୁଁଥିବା ଇଚ୍ଛା ପ୍ରକଟ କରିଥିଲା। ବାଂଲାଦେଶ ଗ୍ରୁପ୍-ସି'ରେ ଇଟାଲୀ, ନେପାଳ ଓ ଇଂଲଣ୍ଡ ସ୍ଥାନ ପାଇଥିବା ବେଳେ ଢାକାଠାରେ ବସିଥିବା ଗତ ବୈଠକରେ ବିସିବି ଆଇସିସି ଅଧିକାରୀଙ୍କ ନିକଟରେ ଗ୍ରୁପ୍-ବି'ରେ ଆୟର୍ଲାଣ୍ଡ ସହ ଅଦଳବଦଳ କରିବାକୁ ପ୍ରସ୍ତାବ ଦେଇଥିଲା। ଯାହାଫଳରେ ବାଂଲାଦେଶ ତା'ର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିପାରିବ।

# ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ: ସେମିରେ ବଲାଙ୍ଗୀର ୱାଇଏସ୍‌ସିସି

ସୋନପୁର,୨୦।୧(ମୃତ୍ୟୁଞ୍ଜୟ ଶତପଥୀ)



ଅନୁଗୋଳର କାର୍ତ୍ତିକ ନାଇଡୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ୩୭ତମ ସର୍ବ ଭାରତୀୟ ଲାଲମନି କ୍ରିକେଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ୧୮ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚ ବଲାଙ୍ଗୀର ୱାଇଏସ୍‌ସିସି ଏବଂ ଅନୁଗୋଳ ଏସିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮ ଉଇକେଟ ହରାଇ ୧୫୬ ରନ କରିଥିଲା। ଜବାବରେ ବଲାଙ୍ଗୀର ଦଳ ୧୫.୧ ଓଭରରେ ୩ ଉଇକେଟ ହରାଇ ୧୫୭ ରନ କରି ବିଜୟ ହାସଲ କରିଥିଲା। ସେହିପରି ଟି୧୦ ମ୍ୟାଚରେ ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୩୯ ରନ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ନାଇଡୁ ୮୬ ଓ ରଘୁନାଥ ମଲ୍ଲ ୨୭ ରନ କରିଥିଲେ। ଜବାବରେ ବଲାଙ୍ଗୀର ଦଳ ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୦୦ ରନ କରିବାରେ ସମର୍ଥ ହୋଇଥିଲା। ବଲାଙ୍ଗୀର ଦଳ ପକ୍ଷରୁ ଅରବିନ୍ଦ ୪୮ ରନକରିଥିଲେ। ଅନୁଗୋଳ ଦଳ ପକ୍ଷରୁ ଆୟୁଷ କୁମାର ସର୍ବାଧିକ ୪ଟି ଉଇକେଟ ହାସଲ କରିଥିବା ବେଳେ ଆନନ୍ଦ ଓ ସୌରଭ ଗୌଡ ୨ ଲେଖାଏଁ ଉଇକେଟ ହାସଲ କରିଥିଲେ। ଉଭୟ ଦଳ ଗୋଟାଏ ଲେଖାଏଁ ମ୍ୟାଚ ଜିତିବା ପରେ ସୁପର ଓଭର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ସୁପର ଓଭରରେ ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧ ଓଭରରେ ୧୨ ରନ କରିଥିଲେ। ୧୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରି ବଲାଙ୍ଗୀର ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ସୋନପୁର ବିଡିଓ ପ୍ରତୀକ କୁମାର କର ଓ ସମ୍ମାନିତ ଅତିଥି ଭାବେ ରାଇସ ମିଲର୍ସ ଆସୋସିଏଶନର ଆଶିଷ ରଞ୍ଜନ ବାବୁ ଯୋଗ ଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମ୍ୟାନେଜର ଶ୍ୟାମକୁମାର ମହାଲିଙ୍ଗ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଅନୁଗୋଳର ଖେଳାଳି କାର୍ତ୍ତିକ ନାଇଡୁଙ୍କୁ ପ୍ରଦାନ କରିଥିଲେ। ସମୀର ପାଣିଗ୍ରାହୀ ଓ ବିଶ୍ୱଜିତ ପୁରୋହିତ ମ୍ୟାଚ ପରିଚାଳନା କରିଥିଲେ।

## OFFICE OF THE COLLECTOR & DISTRICT MAGISTRATE, SUNDARGARH
**(Culture Section)**

E-mail id: dcosng@gmail.com/ Office Phone No.06622-274130

Letter No. 35 Dated: 19.01.26

**INVITATION OF THE TENDER**

**No.RR-43 : Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha**

District Culture Officer, Sundargarh under the Odia Language, Literature & Culture Department, Government of Odisha (The Client) invites sealed proposals (under two bid systems) from the eligible bidders through tender process for **"Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha"**. Bidders fulfilling the prescribed eligibility criteria of the tender can access and download the complete the tender Document and other details from **sundargarh.odisha.gov.in**

OIPR-

Sd./- District Culture Officer, Sundargarh

## OFFICE OF THE NOTIFIED AREA COUNCIL, KHARIAR

AT/PO-KHARIAR, Dist-NUAPADA, PIN-766107
e-mail:khariarn.hud@ori.nic.in, khariarnac@gmail.com

Letter No.207/NAC KHR Dated 17.01.2026

**1st Corrigendum**

**No.C-2127:** Due to some typographical error the following changes have been made to Tender Call Notice No.134, Dt.13.01.2026.

1. Work Sl.No. 29 of DTCN the Cost of Tender Paper i.e. column No.05 may read as Rs.2000/- instead of Rs.4000/-.

All other terms & condition of above Tender Call Notice are remain unaltered.

OIPR-

Sd./- Executive Officer NAC, Khariar

## OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL

**Corrigendum to bid identification No.C.C.E.DKL(R&B)15/2025-26**

**No.B-997:** The bid invited vide Bid Identificaiton No. C.C.E.DKL(R&B) 15/2025-26 vide letter No.83, dt.08.01.2026 has been modified as follows.

1. The Bid document for the above notice will be available in the website: www.tendersodisha.gov.in from Dt.28.01.2026 to 5.00 P.M. of Dt.11.02.2026 for online bidding and shall be opened at 11.00 AM on Dt.12.02.2026.

All other terms and conditions of the above tender call notice will remain unchanged.

OIPR-

Sd./- C.C.E., Dhenkanal (R&B) Circle, Dhenkanal

## OFFICE OF THE PANCHAYAT SAMITI, GAISILET

AT/PO/PS : Gaisilet, Dist. : Bargarh (Odisha), PIN : 768037
E_Mail ID : ori-gaisilet@od.gov.in
No.209/Dt.17.01.2026

**"e"-procurement Notice**

**Bid Identification No. BDO/Gaisilet/03/2025-26**

**No.i-483** : Bid docuemnts consistig of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. **www.tendersodisha.gov.in**

1. Nature of work : Civil works
2. No. of works : 2
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 21.01.2026, 11.00 A.M. to 04.02.2026, 5.00 P.M.
6. Last date/time for receipt of Bids in the portal : Dt.04.02.2026 up to 5.00 P.M.
7. Bids received online shall be opened on : Dt.05.02.2026 at 11 A.M.
8. Name and address of the Officer inviting Bid : Block Development Officer, Gaisilet

Further the details can be seen from the procurement Portal www.tendersodisha.gov.in

OIPR-

Sd./- Block Development Officer Gaisilet

## DISTRICT PROJECT OFFICE SAMAGRA SIKSHA, MAYURBHANJ

**TENDER CALL NOTICE**

No: 167 Dated: 13.1.2026

**FOR PRINTING OF QUESTION-CUM- ANSWER SHEET, ORAL QUESTION, SCORING KEYS FOR SUMMATIVE ASSESSMENT-II FOR CLASSES -I TO IV AND VI, VII & ANNUAL EXAMINATION FOR CLASSES – V & VIII 2025-26.**

**No.n-237** : Sealed Quotations under two bid systems are invited from registered Offset Printers/firms for Printing, Packing and Supply of Summative Assessment -II (SA-II) for Classes I to IV and VI, VII & Annual Examination for Classes - V & VIII 2026 for Mayurbhanj District. The tender papers/bid documents containing detailed specification with terms and conditions in 2 part bidding ie., application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in. Cost Tender processing fees Rs.4000.00 (Rupees Four Thousand) Only (Non-Refundable). The last date & time for submission of sealed tender is 30.01.2026 at 2 pm and the tech bid will be opened on 31.01.2026.

OIPR-

Sd./- Collector-cum-Chairman SS, Mayurbhanj

## GOVERNMENT OF ODISHA OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA

No.A-1287

**Notice Invitation of Tenders**

**e-Procurement Notice No.-08/2025-26 on dated 16.01.2026**

E-mail Id : eenidnimapara@gmail.com

1. Type of Work : Canal, Bridge & River Embankment & Building Works.
2. Total No. of Work : 21 (Twenty One) Nos.
3. Bid Security (EMD) in Rupees : Refer to DTCN
4. Cost of Bids in Rupees : Rs.4,000/- to Rs.6,000/-
5. Class of Contractors : "B", "C" & "D" Class
6. Period of Completion : Refer to DTCN

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-204/2025-26 to NID-224/2025-26 | Rs.8.53 to Rs.49.66 | From 22.01.2026 11.00 A.M. to 05.02.2026 5.30 P.M. |

Date of opening of the Bid : **06.02.2026 at 11.00 A.M.**
Further details can be seen from the Govt. Website www.tendersodisha.gov.in

OIPR-

Sd./- Superintending Engineer Nimapara Irrigation Division, Nimapara

## Government of Odisha "E" Procurement Notice OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II

E-mail ID : eepwd765017@gmail.com, Phone - (06856)233066

**Short Bid Identification No: RC (RANDB) RGD No-II 19/2025-26 (Online tender)**

NO.B-994

No. 180 Dated : 16.01.2026

1. Total No. of the works :- 17 No's of works **(Single cover System)**
2. Approximate estimated Cost: Rs 2.38 to 36.53 Lakhs
3. Period of completion : 01 (One) Calendar month
4. Date & Time of availability of bid document in the portal:-**11.00 Hrs. of dated 22.01.2026 to 17.00 Hrs. of dated 29.01.2026 for online bidding.**
5. Last date/Time for receipt of bids in the portal: - Up to 17.00 Hrs. of **dated 29.01.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated 30.01.2026**
8. Further details can be seen from the e-Procurement portal: **www.tendersodisha.gov.in**.
9. Further Addendum/Corrigendum if any will be hosted in the above website only.

OIPR-

Sd./- Superintending Engineer Rayagada (R&B) Division No-II

## Modal Bidding Document Government of Odisha Health and Family Welfare Department,Odisha OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL

**QUOTATION/TENDER CALL NOTICE**

**Advt. No. 557/2026 Dated : 17.01.2026**

**No.E-683** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 2(No's) of AC Petrol/ Diesel driven vehicles having sitting capacity not more than 5(five) including driver. Which shall conform to the Terms and Condition (Annexure-I & A) for official use in DHH and SDH of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc.will be available with website (https://kandhamal.odisha.gov.in, the Quotation completed in all respect should reach the undersigned on or before **10.02.2026** by the **5.00 P.M.** through speed post/courier and shall be opened on **12.02.2026 at 11.00 A.M.** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

OIPR-

sd./- S.K. Padhi
Chief District Medical & PHO, Kandhamal

## PANCHAYAT SAMITI, BARKOTE : DIST-DEOGARH

No. 259 /Dev. Date 17.01.2026

**TENDER CALL NOTICE**

**No.i-481** : The Block Development Officer, Barkote on behalf of Govt. of Odisha invites sealed tenders for 05 (Five) Nos of work under Panchayat Samiti, Barkote in percentage rate basis (P1). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B)/ Water Resource/Rural Works/M.I./C.P.W.D. are eligible to submit the tender paper for following works eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website, i.e. **https://deogarh.odisha.gov.in/**

OIPR-

Sd./- Block Development Officer Barkote

## GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No.(0663)- 2412791 (Off.) E-mail: eemisbp@yahoo.co.in
No.149/ Date 09.01.2026

No.A-

**e-PROCUREMENT NOTICE**

**BID REF NO. SE, MID, SBP/16/2025-26**

- Name of Work : Civil Construction Works
- No. of Works : 11 (Eleven) Nos.
- Estimated Cost : Various from approximately Rs.34.59 lakh to Rs.49.99 Lakh 11 No. of works (Rs.458.91 Lakh)
- Tender Paper Cost : Referred to DTCN
- Period of Completion : Referred to DTCN
- Availability of bid through online : From dt.19.01.2026 at 11.00 AM to dt.31.01.2026 upto 05.30 PM in website (http://tendersodisha.gov.in)
- Period of receipt of bid through online : From dt.19.01.2026 at 11.00 AM to dt.31.01.2026 upto 05.30 PM through online
- Date of opening of bid documents : On dt.02.02.2026 at 10.00 AM onwards.
- Digital Signature Certificate of Bidder : The Bidder must possess compatible digital signature certificate (DSC) of Class-II or Class-III

**The detail tender call notice can also be seen in the DOWR website- http://tendersodisha.gov.in**

- Name & Address of the OIT : Superintending Engineer, M.I.Division, Sambalpur At-Motijharan, PO-B.S.S. Nagar, Dist-Sambalpur PIN-768001, Ph-0663-2412791 E-mail ID- eemisbp@yahoo.co.in
- Further details can be seen from the e-Procurement market place. : http://tendersodisha.gov.in.

OIPR-

Sd./- Superintending Engineer M.I. Division, Sambalpur

## GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE SUPERINTENDING ENGINEER BARGARH IRRIGATION DIVISION, BARGARH

email Id:- eecanalbgh11@gmail.com

**e-Procurement Notice No.BID-07/2025-26, Dt.15.01.2026**

**No.A- Bid Identification No.CDT-07 (01)/ 2025-26 (Online)**

| | | |
|---|---|---|
| 1. | Name of the Work | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh |
| 2. | Total No. of Work | 1 No. |
| 3. | Estimated Cost | Rs.11.31 Lakh (approx.) |
| 4. | Class of Contractor | D & C with HT License |
| 5. | Period of Completion | 30 (Thirty) Days |
| 6. | EMD Required | Rs.11,400 |
| 7. | Online for bidding | Dt.20.01.2026 at 10.00 AM to 29.01.2026 at 05.00 PM |
| 8. | Last Date & Time of seeking of tender clarification | Dt.27.01.2026 upto 01.00 P.M. |
| 9. | Date & Time of opening of tender | Dt.30.01.2026 at 11.00 A.M. |
| 10. | Name & Address of the Officer Inviting Bid | Superintending Engineer, Bargarh Irrigation Division, Bargarh-768028 Email id:eecanalbgh11@gmail.com |

1.Any addendum/corrigendum/cancellation/erratum of tender can also be seen in the said website. 2. Further details can be seen from Government Website http://tendersodisha.gov.in.

OIPR-

Sd./- Superintending Engineer Bargarh Irrigation Division, Bargarh

## ODISHA HYDRO POWER CORPORATION LTD.

OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA)
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-WK-121 (Vol-II)/428 Date : 17.01.2026

**TENDER CALL NOTICE NO. HHEP-08/2026**

**No.CAD-3060** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors / Channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of LED Tube Lights and LED Street light fittings to HHEP, Burla as per Tender Specification | Rs. 7080/- (Rs. 6000 + GST @ 18%) | 11020/- |

- Sale of tender paper : **21.01.2026 (10.00AM) to 02.02.2026 upto 05.30PM**
- Receipt of tender paper : **03.02.2026 upto 03.30PM**
- Date & time of opening of tender : **03.02.2026 at 04.00PM**
- Further details like tender documents / terms & conditions (corrigendum / erratum / addendum, if any), please visit our official website **www.ohpcltd.com**

OIPR-

Sd./- C & P Head, HHEP, Burla

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

**Order No. 288 Date. 16.01.2026**

**Quotation Call Notice No. CCEEC-01/2025-26**

**No.B-996** : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/ agencies/ Proprietor for the District level Subhadra Shakti Mela along with Meghasani Music Festival 2026 to be held at Chhau Ground, Baripada from 02.02.2026 to 08.02.2026 ( for 7 days). The interested organizations can download in the e- procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from 11.00 A.M. of 20.01.2026 to 4.00 P.M of 27.01.2026. The bidders must possess compatible Digital Signature Certificate of Class II or III. Quotations received online shall be opened at **4.30 PM of 27.01.2026** in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal **www.tendersodisha.gov.in**.

Any addendum / corrigendum / cancelation of tender can also be seen in the said website only.

The authority reserves the right to cancel the tender/quotation at any time without assigning any reason.

OIPR-

Sd./- Chief Construction Engineer, Eastern Circle (R&B), Balasore

No.CAD-3061

## INSTITUTE OF MATHEMATICS AND APPLICATIONS

Science & Technology Department, Govt. of Odisha
Andharua, Bhubaneswar -751029

Ref: No. IMA/79/82/2026 Date: 19/01/2026

**P. G. MERITORIOUS SCHOLARSHIP IN SCIENCE, MATHEMATICS AND BIOTECHNOLOGY**

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics, Govt. of Odisha have introduced a scholarship programme under the aegis of the State Council, Science & Technology Department, Odisha.

**Eligibility:**

(i) Applicant for the scholarship should be a permanent resident or domicile of Odisha.

(ii) Applicant who has **passed the regular full time Bachelor's Degree Examination** with **first class honours** or its equivalent from an University/College/Institute recognized by Government, in any of the branches mentioned above is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2025-26.**

(iii) The applicant must be pursuing two years full time/regular mode of Post-Graduation studies in any of the branches mentioned above in any Government University/College/Institution recognized by Government of Odisha/Government of India.

(iv) The scholarship will be the single scholarship which he/she can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source given by Govt.

(v) Applicants admitted to self-financing Post Graduate courses in any of the Government recognized colleges/institutions/universities in the State will be allowed to avail the P. G. Scholarship subject to the condition that, **parent's income from all sources not exceeding Rs. 6.00 lakh per annum.**

**How to apply:** Candidates are required to go through the guidelines thoroughly available in the website https://iomaorissa.ac.in/ or portal of S&T Deptt., Govt. of Odisha and apply in the prescribed application form (**Appendix-I of the guidelines**). Formats other than prescribed shall not be considered for the purpose. The filled in applications along with required documents need to reach the Director, Institute of Mathematics and Applications, Bhubaneswar-751029 by registered post or speed post (not by courier) **at the latest by Tuesday, February 10, 2026.** The candidates who have already applied as per earlier advertisement vide advertisement ref. no. IMA/79/1114/2025, dtd. 03/09/2025 & extension notification no. IMA/79/1351/2025, dtd. 04/11/2025 need not to apply again. However, the candidates whose applications were rejected vide notification no. IMA/79/1561/2025, dtd. 26/12/2025 may apply again.

**Date of Written Test:** The written test will held on **Sunday, February 22, 2026 from 10 AM - 12 Noon.**

OIPR-

Sd/ REGISTRAR

No.D-

## ODISHA PUBLIC SERVICE COMMISSION, CUTTACK

**1st Corrigendum to Advertisement No.03 of 2025-26 for Recruitment to the Post of Assistant Professor (Broad Speciality) of Government MCHs in the rank of Group-A, under Health & Family welfare Department**

1. The portion of the Advertisement relating to recruitment of **Radio Therapy (MKCG) (01-Post)** and **Radiation Oncology (01-Post)** is hereby cancelled. All the applications with respect to these **02 Disciplines** are also cancelled.
2. **Revised Vacancy Position :**
The revised vacancy position for **22 Disciplines** providing reservation to PwDs is as follows :

| Sl. No. | Name of the Discipline | Bench-mark disabilities that can be included | Total Vacancies | Posts to be reserved for PwD categories |
|---|---|---|---|---|
| (1) | (2) | (3) | (4) | (5) |
| 1. | Anaesthesiology | OL, LC, AAV WITH FULL FUCTIONAL HANDS | 25 | 1 |
| 2. | Anatomy | HH, OL, LC, AAV WITH FULL FUCTIONAL HANDS | 20 | 1 |
| 3. | Bio-chemistry | HH, OL, LC, AAV WITH FULL FUCTIONAL HANDS | 14 | 1 |
| 4. | E.N.T. | OL, LC, AAV WITH FULL FUCTIONAL HANDS | 4 | NIL |
| 5. | F.M. & T | HH, OL, LC, AAV WITH FULL FUCTIONAL HANDS | 5 | NIL |
| 6. | General Medicine | OL, LC, AAV WITH FULL FUCTIONAL HANDS | 21 | 1 |
| 7. | Microbiology | HH, OL, LC, AAV WITH FULL FUCTIONAL HANDS | 11 | NIL |
| 8. | O & G | OL, LC, AAV WITH FULL FUCTIONAL HANDS | 9 | NIL |
| 9. | Ophthalmology | OL, LC, AAV WITH FULL FUCTIONAL HANDS | 12 | NIL |
| 10. | Orthopaedic Surgery | HH | 12 | NIL |
| 11. | Paediatrics | OL, LC, AAV WITH FULL FUCTIONAL HANDS | 16 | 1 |
| 12. | Pathology | HH, OL, LC, AAV WITH FULL FUCTIONAL HANDS | 29 | 2 |
| 13. | Pharmacology | HH, OL, LC, AAV WITH FULL FUCTIONAL HANDS | 13 | 1 |
| 14. | Physiology | HH, OL, LC, AAV WITH FULL FUCTIONAL HANDS | 9 | NIL |
| 15. | Psychiatry | HH, OL, LC, AAV WITH FULL FUCTIONAL HANDS | 8 | NIL |
| 16. | Radio-diagnosis | HH, OL, LC, AAV WITH FULL FUCTIONAL HANDS | 10 | NIL |
| 17. | Community Medicine | HH, OL, LC, AAV WITH FULL FUCTIONAL HANDS | 33 | 2 |
| 18. | Dermatology | HH, OL, LC, AAV WITH FULL FUCTIONAL HANDS | 7 | NIL |
| 19. | General Surgery | OL, LC, AAV WITH FULL FUCTIONAL HANDS | 32 | 2 |
| 20. | T.B. & C.D. | OL, LC, AAV WITH FULL FUCTIONAL HANDS | 6 | NIL |
| 21. | Emergency Medicine | | 11 | NIL |
| 22. | Phy. Medicine & Rehabilitation | | 5 | NIL |
| | | Total | 312 | 12 |

3. The reservation of 12 vacancies in different Disciplines as above are reserved for the candidates having **Permanent Disability of 40% and above**.
4. The vacancies relating to UR, SEBC, SC, ST and Women categories remain unchanged as per Para-02 of the original advertisement.
5. The candidates belonging to Persons with Disabilities shall be adjusted against the categories to which they belong.
6. **Online Applications are invited ONLY from the PwD candidates who were eligible in terms of Age and Educational Qualification as per Para-3 & 4 of the original advertisement as on the last date of submission of Online Application of the said advertisement i.e. 26.06.2025. No application of any other candidates will be entertained and will be outrightly rejected.**
7. The PwD Candidates who have already applied earlier need not apply again.
8. **WRITTEN EXAMINATION:** The Written Examination for all the Disciplines will be held on **22.02.2026 (Sunday)**. The detailed scheduled and examination centres will be notified in due course.
9. All other terms and conditions of Advertisement No. 03 of 2025-26 shall remain unchanged.
10. The link for submission of Online Application shall be available on the website from **27.01.2026 to 03.02.2026 till 05:00 P.M. [ 03.02.2026, 05:00 P.M. is the deadline for submission of Registered Online Application]**.
11. Candidates are advised to visit official website of OPSC for further updates in this regard.

OIPR-

Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାତ୍ରୀ ଭିଡ଼ ଦୂର କରିବ ଅତିରିକ୍ତ କୋଚ୍

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ସମେତ କିଛି ଏକ୍ସପ୍ରେସ୍ ଟ୍ରେନ୍‌ରେ ଅସ୍ଥାୟୀ ଭାବରେ କୋଚ୍ ବୃଦ୍ଧି କରିଛି। ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୩ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରୁ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର ଶ୍ରେଣୀ କୋଚ୍ ସଂଯୋଗ କରାଯିବ, ଯାହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ। ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୫ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ। ୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ ସଂଯୋଗ କରାଯିବ।

# ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସକୁ ରିଜିଓନାଲ ପିଆର୍ ଆୱାର୍ଡ

ଭୁବନେଶ୍ୱର,୨୦।୧

ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସ ଶୀର୍ଷ ୨୦ଟି ପିଆର ଏଜେନ୍ସି ମଧ୍ୟରେ ଏକ ସ୍ଥାନ ପାଇବା ସହିତ ବେଷ୍ଟ ରିଜିଓନାଲ ପିଆର୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଜାନୁଆରୀ ୧୭ରେ ଅନୁଷ୍ଠିତ ସେରିମନି ଓଡ଼ିଶାର୨ ପିଆର ପ୍ରଫେସନାଲ ବିଜୟିତା ତ୍ରିପାଠୀ ଓ ପବିତା ମିଶ୍ର ଅଣ୍ଡର ୪୦ ଆୱାର୍ଡସ ବର୍ଗରେ ସମ୍ମାନିତ ହୋଇଛନ୍ତି । ବିଜୟିତା ତ୍ରିପାଠୀଙ୍କୁ ବେଷ୍ଟ କ୍ରିଏଟିଭ ଏଣ୍ଟରଟେନ୍‌ମେଣ୍ଟ କ୍ୟାମ୍ପେନ ଓ ପବିତା ମିଶ୍ରଙ୍କୁ ଲିଡିଙ୍ଗ ପିଆର କ୍ୟାମ୍ପେନ ଫର୍ ଷ୍ଟାର୍ଟଅପରେ ସମ୍ମାନିତ କରାଯାଇଛି। ଆଇଆର୍‌ପିଆର୍‌ଏ ୨୦୨୫ ପାଇଁ ସମ୍ମାନିତ ଜୁରି ପ୍ୟାନେଲରେ କମ୍ୟୁନିକେଶନ୍ସ, ମିଡିଆ ଓ କର୍ପୋରେଟ ପବ୍ଲିକ ରିଲେଶନ୍ସର ପ୍ରତିଷ୍ଠିତ ବିଶେଷଜ୍ଞ ଅର୍ଚ୍ଚନା ମୁଅପ୍ପା, କବିତା ଲଖାନି, ଜ୍ୟୋତ୍ସ୍ନା ଦାସ ନନ୍ଦ, ତନ୍ମନା ରଥ, ସ୍ମିତା ଶ୍ରୀବାସ୍ତବ ପ୍ରମୁଖ ସାମିଲଥିଲେ।

# ହାଇଦ୍ରାବାଦ, କୋଲକାତା ରୋଡ୍ ଶୋ'ରେ ୧,୬୭,୦୦୦ କୋଟି ନିବେଶ

## ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଓଡ଼ିଶାର ଅର୍ଥନୀତି ଏବେ ପାରମ୍ପରିକ ସମ୍ବଳ ଆଧାରିତ ଅର୍ଥନୀତିରୁ ଭବିଷ୍ୟତମୁଖୀ ଶିଳ୍ପ ଶକ୍ତି ଭାବେ ପରିଣତ ହେବାର ପଥରେ ଦୃଢ଼ ଗତିରେ ଆଗେଇ ଚାଲିଛି। ରାଜ୍ୟ ସରକାର ନୂତନ ଯୁଗର ପ୍ରଯୁକ୍ତିଗତ ଓ ଉଚ୍ଚ ବୃଦ୍ଧିଶୀଳ କ୍ଷେତ୍ରଗୁଡ଼ିକୁ କେନ୍ଦ୍ରକରି ନିବେଶ ଆକର୍ଷଣ ରଣନୀତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋଲକାତା ରୋଡ ଶୋ' ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରମ୍ପରିକ ଭାବେ ଇସ୍ପାତ, ଖଣି ଓ ଭାରୀ ଶିଳ୍ପରେ ପ୍ରସିଦ୍ଧ ଓଡ଼ିଶା ଏବେ ଆଇଟି ଓ ଆଇଟିଇଏସ, ଏରୋସ୍ପେସ ଓ ଡିଫେନ୍ସ, ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ, ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ, ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଭଳି ଆଧୁନିକ କ୍ଷେତ୍ରଗୁଡ଼ିକୁ ପ୍ରସାର କରୁଛି। ଏହି ରଣନୈତିକ ପରିବର୍ତ୍ତନ ହାଇଦ୍ରାବାଦ (ଡିସେମ୍ବର ୨୦୨୫) ଓ କୋଲକାତା (ଜାନୁଆରୀ-୨୦୨୬)ରେ ଅନୁଷ୍ଠିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସ୍ପଷ୍ଟ ହୋଇଛି। ଦୁଇ ସହରରେ ମୋଟ ୬ଟି ସେକ୍ଟର୍-ବିଶେଷ ରାଉଣ୍ଡଟେବୁଲ ଆଲୋଚନା ହୋଇଥିଲା। ହାଇଦ୍ରାବାଦରେ




ଫାର୍ମାସ୍ୟୁଟିକାଲ ଓ ଏରୋସ୍ପେସ ଓ ଡିଫେନ୍ସ ଉପରେ ଦୁଇଟି ରାଉଣ୍ଡଟେବୁଲ ହୋଇଥିଲା। କୋଲକାତାରେ ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ; ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ; ଏବଂ ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ୧୨୩ଟି କମ୍ପାନୀର ନେତୃତ୍ୱକାରୀ ଅଂଶଗ୍ରହଣ କରିଥିଲେ। ଫଳରେ ରାଜ୍ୟ ୧,୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ପାଇଛି, ଯାହା ଦ୍ୱାରା ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପାରାଦୀପ, ଧାମରା, ଗୋପାଳପୁର ଓ ଇଞ୍ଚୁଡ଼ି-ସୁବର୍ଣ୍ଣରେଖା ବନ୍ଦର ସହ ବିମାନବନ୍ଦର ଓ ରାସ୍ତା ସଂଯୋଗ ରହିଛି। ପ୍ଲଗ ଆଣ୍ଡ ପ୍ଲେ ଇଣ୍ଡଷ୍ଟ୍ରିଆଲ ପାର୍କ, ଏମଏସଏମଇ ପାର୍କ ଓ ଏସଇଜେ ନିବେଶକଙ୍କୁ ସୁବିଧା ଦେଉଛି। ଦକ୍ଷ ମାନବ ସମ୍ବଳ ପାଇଁ ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ୩ଟି ନୂତନ ବିଶ୍ୱସ୍ତରୀୟ ସ୍କିଲ ସେଣ୍ଟର ସ୍ଥାପନ ହେବ।

# ଟାଟା ମୋଟର୍ସର ୧୭ ନୂଆ ଟ୍ରକ୍

ଭୁବନେଶ୍ୱର,୨୦।୧

ଭାରତର ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଦେଶର ବୃହତମ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ଏହାର ୭-୫୫ ଟନ୍ ବିଶିଷ୍ଟ ପରବର୍ତ୍ତୀ ପିଢ଼ିର୧୭ଟି ନୂତନ ଟ୍ରକ୍‌ର ଶୁଭାରମ୍ଭ କରିଛି। ଏଥିରେ ଅତ୍ୟାଧୁନିକ ଟାଟା ଟ୍ରକ୍ସ. ଇଭି ସମ୍ଭାର ଏବଂ ପ୍ରିମା, ସିଗ୍ନା ଓ ଅଲ୍‌ଟ୍ରା ମଞ୍ଚର ଅପ୍‌ଗ୍ରେଡେଡ୍ ମଡେଲ ସାମିଲ ହୋଇଛି। ଏହି ଟ୍ରକ୍‌ଗୁଡ଼ିକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ (ଇସିଇ ଆର୍୨୯ ୦୩) ଅନୁଯାୟୀ ପ୍ରସ୍ତୁତ ହୋଇଛି। ଏହି ଅବସରରେ ଟାଟା ମୋଟର୍ସର ଏମ୍‌ଡି ଓ ସିଇଓ ଗିରିଶ ୱାଘ କହିଛନ୍ତି, 'ଭାରତର ଟ୍ରକିଙ୍ଗ୍ କ୍ଷେତ୍ର ଏବେ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଜାତୀୟ ସ୍ତରର ଅଭିବୃଦ୍ଧିକାରୀ ନୀତି ନିର୍ଦ୍ଧାରଣ, ଆଧୁନିକ ଭିତ୍ତିଭୂମି ଏବଂ ସୁରକ୍ଷା ଓ ଅଧିକ ଦକ୍ଷ ବହନକାରିତାକୁ ନେଇ ଆଗକୁ ବଢୁଛି।

# ଭୁବନେଶ୍ୱର ନରାକାସ୍‌ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,୨୦।୧

ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ଏସ୍‌ବିଆଇ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜା ଅଧ୍ୟକ୍ଷତାକରି କହିଥିଲେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୬ଟି ନରାକାସ୍ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଶକ୍ତି ପ୍ରଦାନ କରିବ। ଏସ୍‌ବିଆଇର ମଣ୍ଡଳ ବିକାଶ ଅଧିକାର ସାମଦେନ ଦୋରଜୀ ଲାମା ସ୍ୱାଗତ ଭାଷଣ ଦେଇଥିଲେ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ




(କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ଗ୍ରହଣ କରୁଥିବା କହି ଆନନ୍ଦ ପ୍ରକାଶ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଜାତୀୟ ସ୍ତରରେ ଏହି କମିଟି ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର କହିଛନ୍ତି, ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି। ଏସ୍‌ବିଆଇର ସଦସ୍ୟ ସଚିବ ତଥା ବି.ବି. ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆର୍‌ବିଆଇର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଦେଇଥିଲେ।

# ଏପ୍ରିଲରେ ବିଶ୍ୱସ୍ତରୀୟ 'ଭାରତ ଷ୍ଟିଲ୍ ସମ୍ମିଳନୀ'

ଭୁବନେଶ୍ୱର,୨୦।୧

ଭାରତ ବିଶ୍ୱସ୍ତରରେ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତ ଗଠନ କରିବାର ମଞ୍ଚ ପ୍ରସ୍ତୁତ କରୁଛି। ଏହି ଦିଗରେ 'ଭାରତ ଷ୍ଟିଲ୍ ୨୦୨୬' ନାମକ ୨ଦିନିଆ ବିଶ୍ୱସ୍ତରୀୟ ସମ୍ମିଳନୀ ଏପ୍ରିଲ ୧୬ ଓ ୧୭ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ। ଇସ୍ପାତ ମନ୍ତ୍ରଣାଳୟ ଆୟୋଜିତ ଏହି ସମ୍ମିଳନୀରେ ନୀତିନିର୍ମାତା, ପ୍ରଯୁକ୍ତି ବିଶେଷଜ୍ଞ ଓ ଶିଳ୍ପପତି ଏକାଠି ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଷ୍ଟିଲ ହେଉଛି ଆଧୁନିକ ଅର୍ଥନୀତିର ମେରୁଦଣ୍ଡ। ଉଚ୍ଚ ଅଟ୍ଟାଳିକା, ଜାହାଜ, ରାସ୍ତା, ହାଇସ୍ପିଡ୍ ରେଳ, ସ୍ମାର୍ଟ ସିଟି ଓ ଇଣ୍ଡଷ୍ଟ୍ରିଆଲ କରିଡର ସବୁଠାରେ ଷ୍ଟିଲ ହେଉଛି ଶକ୍ତିର ମୂଳାଧାର। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟରେ ଷ୍ଟିଲ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

भारत स्टील
Bharat Steel™

ଭାରତ ବିଶ୍ୱର ୨ୟ ବୃହତ୍ତମ ଷ୍ଟିଲ ଉତ୍ପାଦକ ଦେଶ। ସମ୍ମିଳନୀରେ ସ୍ଥିର ସପ୍ଲାଇ ଚେନ୍, ଡିଜିଟାଲାଇଜେଶନ, ଏଆଇ, ରୋବୋଟିକ୍ସ, ଗ୍ରୀନ୍ ହାଇଡ୍ରୋଜେନ, ସିସିୟୁଏସ୍ ଓ ସ୍କ୍ରାପ୍ ବ୍ୟବହାର ବିଷୟରେ ଆଲୋଚନା ହେବ। ଭାରତର ଲକ୍ଷ୍ୟ ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନ୍ ଓ ୨୦୪୭ ସୁଦ୍ଧା ୫୦୦ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ। ଏଥିପାଇଁ ପିଏଲ୍‌ଆଇ ଯୋଜନା, ଗ୍ରିନ ଷ୍ଟିଲ ରୋଡ୍‌ମ୍ୟାପ ଓ ଆର୍ ଆଣ୍ଡ ଡି ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ମିଳନୀରେ ୭୦୦ରୁ ଅଧିକ ବିଦେଶୀ ପ୍ରତିନିଧି, ସରକାରୀ ଅଧିକାରୀ, ପ୍ରାଇଭେଟ କମ୍ପାନୀ ଓ ନିବେଶକ ଯୋଗଦେବେ।

# Classified Everyday
**0674-2580101, 9692975378**




## GROOM WANTED

Beautiful Karan Girl 1999, 5'4", Bsc (Ag) MBA Serving Manager reputed Company "SUNASANSAR". 9937512659. D-18

Govt. Lecturer 43 ବୟସ୍କା ଖଣ୍ଡାୟତ Widow ନିଜ 12Yrs. ଝିଅଙ୍କ ସଙ୍ଗେ ରହୁଥିବା କନ୍ୟାଙ୍କ ପାଇଁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3133

ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 50 ବୟସ୍କା Ayurvedic Doctor ଅବିବାହିତା ରାଜପୁତ ଖାନ୍‌ଦାନ ଝିଅଙ୍କୁ ବରପାତ୍ର। ଯୋଗାଯୋଗ-9776705242. D-3132




## SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115




All types of physiotherapy and massage contact 9556924059 / 7656969134. D-3166

## EDUCATION

Students from low-income families pursuing +2 Commerce, BBA/ B.Com can benefit from complementary tuition classes at Satyanagar, Bhubaneswar. Contact-7303935646 to enhance your academic performance and career prospects. D-3163

## AFFIDAVIT

By virtue of an affidavit sworn before Executive Magistrate, Banki, dated 08.01.2026, I, Rajendra Pangari, Address: At- Kurumpada, P.O./P.S.- Baideswar, Dist.- Cuttack, declare that I have changed my name from Raja Pangari to Rajendra Pangari. Henceforth, I shall be known as Rajendra Pangari for all purposes.
Rajendra Pangari
D-3162

By virtue of an affidavit sworn before the Executive Magistrate, Rampur, dated 19.01.2026, I, Gyanendra Sahu, S/o.- Late Gouranga Sahu, Village- Dunguripali, P.O./P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purposes.
Gyanendra Sahu
D-3161

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୨୦୪/୨୦୧୫

ମହେନ୍ଦ୍ର କୁମାର ବାରିକ ..........ବାଦୀ
ବନାମ
ରାଜେନ୍ଦ୍ର ନାରାୟଣ ରାଉତ ଏବଂ ଅନ୍ୟମାନେ ..........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

୧. ରାଜେନ୍ଦ୍ର ନାରାୟଣ ରାଉତ, ପିତା- କୁଳମଣି ରାଉତ, ସା- ପ୍ଲଟ୍ ନଂ.- ୪୧୬, ପୋଷ୍ଟ/ଥାନା- ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୯. ରସା ବେୱା, ସ୍ୱାମୀ- ସ୍ୱର୍ଗତ ମାଧବ ବେହେରା, ୧୪. ଧୋବା ବେହେରା, ପିତା- ସ୍ୱର୍ଗତ ଗୌରାଙ୍ଗ ବେହେରା, ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ସୁନ୍ଦରପୁର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୭. ନିର୍ମଳ କୁମାର ସ୍ୱାଇଁ, ପିତା- ନିତ୍ୟାନନ୍ଦ ସ୍ୱାଇଁ, ସା- ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୧୮. ଉମାଶଙ୍କର ଜୟସାଲ, ପିତା- କପିଳ ଦେଓ ଜୟସାଲ, ୧୯. କୁମୁଦ ରଞ୍ଜନ ମହାନ୍ତି, ପିତା- ବୈକୁଣ୍ଠ ନାଥ ମହାନ୍ତି, ୨୦. ଆଲୋକ କୁମାର ଦାସ, ପିତା- ବଂଶୀଧର ଦାସ, ୧୮ ରୁ ୨୦ ପର୍ଯ୍ୟନ୍ତ ସମସ୍ତଙ୍କ ସା- ଏନ୍- ୫/୩୮୫, ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨୨. ସଞ୍ଜୟ ଦାସ, ପିତା- ରାଜେନ୍ଦ୍ର ପ୍ରସାଦ ଦାସ, ସା- ସାମିଆନ, ପୋଷ୍ଟ- କାଳକାଲା, ଥାନା- ବଡ଼ଚଣା, ଜିଲ୍ଲା- ଯାଜପୁର।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ. ୧, ୯,୧୪,୧୭,୧୮,୨୦ ଏବଂ ୨୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୨।୦୧।୨୦୨୬ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲି ସମ୍ପତ୍ତିର ବିବରଣୀ

ମୌଜା- ସୁନ୍ଦରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.୧୫୬, ସାବକ ପ୍ଲଟ୍ ନଂ. ୭୮୭, ଏରିଆ- ଏ.୦.୦୪୩ ଡି., ହାଲ୍ ଖାତା ନଂ. ୬୬୩, ହାଲ୍ ପ୍ଲଟ୍ ନଂ. ୨୫୦୨, ଏରିଆ- ପାର୍ଟ।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର, ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୬୦

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଳରାମ ମଲ୍ଲିକ**
ଆବିର୍ଭାବ: ୨୫।୧୦।୧୯୩୮
ତିରୋଧାନ: ୧୧।୦୧।୨୦୨୬
ବାପା, ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲିପାରୁନାହୁଁ। ତୁମ କଥା ସର୍ବଦା ମନେ ପଡ଼ୁଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାର: ପୁଅ- ଶ୍ରୀଧର, ବିଦ୍ୟାଧର, ସମୀର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ।
ଧ-୩୧୬୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ସୁମିତ୍ରା ନନ୍ଦୀ**
ବାଳକାଟୀ, ନନ୍ଦୀ ସାହି, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୨୧।୦୪।୧୯୬୬
ତିରୋଧାନ: ୩୧।୦୧।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପ୍ରଭୁ ତୁମକୁ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ।
ଶୋକସନ୍ତପ୍ତ:- ସ୍ୱାମୀ, ଦେଢଶୁର, ଦିଅର, ଯା, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ଝିଆରୀ, ଝିଆରୀଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୩୧୫୭

### ସ୍ମୃତି ତର୍ପଣ




**ସ୍ୱର୍ଗତ ଉମାପ୍ରସାଦ କର**
ଅବକାଶ ଲେନ୍, ପୁରୀ- ୨
୨୧ ଜାନୁଆରୀ ୨୦୨୬
ଆଜି ଆପଣଙ୍କର ପବିତ୍ର ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆମମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିଳାସିନୀ ପ୍ରଧାନ**
ସ୍ୱାମୀ ସ୍ୱର୍ଗତ ଭୀମ ପ୍ରଧାନ
ଗ୍ରାମ: ଲୋଧାଚୁଆ, ରଣପୁର, ଜିଲ୍ଲା- ନୟାଗଡ଼
ଆବିର୍ଭାବ: ୧୧।୧୦।୧୯୩୭
ତିରୋଧାନ: ୧୨।୦୧।୨୦୨୬
ବୋଉ! ହଠାତ୍ ଅସମୟରେ କାହିଁକି ଚାଲିଗଲୁ, କେତେ କାମ ଥିଲା ବୋଲି କହୁଥିଲୁ, ତୁମର ଶୂନ୍ୟସ୍ଥାନ କେବେବି ପୂରଣ ହେବନି। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ଜୀବନର ପାଥେୟ ହେଉ। ଉପରେ ଥାଇ ଟିକିଏ ଆମକୁ ଆଶୀର୍ବାଦ କରୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ବଡ଼ପୁଅ- ଗୋବିନ୍ଦ, ବୋହୂ- ରାଜଲକ୍ଷ୍ମୀ, ସାନପୁଅ- ସୁବାସ, ବୋହୂ- ସୁପ୍ରିୟା, ଝିଅ- ଭାରତୀ, ଜ୍ୱାଇଁ- ଜ୍ୟୋତିଶଙ୍କର, ସମସ୍ତ ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ନାତୁଣୀଜ୍ୱାଇଁ ଓ ନାତୁଣୀବୋହୂ ସହିତ ପରିବାରବର୍ଗ।
ଧ-୩୧୫୬

### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ।
ଧ-୩୧୫୮

### ଏକାଦଶାହ କ୍ରିୟା ଅବସରରେ



**ସ୍ୱର୍ଗତ ଡ. ରବୀନ୍ଦ୍ର ନାଥ ପଣ୍ଡା**
ସ୍ଥାନ- ବିଶାଣିଖରିଦା, ବାସନ୍ତୀ ଦୁର୍ଗା ମଣ୍ଡପ ପାଖ, ଚରମ୍ପା, ଭଦ୍ରକ
ଗ୍ରାମ: ଶୁଶୁଆ, ଅର୍ଣ୍ଣପାଳ, ଭଦ୍ରକ
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ହତଭାଗ୍ୟ: ଭାଇ- ସୁବାଷ, ପୁଅ- ସୁଶାନ୍ତ ଓ ଡ. ଶଶିକାନ୍ତ
ଧ-୩୧୬୫



## ପିଆଜ ଚାଷ

**ପି**ଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ପୂର୍ବରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଭାକୁର ମାଛରେ ଆଖିରୋଗ ଦେଖାଦେଲେ...

**ଭା**କୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।





## କଦଳୀଚାଷରେ ରୋଗପୋକ ଦମନ

**କ**ଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମିଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ। କଦଳୀଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ଏକ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ



ଡା.ନିରାକାର ଜେନା

**ସା**ଧାରଣତଃ ଶୀତଦିନେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ହ୍ରାସ ସମସ୍ତ ଗୋପାଳକ ଭାଇ ଓ ଭଉଣୀମାନଙ୍କର ଏକ ମୁଖ୍ୟ ସମସ୍ୟା। ଶୀତଦିନେ ବାୟୁମଣ୍ଡଳୀୟ ତାପମାତ୍ରା କମ୍ ହେବା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନେ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବା ପାଇଁ ଅଧିକ ଶକ୍ତି ଖର୍ଚ୍ଚ କରିଥାନ୍ତି। ଏହି କାରଣରୁ ଖାଦ୍ୟ ହଜମ ପ୍ରକ୍ରିୟା କମ୍ ହୋଇଥାଏ। ତେଣୁ ଖାଉଥିବା ଖାଦ୍ୟର ଠିକ୍ ଉପଯୋଗ ଶରୀରରେ ହୋଇ ନ ଥାଏ, ଫଳରେ ଦୁଗ୍ଧ ଉତ୍ପାଦନ କମିଯାଇଥାଏ। ତେଣୁ ଶୀତଦିନରେ ଯଦି ଠିକ୍ ଉପାୟ ଅବଲମ୍ବନ କରାଯାଇପାରିବ ତା'ହେଲେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ଠିକ୍ ରଖାଯାଇପାରିବ।

**ଦୁଗ୍ଧ ଉତ୍ପାଦନର ମୁଖ୍ୟ କାରଣ**

-ଶୀତଦିନେ ଗାଈ ଓ ମଇଁଷିମାନେ ନିଜ ଶରୀରକୁ ଗରମ ରଖିବା ପାଇଁ ବହୁତ ଶକ୍ତି ଖର୍ଚ୍ଚ କରିଥାନ୍ତି । ତେଣୁ ଶରୀରକୁ ଗରମ ରଖିବା ପାଇଁ ଖର୍ଚ୍ଚ ହେଉଥିବା ଶକ୍ତି ହିଁ ଦୁଗ୍ଧ ଉତ୍ପାଦନରେ ବାଧା ସୃଷ୍ଟି କରିଥାଏ। ଏହି କାରଣରୁ ଦୁଗ୍ଧ ଉତ୍ପାଦନ ଧୀରେ ଧୀରେ କମିଯାଇଥାଏ।


➤ଶୀତଦିନେ ଥଣ୍ଡା ଲାଗିବା ଯୋଗୁ ଦୁଧିଆଳୀ ଗାଈ ଓ ମଇଁଷିମାନେ ପାଣି ପିଇବାକୁ ମନ କରିଥାନ୍ତି କିମ୍ବା କମ୍ ପାଣି ପିଇଥାନ୍ତି । କିନ୍ତୁ ଦୁଗ୍ଧର ମୁଖ୍ୟ ଉପାଦାନ ହିଁ ପାଣି, ଯାହା ହେଉଛି ପାଖପାଖି ୮୦ ରୁ ୯୦ ପ୍ରତିଶତ। ତେଣୁ ଶୀତଦିନେ କମ୍ ପାଣି ପିଇବା ଯୋଗୁ ଦୁଗ୍ଧର ଜଳୀୟ ଅଂଶ କମିଯାଇଥାଏ, ଯାହାଦ୍ୱାରା ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ହିଁ ପଡ଼ିଥାଏ।

➤ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ଥଣ୍ଡା ପ୍ରକୋପରେ ହଜମ ବା ପାଚନ ପ୍ରକ୍ରିୟା କମିଯାଇଥାଏ। ଫଳରେ ସେମାନେ ଖାଉଥିବା ଦାନା କିମ୍ବା ଚାରା ପୂରା ହଜମ ହୋଇ ନ ଥାଏ। ଫଳରେ ସେଗୁଡିକ ଶରୀରରେ ସମ୍ପୂର୍ଣ୍ଣ ଉପଯୋଗ ନ ହୋଇପାରିବା ଫଳରେ ଦୁଗ୍ଧ ଉତ୍ପାଦନ କମ୍ ହୋଇଥାଏ।

➤ଅତ୍ୟଧିକ ଥଣ୍ଡା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ପ୍ରାଣୀମାନଙ୍କ ଉପରେ ଷ୍ଟ୍ରେସ୍ ବା ଚାପ ପଡ଼ିଥାଏ। ଏହି କାରଣରୁ ସେମାନଙ୍କର ଦୁଗ୍ଧ ଉତ୍ପାଦନ ବ୍ୟାହତ ହୋଇଥାଏ।

➤ଶୀତ ଦିନେ ରାତି ଲମ୍ବା ଦିନ ଛୋଟ ହୋଇଥାଏ। ଫଳରେ ଦୁଧିଆଳୀ ଗାଈ ଓ ମଇଁଷିମାନେ ନିଜ ଶରୀର ପାଇଁ ଅଧିକ ପୋଷଣ ଉପଯୋଗ କରିଥାଏ। ଏହି କାରଣରୁ ସେମାନଙ୍କ ଶରୀରରେ ଭିଟାମିନ ଓ ଖଣିଜ ଲବଣ ବା ମିନେରାଲ କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ।

"ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଲୋ ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ୍, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ଏକ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ।"



➤ଅନେକ ସମୟରେ ଗୋପାଳକ ଭାଇ ଓ ଭଉଣୀମାନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ପାଇଁ ଶୀତଦିନେ ଚାରା ଓ ଦାନା ବଦଳାଇ ନ ଥାନ୍ତି କି ଶୀତଦିନରେ ସେମାନେ ଆବଶ୍ୟକ କରୁଥିବା ଖାଦ୍ୟ ଏବଂ ଚାରା ଦେଇ ନ ଥାନ୍ତି । ପୂର୍ବରୁ ଯାହା ଦିଆଯାଉଥିଲା ତାହା ଜାରି ରଖନ୍ତି, ଫଳରେ ଦୁଧିଆଳୀ ଗାଈ ଓ ମଇଁଷି କମ୍ ଦୁଗ୍ଧ ଉତ୍ପାଦନ କରିଥାନ୍ତି।

**ଦୁଗ୍ଧ ଉତ୍ପାଦନ ନ କମିବାର ସରଳ ଉପାୟ**

**ପିଇବା ପାଣିର ଠିକ୍ ମାତ୍ରା ଓ ତାପମାତ୍ରା**

ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ପ୍ରଥମ ଆବଶ୍ୟକତା ହେଉଛି ପର୍ଯ୍ୟାପ୍ତ ପରମାଣର ଉଷୁମପାଣି। ଥଣ୍ଡାପାଣି ପ୍ରାଣୀର ଶରୀରକୁ ଅତ୍ୟଧିକ ଥଣ୍ଡା କରିଦିଏ, ଫଳରେ ହଜମ ପ୍ରକ୍ରିୟା କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ। ଗାଈମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ୪୦ ରୁ ୬୦ ଲିଟର ଉଷୁମ ପାଣି ପିଇବାକୁ ଦେବା ଉଚିତ। ଉଷୁମପାଣି ଶରୀରକୁ ଉଷୁମ ରଖିବା ସହ ଖାଦ୍ୟ ହଜମ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଫଳରେ ଦୁଗ୍ଧ ଉତ୍ପାଦନ ବଢ଼ିଥାଏ।

**ସକାଳ ଖାଦ୍ୟ ମହତ୍ତ୍ୱପୂର୍ଣ୍ଣ**

ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଗ୍ରା ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ୧ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ। ମିନେରାଲମିକ୍ସ କ୍ୟାଲ୍‌ସିୟମ ଓ ଫସ୍‌ଫରସ୍‌ର ଅଭାବ ପୂରଣ କରିଥାଏ, ଫଳରେ ଦୁଗ୍ଧର ମାତ୍ରା ଏବଂ ଗୁଣବତ୍ତା ଠିକ୍ ରଖିଥାଏ। ତେଣୁ ଏହି ମିଶ୍ରିତ ଦାନା ସକାଳେ ୧୦ ପର୍ଯ୍ୟନ୍ତ ଦେଲେ ଦୁଗ୍ଧ ଉତ୍ପାଦନର ପାର୍ଥକ୍ୟ ଠିକ୍ ଭାବରେ ଅନୁଭୂତ ହେବ।

**ଚାରା ପରିଚାଳନା :** ଶୀତଦିନେ ଚାରା ପରିଚାଳନା ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କୁ ବର୍ସିମ ,ନେପିଏର, ବଜାର, ଜୁଆର ଆଦି ଘାସ ଖାଇବାକୁ ଦେବା ଉଚିତ। ଏହା ସେମାନଙ୍କୁ ଠିକ୍ ପୋଷଣ ଦେବା ସହ ଦୁଗ୍ଧ ଉତ୍ପାଦନ ଠିକ୍ ରଖିଥାଏ। ପ୍ରତିଦିନ ଗାଈମାନଙ୍କୁ ୨୦-୩୦ କି.ଗ୍ରା. କଞ୍ଚା ଘାସ ଏବଂ ମଇଁଷିମାନଙ୍କୁ ୩୦-୪୦ କି.ଗ୍ରା. କଞ୍ଚାଘାସ ଖାଇବାକୁ ଦେବା ଉଚିତ। ଏହାବ୍ୟତୀତ ସେମାନଙ୍କୁ ଆବଶ୍ୟକତା ଅନୁସାରେ ଶୁଖିଲା ଚାରା ଯଥା ଭୁଷି ,ଶୁଖିଲା ମକା ମଧ ଖାଇବାକୁ ଦେବା ଉଚିତ। (କ୍ରମଶଃ...)


-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ,
ତିହିଡ଼ି, ଭଦ୍ରକ
ମୋ : ୯୪୩୯୮୯୦୦୨୬

## ଡାଲୁଅ ଧାନ ତଳି ପ୍ରସ୍ତୁତି ସମୟରେ...



**ଡା**ଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି. ଜମିରେ ତଳି ପଡ଼େ) ପାଇଁ ତଳି କିଆରୀକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ୍ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରୀରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ୍ ।

## ପନିପରିବା ଚାଷ




**କୋ**ବିଜାତୀୟ ଫସଲରେ ଜଉପୋକ, ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

## ଆଖୁ ୪୫ଦିନର ହୋଇଯାଇଥିଲେ...

**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।



# ରାଶିର ଉନ୍ନତ କିସମ



**ରା**ଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କିଗ୍ରା ବିହନ ଆବଶ୍ୟକ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.), ପଟାସ (୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ପ୍ରାଣୀ ସମ୍ପଦ



**ବ**ନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ Bhubaneswar, Wednesday, January 21/ 2026

# ହାଇଦ୍ରାବାଦକୁ ଜିତାଇଲେ ଓଡ଼ିଶା ଖେଳାଳି



ଓଡ଼ିଶାର ଶୀଳାନନ୍ଦ ଲାକ୍ରା (ଡାହାଣ) ବଲ୍‌ନେଇ ଆଗେଇ ଯାଉଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଜିସି (ଗଭର୍ନିଂ କାଉନ୍ସିଲ)କୁ ପରାସ୍ତ କରିଛି। ଓଡ଼ିଶା ଖେଳାଳିଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁ ହାଇଦ୍ରାବାଦ ଏହି ରୋମାଞ୍ଚକ ବିଜୟ ହାସଲ କରିଛି। ହାଇଦ୍ରାବାଦ ପକ୍ଷରୁ ଜାଚାରି ୱାଲେସ ୬, ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ୮ମ ଓ ଶୀଳାନନ୍ଦ ଲାକ୍ରା ୨୭ତମ ମିନିଟରେ ଗୋଲ ଦେଇଥିବାବେଳେ ଜିସି ପକ୍ଷରୁ କେନ୍ ରସେଲ ୮ମ ଓ ୩୧ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରସେଲ ମାତ୍ର ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଓଡ଼ିଶାର ଅମନଦୀପ ଓ ଶୀଳାନନ୍ଦ ଘରୋଇ ପରିବେଶରୁ ବେଶ୍ ଫାଇଦା ଉଠାଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ହେଡ୍‌ଟୁ ହେଡ୍ ଦେଖିଲେ ଉଭୟ ଦଳ ୫ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ। ଏଥିରୁ ହାଇଦ୍ରାବାଦ ୩ ଓ ଜିସି ଦଳ ୨ଟିକୁ ଗୋଲରେ କନ୍‌ଭର୍ଟ କରିବାରେ ସକ୍ଷମ ହୋଇଥିଲା। ଉଭୟ ଦଳ ବିପକ୍ଷ ସର୍କଲକୁ ୭୩ଥର ଲେଖାଏ ଏଣ୍ଟ୍ରି କରିଥିଲେ। ତେବେ ବଲ୍ ଶୁଟ୍ କ୍ଷେତ୍ରରେ ଜିସି (୧) ତୁଳନାରେ ହାଇଦ୍ରାବାଦ ଦଳ (୫)

## ହକି ଇଣ୍ଡିଆ ଲିଗ୍

ଅଧିକ ଆକ୍ରମଣାତ୍ମକ ରହିଥିଲା। ଏଥି ସହ ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ୭ଟିଯାକ ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ, ୨ ପରାଜୟ ଓ ୨ ଲେଖାଏ ଶୁଟ୍ ଆଉଟ ପରାଜୟ ସହ ୧୧ ପଏଣ୍ଟ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ହାଇଦ୍ରାବାଦ ତୋଫାନ୍ସ ତୃତୀୟ ଓ ଏଚ୍‌ଆଇଏଲ୍ ଜିସି ୪ର୍ଥ ସ୍ଥାନରେ ରହିଛି। ଫଳରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସର ନକ୍‌ଆଉଟ ଆଶା ଶେଷ ହୋଇଛି। ଏହି ଦଳ ୯ ପଏଣ୍ଟ ପାଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି।



ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ।

# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି

**ନାଗପୁର,୨୦।୧(ପି.ଟି.):** ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଆଗାମୀ ଟି୨୦ ବିଶ୍ୱକପ୍‌କୁ ୩ ସପ୍ତାହରୁ କମ୍ ସମୟ ଥିବାରୁ ଏହି ସିରିଜ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ଏହି ସିରିଜ୍ ମାଧ୍ୟମରେ ଟି୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି କରିବେ। ଗତଥର ୨୦୨୪ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳର ରେକର୍ଡ ଖୁବ୍ ଭଲ ରହିଛି। ଦଳ ୭୨ ପ୍ରତିଶତରୁ ଊର୍ଦ୍ଧ୍ୱ ମ୍ୟାଚ୍ ଜିତିଛି। ଭାରତୀୟ ଟି୨୦ ଦଳ ଗତ ଦୁଇବର୍ଷ ମଧ୍ୟରେ କିଛି ହାତଗଣତି ମ୍ୟାଚ୍ ଛାଡ଼ି ଦେଲେ ପ୍ରାୟତଃ ମ୍ୟାଚ୍ ଜିତିଛି। ଟି୨୦ ଫର୍ମାଟ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତୀୟ ଦଳ ଭିନ୍ନ ଖେଳ ପ୍ରଦର୍ଶନ କରିଛି। ତାଙ୍କ ନେତୃତ୍ୱରେ ଦଳ ୨୫ରୁ ୧୮ ମ୍ୟାଚ୍ ଜିତିଛି। ଏଥିରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଓ ପ୍ରତିପକ୍ଷ ଦଳର ଇନିଂସ୍‌ର ମିଡଲ ଓଭରରେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ପ୍ରଦର୍ଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ଏକବର୍ଷ ମଧ୍ୟରେ ଭାରତରେ ଟେଷ୍ଟ ସିରିଜ୍ କ୍ଲିନ୍ ସୁଇପ୍ ଓ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ ସମେତ ଅନେକ କିଛି ପ୍ରଥମଥର ପାଇଁ ହାସଲ କରିଛି। ୨୦୨୪ ଟି୨୦ ବିଶ୍ୱକପ୍ ପରଠାରୁ ନ୍ୟୁଜିଲାଣ୍ଡ ୨୧ରୁ ୧୩ ଟି୨୦ ମ୍ୟାଚ୍ ଜିତିଛି। ଡେଭନ କନ୍‌ୱେ, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସଙ୍କ ଭଳି ବ୍ୟାଟର ଫର୍ମରେ ଥିବା ବେଳେ ଅଧିନାୟକ ମିଚେଲ ସାଣ୍ଟନର ଓ ବିଶ୍ୱର ନଂ.୧ ଟି୨୦ ପେସର ଜାକବ ଡଫିଙ୍କ ଉପସ୍ଥିତି ନ୍ୟୁଜିଲାଣ୍ଡ ଦଳକୁ ଅଧିକ ଶକ୍ତିଶାଳୀ କରିଛି।

ଦୀର୍ଘଦିନ ହେଲା ଫର୍ମ ସହ ସଂଘର୍ଷ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଲାଗି ଫର୍ମରେ ସୁଧାର ଆଣିବା ପାଇଁ ଏହି ସିରିଜ୍ ଶେଷ ସୁଯୋଗ ହେବ।



ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ।

# ଅଷ୍ଟ୍ରେଲିଆନ ଓପନ: ୨ୟ ରାଉଣ୍ଡରେ ସିନର, କିଜ୍

**ମେଲବୋର୍ନ,୨୦।୧**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗର ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନର ଓ ମାଡିସନ କିଜ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡରେ ପରାଜୟ ସହ ଫ୍ରାନ୍ସର ୩୯ ବର୍ଷୀୟା ଗାଏଲ ମନଫିଲ୍ସ ପେସାଦାର ଟେନିସରୁ ଅବସର ନେଇଛନ୍ତି।

ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୱାର୍ଲ୍ଡ ନଂ-୨ ସିନରଙ୍କୁ ୱାକଓଭର ମିଳିଥିଲା। ସେ ମ୍ୟାଚ୍‌ରେ ୬-୨, ୬-୧ ସେଟ୍‌ରେ ଆଗୁଆ ଥିବା ବେଳେ ଇଞ୍ଜୁରି କାରଣରୁ ତାଙ୍କ ପ୍ରତିପକ୍ଷ ଖେଳାଳି ହୁଗୋ ଗାଷ୍ଟନ ମ୍ୟାଚ୍ ମଧ୍ୟରୁ ଓହରି ଯାଇଥିଲେ। ନବମ ସିଡ୍ ଟେଲର ଫ୍ରିଜ୍ ୭-୬(୭-୫), ୫-୭, ୬-୧, ୬-୩ ସେଟ୍‌ରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମନଫିଲ୍ସ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୭-୬(୭/୩), ୫-୭, ୪-୬, ୫-୭ ସେଟ୍‌ରେ କ୍ୱାଲିଫାୟର ଡେନ ସ୍ୱିନୀଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କିଜ୍ ୭-୬(୮/୬), ୬-୧ ସେଟ୍‌ରେ ଓଲେକଜାଣ୍ଡ୍ରା ଓଲିନିକୋଭାଙ୍କୁ, ପଞ୍ଚମ ସିଡ୍ ଏଲିନା ରିବାକିନା ୬-୪, ୬-୩ ସେଟ୍‌ରେ କାଜା ଜୁଭାନଙ୍କ ଓ ଦଶମ ସିଡ୍ ବେଲିଣ୍ଡା ବେନକିକ୍ ୬-୦, ୭-୫ ସେଟ୍‌ରେ କେଟି ବୌଲ୍ଟରଙ୍କୁ ପରାସ୍ତ କରିଛନ୍ତି। ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ ୬-୩, ୨-୬, ୬-୩ ସେଟ୍‌ରେ ଚାଇନାର ଝାଙ୍ଗ ଶୁଇଙ୍କୁ ହରାଇଛନ୍ତି। ପ୍ରିଷ୍ଟନଙ୍କର ଏହାଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ବିଜୟ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ